READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୪ ସଂଖ୍ୟା-୧୬ ୦୪ - ୧୦ ମଇ, ୨୦୨୦ ଭୁବନେଶ୍ୱର Monday Weekly VOL-4 ISSUE-16 04th - 10th MAY, 2020 BHUBANESWAR ₹ 5/- (8 Pages)

# ଲକଡାଉନ୍ ୩.୦ : ୧୭ ପର୍ଯ୍ୟନ୍ତ ବୃଦ୍ଧି

## ରେଡ୍ ଜୋନ୍‌ରେ ଦେଶର ୧୩୦ ଜିଲ୍ଲା



**ନୂଆଦିଲ୍ଲୀ :** କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାର ଦେଶରେ ଲକ୍‌ଡାଉନ ଦୁଇ ସପ୍ତାହ ବୃଦ୍ଧି କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ମିଆଦ ରବିବାର (ମେ' ୩)ରେ ଶେଷ ହେବାକୁ ଯାଉଥିଲା ବେଳେ ଏହାକୁ ୧୭ ତାରିଖ ପର୍ଯ୍ୟନ୍ତ ବଢାଇ ଦିଆଯାଇଛି। ଲକ୍‌ଡାଉନ୍ ବୃଦ୍ଧି ପାଇବା ପରିପ୍ରେକ୍ଷୀରେ ବିମାନ ଓ ଟ୍ରେନ୍ ଚଳାଚଳକୁ ମଧ୍ୟ ସେ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଗତ ଶୁକ୍ରବାର କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତରେ ଜାରି ନୂଆ ମାର୍ଗଦର୍ଶିକାରେ କୁହାଯାଇଛି, ଯେଉଁ ଜିଲ୍ଲାରେ ଏ ପର୍ଯ୍ୟନ୍ତ ଜଣେ ହେଲେ କରୋନା ପଜିଟିଭ୍ ଚିହ୍ନଟ ହୋଇନାହାନ୍ତି ସେହି ଜିଲ୍ଲାକୁ ଗ୍ରୀନ୍ ଜୋନ ଭାବେ ବିବେଚନା କରାଯିବ। ସେହିପରି ଯେଉଁ ଜିଲ୍ଲାରେ କରୋନା ପଜିଟିଭ୍ ସଂଖ୍ୟା ଦ୍ରୁତଗତିରେ ଦ୍ୱିଗୁଣିତ ହେଉଥିବ ସେହି ଜିଲ୍ଲାକୁ ରେଡ୍‌ଜୋନ୍ ବା ହଟ୍‌ସ୍ପଟ୍ ଭାବରେ ଗ୍ରହଣ କରାଯିବ। ରେଡ୍ ଜୋନ୍‌ରେ ଦେଶର ୧୩୦ଟି ଜିଲ୍ଲା ଥିବାବେଳେ ଅରେଞ୍ଜ ଜୋନ୍‌ରେ ୨୮୪ ଓ ଗ୍ରୀନ୍ ଜୋନ୍‌ରେ ୩୧୯ ଜିଲ୍ଲା ରହିଛି। ଗ୍ରୀନ୍ ଓ ରେଡ୍ ଜୋନ୍ ମଧ୍ୟରେ ଆସୁଥିବା ଜିଲ୍ଲାଗୁଡ଼ିକୁ ଅରେଞ୍ଜ ଜୋନ୍ ଭାବରେ ବିବେଚନା କରାଯିବ।


➤ ପୃ-୬

## ରେଡ ଜୋନ୍‌ରେ ଓଡ଼ିଶାର ୩ ଜିଲ୍ଲା



**ଭୁବନେଶ୍ୱର :** କେନ୍ଦ୍ର ସରକାରଙ୍କ ରେଡ୍ ଜୋନ୍ ଓଡ଼ିଶାର ୩ ଜିଲ୍ଲା ଯାଜପରୁ, ଭଦ୍ରକ ଓ ବାଲେଶ୍ୱର ରହିଛି। ମେ' ୩ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ସରିବାକୁ ଯାଉଥିବା ବେଳେ ଏହାକୁ ପୁଣି ୧୪ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। କରୋନା ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଜିଲ୍ଲାଗୁଡ଼ିକୁ ୩ଟି ଜୋନ୍‌ରେ ବିଭକ୍ତ କରିଛନ୍ତି। ସବୁଠାରୁ ଉଦ୍‌ବେଗ ଜନକ ସ୍ଥିତି ହୋଇଥିବା ସ୍ଥାନକୁ ରେଡ୍ ଜୋନ୍‌ରେ ରଖାଯାଇଥିବା ବେଳେ ଏହା ପଛକୁ ଅରେଞ୍ଜ ଓ ଗ୍ରୀନ୍ ଜୋନ୍ ରହିଛି। ରେଡ୍ ଜୋନ୍‌ରେ କଟକଣାକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ରେଡ୍ ଜୋନ୍ ବ୍ୟତୀତ ଓଡ଼ିଶାରୁ ଅରେଞ୍ଜ୍ ଜୋନ୍‌ରେ ୬ ଓ ଗ୍ରୀନ୍ ଜୋନ୍‌ରେ ୨୧ଟି ଜିଲ୍ଲା ରହିଛି। ପୂର୍ବରୁ ରାଜ୍ୟରୁ ଗୋଟିଏ ଜିଲ୍ଲା ଖୋର୍ଦ୍ଧ କେନ୍ଦ୍ର ସରକାରଙ୍କ ରେଡ୍ ଜୋନ୍‌ରେ ଥିଲା। ଏବେ ଏହା ଅରେଞ୍ଜ ଜୋନ୍‌କୁ ଖସିଛି। ଗତ ୧୫ ଦିନ ମଧ୍ୟରେ ଏହି ଜିଲ୍ଲାରେ ସ୍ଥିତି ସୁଧୁରିବା ସହିତ ମାତ୍ର ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧା ସହିତ କେନ୍ଦ୍ରାପଡ଼ା, ଢେଙ୍କାନାଳ, ସୁନ୍ଦରଗଡ଼, କୋରାପୁଟ ଓ କଳାହାଣ୍ଡି ଜିଲ୍ଲା ଅରେଞ୍ଜ ଜୋନ୍‌ରେ ରହିଛି। ଅନ୍ୟ ଜିଲ୍ଲା ଗୁଡ଼ିକୁ ଗ୍ରୀନ୍ ଜୋନ୍‌ରେ ରଖାଯାଇଛି।

## କରୋନା ଯୋଦ୍ଧାଙ୍କୁ ସଲାମ



**ନୂଆଦିଲ୍ଲୀ :** କରୋନା ଯୋଦ୍ଧାଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଭାରତୀୟ ସେନା, ନୌସେନା, ବାୟୁସେନା ଓ ତଟରକ୍ଷୀବାହିନୀ ପକ୍ଷରୁ ଦେଶବ୍ୟାପୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ରାଷ୍ଟ୍ରୀୟ ପୋଲିସ ସ୍ମାରକୀ ଅବସରରେ ତିନି ସେନା ତରଫରୁ ଦେଶର ବିଭିନ୍ନ ସ୍ଥାନରେ କରୋନା ଯୋଦ୍ଧାଙ୍କ ଉପରେ ଭାରତୀୟ ଫାଇଟର ପ୍ଲେନ ଦ୍ୱାରା ପୁଷ୍ପ ବୃଷ୍ଟି କରାଯାଇଛି। ଭାରତର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ବିପିନ ରାୱତଙ୍କ ଘୋଷଣା କ୍ରମେ ଏହି ପଦକ୍ଷେପ ହାତକୁ ନିଆଯାଇଥିଲା। କରୋନା ଆକ୍ରାନ୍ତଙ୍କୁ ରୋଗମୁକ୍ତ କରିବା ପାଇଁ ନିରନ୍ତର ସେବା ବଜାୟ ରଖିଥିବା ଡାକ୍ତର, ନର୍ସ, ମେଡିକାଲ କର୍ମୀ, ପୁଲିସକର୍ମୀ, ସଫେଇକର୍ମୀ ଓ ମିଡିଆ କର୍ମଚାରୀଙ୍କ ପ୍ରତି ସମ୍ମାନ ଜଣାଇବା ପାଇଁ ଏପରି ଆୟୋଜନ କରାଯାଇଛି। ଜମ୍ମୁ-କଶ୍ମୀରର ଶ୍ରୀନଗରଠାରୁ କେରଳର ଥିରୁବନନ୍ତପୁରମ, ଆସାମର ଡିବ୍ରୁଗଡ଼ଠାରୁ ଗୁଜରାଟର କଚ୍ଛ ପର୍ଯ୍ୟନ୍ତ ବାୟୁସେନାର ଲଢୁଆ ଓ ମାଲବାହୀ ବିମାନ ଚଳାଚଳ ଏହାର ମୁଖ୍ୟ କାର୍ଯ୍ୟକ୍ରମ । ରବିବାର ବାୟୁସେନା ଓ ନୌସେନା ପକ୍ଷରୁ କରୋନା ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ଉଦ୍ଦିଷ୍ଟ ଡାକ୍ତରଖାନା ଉପରେ ପୁଷ୍ପ ବୃଷ୍ଟି କରାଯାଇଛି। ନୌସେନା ଓ ତଟରକ୍ଷୀବାହିନୀ ପକ୍ଷରୁ ଜାହାଜଗୁଡ଼ିକ ବଛାବଛା ବନ୍ଦରକୁ ସ୍ପର୍ଶ କରିଥିଲା।। ଭାରତୀୟ ସେନାର ବ୍ୟାଣ୍ଡପାର୍ଟି ଡାକ୍ତରଖାନା ବାହାରେ ବୀରବାଦ୍ୟ ବଜାଇ କରୋନା ଯୋଦ୍ଧାଙ୍କୁ ସମ୍ମାନିତ କରିଛନ୍ତି।

## ଅଳ୍ପ ଆଳାପ

### ଇଂ. ମାନସ ରଞ୍ଜନ ମହାନ୍ତି



ପୃଷ୍ଠା-୮

## ଅନ୍‌ଲାଇନ୍ ପାଠପଢ଼ାରେ ବାଧକ ସାଜିଛି ଧିମା ଇଣ୍ଟରନେଟ୍



**ଭୁବନେଶ୍ୱର :** ଲକ୍‌ଡାଉନ୍ ଲାଗି ରାଜ୍ୟ ଏବଂ ଦେଶରେ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ତେବେ ଘରୋଇ ସ୍କୁଲଗୁଡ଼ିକ ପିଲାଙ୍କ ପାଠପଢ଼ା ନେଇ ଚିନ୍ତିତ ଥିବା ବେଳେ ଅନ୍‌ଲାଇନ୍ ମାଧ୍ୟମରେ ଶିକ୍ଷାଦାନ କରୁଛନ୍ତି। ଏପରିକି କିଛି ନିର୍ଦ୍ଦିଷ୍ଟ ଆପ୍ସ ମାଧ୍ୟମରେ ପଢ଼ାଇବା ଲାଗି ବ୍ୟବସ୍ଥା ମଧ୍ୟ କରିଛନ୍ତି। ଫଳରେ ବର୍ତ୍ତମାନ ପାଠପଢ଼ା ଲାଗି ଆପ୍ସ ସାଜିଛି ମୁଖ୍ୟ ମାଧ୍ୟମ। ତେବେ ଅନେକ ପିଲାଙ୍କ ପାଖରେ ଆଣ୍ଡ୍ରୋଏଡ୍ ମୋବାଇଲ ନଥିବା ବେଳେ ଲକ୍‌ଡାଉନ୍ ଲାଗି ଇଣ୍ଟରନେଟ୍‌ର ବହୁଳ ବ୍ୟବହାର ପାଇଁ ଅଧିକାଂଶ ସମୟ ଧିମା ରହୁଛି। ଯାହାକୁ ନେଇ ଛାତ୍ରଛାତ୍ରୀ ଏବଂ ଅଭିଭାବକ ଚିନ୍ତାରେ ପଡ଼ିଯାଇଛନ୍ତି। ଶିକ୍ଷାବର୍ଷ ଅନୁଯାୟୀ ଏପ୍ରିଲରେ ସ୍କୁଲ ଖୋଲା ରହିବା ସହିତ ପାଠପଢ଼ା ହେବାକଥା। ଚଳିତବର୍ଷ ଲକ୍‌ଡାଉନ୍ ଯୋଗୁଁ ମାର୍ଚ୍ଚ ଶେଷ ସପ୍ତାହରୁ ବିଦ୍ୟାଳୟ ବନ୍ଦ ରହିଛି। ସେ ସମୟରେ କିଛି ବିଦ୍ୟାଳୟର ବାର୍ଷିକ ପରୀକ୍ଷା ସାରି ଖାତାଦେଖା ଆରମ୍ଭ ହୋଇଥିବା ବେଳେ ଆଉ କିଛି ସ୍କୁଲରେ ପରୀକ୍ଷା ଶେଷ ହୋଇପାରି ନଥିଲା। ଫଳ ପ୍ରକାଶ ପାଇବା ପୂର୍ବରୁ କରୋନା ପାଇଁ ବିଦ୍ୟାଳୟ ବନ୍ଦ ହୋଇଗଲା। ତେବେ ଏପରି ସମସ୍ୟା ଲାଗି ଚଳିତବର୍ଷ ମୂଲ୍ୟାଙ୍କନ ପଦ୍ଧତିକୁ ଗୁରୁତ୍ୱ ନଦେଇ ସବୁ କ୍ଲାସର ଛାତ୍ରଛାତ୍ରୀଙ୍କୁ ଉତ୍ତିର୍ଣ୍ଣ କରାଯାଇଛି। ରାଜ୍ୟ ସରକାର ପିଲାଙ୍କୁ ପଢ଼ାଇବା ଲାଗି ଦୀକ୍ଷା ଆପ୍ସର ଯୋଗାଇ ଦିଆଯାଇଥିବା ବେଳେ ଅନେକ ଘରୋଇ ସ୍କୁଲ ସେମାନଙ୍କ ସୁବିଧା ଅନୁଯାୟୀ ଅନେକ ପ୍ରକାରର ଆପ୍ସ ବ୍ୟବହାର କରିବାକୁ ଅଭିଭାବକଙ୍କୁ ପରାମର୍ଶ ଦେଇଛନ୍ତି। ତେବେ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଇଣ୍ଟରନେଟ୍ ମାଧ୍ୟମରେ ପାଠପଢ଼ା ଆରମ୍ଭ କରିଛନ୍ତି। ଏଥିଇଁ ହ୍ୱାଟସ୍‌ଆପ ଗ୍ରୁ ଗଠନ ହୋଇଛି। ଛାତ୍ରଛାତ୍ରୀ କିମ୍ବା ସେମାନଙ୍କ ଅଭିଭାବକମାନଙ୍କୁ ଇ-ମେଲ୍ ଠିକଣା ଖୋଲିବାକୁ ପଡ଼ିଛି। ଯେଉଁସବୁ ବିଦ୍ୟାଳୟ ପକ୍ଷରୁ ଭିଡିଓ ଚାଟିଂ ମାଧ୍ୟମରେ ଶିକ୍ଷା ଦିଆଯାଉଛି ସେଠାରେ ଛାତ୍ରଛାତ୍ରୀମାନେ ବିଭିନ୍ନ ଭିଡିଓ ଚାଟିଂ ଆପ୍ସ ଡାଉନ୍‌ଲୋଡ କରୁଛନ୍ତି। ଏଥିଇଁ ଇଣ୍ଟରନେଟ୍ ସୁବିଧା ଥିବା ଉଚ୍ଚ କ୍ଷମତାସମ୍ପନ୍ନ ମୋବାଇଲ୍ ଫୋନ୍ କିମ୍ବା କମ୍ପ୍ୟୁଟର ଆବଶ୍ୟକ ହେଉଛି। ମାତ୍ର ବର୍ତ୍ତମାନ ଲକ୍‌ଡାଉନ୍ ଜାରି ରହିଥିବାରୁ କମ୍ପ୍ୟୁଟର ଓ ମୋବାଇଲ୍ ଦୋକାନ ବନ୍ଦ ରହିଛି। ଫଳରେ ଅଭିଭାବକମାନେ

➤ ପୃ-୬

## ବକ୍ରବାଣୀ



ସୁରଟୁ ଅଇଲେ ଦାଦନ ଭାଇ
ଯାଇଥିଲେ ଏଠି କାମ ନପାଇ
କୋଡିଏ ବରଷ ଶାସନ ପରେ
କହିବେକି ଛାମୁଁ ଆମକୁ ଥରେ
ଖଣି ପାଣି ଆମ ଅଭାବ ନାହିଁ
ତଥାପି ବେକାର କଅଣ ପାଇଁ
ସୁନାର ରାଇଜେ ଗରିବୀ ବେଶି
ସର୍କାର ଚଳାନ୍ତି ବାହାରୁ ଆସି
କହିବ କାହାକୁ ଶୁଣିବ କିଏ
ଶୁଣିବା ଲୋକତ ନିଶାରେ ସୁଏ।

—— ଟୁଟୁ

## ସଂକ୍ରମଣ ବଢ଼ିବା ପଛରେ ଅମାନିଆ




**ଭୁବନେଶ୍ୱର :** ଭୁବନେଶ୍ୱରରେ ୪୫ଦିନ ମଧ୍ୟରେ ୪୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ରାଜ୍ୟର ରାଜଧାନୀରେ ଗତ ମାର୍ଚ୍ଚ ୧୫ ତାରିଖରେ ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏପ୍ରିଲ ୨୯ରେ ୪୭ତମ କରୋନା ଆକ୍ରନ୍ତ ଚିହ୍ନଟ ହୋଇଥିଲେ। କିନ୍ତୁ ଯାଜପୁର ଜିଲ୍ଲାରେ ୪୮ଜଣ କରୋନା ଆକ୍ରାନ୍ତ ୩୦ଦିନ ଭିତରେ ହିଁ ଚିହ୍ନଟ ହୋଇଛନ୍ତି। ଜିଲ୍ଲାର ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦାରେ ଗତ ଏପ୍ରିଲ ୩ ତାରିଖରେ ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏହାର ଠିକ୍ ମାସକ ପରେ ଏହି ଜିଲ୍ଲାର ବରୀ ବ୍ଲକରୁ ୪୮ତମ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେବେ କରୋନା ମୁକାବିଲା ନେଇ ରାଜ୍ୟ ସରକାର ବ୍ୟାପ ପ୍ରସ୍ତୁତିରେ ଥିବା ବେଳେ ଯାଜପୁର ଜିଲ୍ଲାରେ ଏତେ କମ ଦିନ ମଧ୍ୟରେ ରେକର୍ଡ ସଂଖ୍ୟକ କରୋନା ପଜିଟିଭ ଚିହ୍ନଟ ହେବାର କାରଣ କ'ଣ ଥାଇପାରେ ? ଏ ବାବଦରେ ସ୍ୱାସ୍ଥ୍ୟ ସଚିବ ନିକୁଞ୍ଜ ଧଳ ବିସ୍ତୃତ ସୂଚନା ଦେଇଛନ୍ତି। ସେ କହିଛନ୍ତି, କରୋନା ଲଢ଼େଇରେ ପ୍ରତିଟି ବ୍ୟକ୍ତି ଜଣେ ଜଣେ ଯୋଦ୍ଧା। ଯୁଦ୍ଧ ଜିତିବାକୁ ସବୁ ସୈନିକଙ୍କର ସହଯୋଗ ଦରକାର। ମାତ୍ର ଯୋଦ୍ଧାମାନେ ଯଦି ଦାୟିତ୍ୱହୀନ ହୁଅନ୍ତି, ତେବେ ଯୁଦ୍ଧ ଜିତିବା କଷ୍ଟକର ହୋଇଯିବ। ଯାଜପୁରରେ ସେହି ପରିସ୍ଥିତି ହେଲା। ଲୋକମାନେ କ୍ୱାରେଣ୍ଟାଇନ ନିୟମ ମାନିଲେ ନାହିଁ। ଦାୟିତ୍ୱହୀନ ଆଚରଣ କଲେ, ଫଳରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ିଗଲା। ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର କଟିକଟା ଗାଁରୁ ୨୧ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଠାରେ ରାଜ୍ୟର ସର୍ବାଧିକ କଣ୍ଟେନମେଣ୍ଟ ଜୋନ କରାଯାଇଛି। ଏହି ଅଞ୍ଚଳରେ ପଶ୍ଚିମବଙ୍ଗ ଫେରନ୍ତାଙ୍କ ପାଇଁ ସଂକ୍ରମଣ ବଢ଼ିଛି। ଲୋକେ କଣ୍ଟେନମେଣ୍ଟ ଜୋନ ନିୟମ ପାଳନ କଲେ ନାହିଁ। ସ୍ଥାନୀୟ ପ୍ରଶାସନ ଓ ପୋଲିସକୁ ସହଯୋଗ କଲେନାହିଁ। ସେହିପରି ସ୍ଥାନୀୟ ଜନସାଧାରଣ ସାବଧାନରେ ରହିଲେ ନାହିଁ। ଫଳରେ ଆଜି କଟିକଟାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି।

➤ ପୃ-୬

### ମୁଖ୍ୟମନ୍ତ୍ରୀଙ୍କୁ ବିରୋଧୀ ଦଳ ନେତାଙ୍କ ଚିଠି

## କ୍ୱାରେଣ୍ଟାଇନରେ ଗୋଷ୍ଠୀ ସଂକ୍ରମଣ ଭୟ



**ଭୁବନେଶ୍ୱର :** ରାଜ୍ୟରେ ଖୋଲାଯାଇଥିବା କ୍ୱାରେଣ୍ଟାଇନ କେନ୍ଦ୍ରଗୁଡିକରେ ଯାତାୟତ ପାଇଁ ଯାନବାହନ ଓ ଗମନାଗମନର ସୁବିଧା ରହିବା ନିହାତି ଆବଶ୍ୟକ । ବିଶେଷ ଭାବେ ବାହାର ଅଞ୍ଚଳରୁ ଗ୍ରାମାଞ୍ଚଳକୁ ଆସୁଥିବା ଲୋକମାନଙ୍କ ପାଇଁ ସେଠାକାର ସ୍କୁଲ ଓ କଲେଜମାନଙ୍କଠାରେ କ୍ୱାରେଣ୍ଟାଇନ କେନ୍ଦ୍ରମାନ ଖୋଲାଯାଇଛି । ମାତ୍ର ଭିତ୍ତିଭୂମିର ଅଭାବ ସହିତ ପରିଚାଳନାଗତ ତ୍ରୁଟି କାରଣରୁ ଅନ୍ତେବାସୀମାନେ କ୍ୱାରେଣ୍ଟାଇନ କେନ୍ଦ୍ରରେ ନରହି ସେଠାରୁ ପଳାଇ ଆସି ନିଜ ନିଜ ଘରେ ରହିବା କାରଣରୁ ସମାଜରେ ଗୋଷ୍ଠୀ ସଂକ୍ରମଣର ଭୟ ରହୁଛି ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଜଣାଇଛନ୍ତି। ଶ୍ରୀ ନାଏକ ପତ୍ରରେ ଉଲ୍ଲେଖ କରି କହିଛନ୍ତି ଯେ, ସଂପ୍ରତି ମହାରାଷ୍ଟ୍ରର ପୁନେଠାରୁ ୪ ଜଣ ବ୍ୟକ୍ତି ସାଇକଲ୍ ଯୋଗେ କଳାହାଣ୍ଡି ଜିଲ୍ଲା ଜୁନାଗଡର ମୁନ୍ଦରଗୁଡା ଗ୍ରାମରେ ପହଞ୍ଚିଥିଲେ। ସେମାନେ ନିଜ ନାମ ପଞ୍ଜୀକରଣ କରିନଥିବା କାରଣରୁ କ୍ୱାରେଣ୍ଟାଇନ କେନ୍ଦ୍ରରେ ରହିନଥିଲେ ଏବଂ ପରବର୍ତ୍ତୀ ସମୟରେ ସ୍ଥାନୀୟ ଗ୍ରାମବାସୀଙ୍କ ହସ୍ତକ୍ଷେପ କାରଣରୁ ସେମାନେ କ୍ୱାରାଂଟାଇନ କେନ୍ଦ୍ରରେ ରହିଥିଲେ। ଏପରିକି କିଛି ଅନ୍ତେବାସୀ ଦିନବେଳା

➤ ପୃ-୬




## ଉଜ୍ଜ୍ୱଳା ଯୋଜନାକୁ ୪ ବର୍ଷ, ବଦଳିଛି ମହିଳାଙ୍କ ଭାଗ୍ୟ



**ଭୁବନେଶ୍ୱର :** କରୋନା ମହାମାରୀ ବ୍ୟାପିଥିବାରୁ ଘରୁ ବାହାରି ହେଉନାହିଁ। ବାହାରକୁ ଯାଇ କିଛି ଜିନିଷ ଆଣି ହେଉନି। ଏମିତି ସମୟରେ ନରେନ୍ଦ୍ର ମୋଦୀ ସରକାର ଉଜ୍ଜ୍ୱଳା ଯୋଜନାରେ ଆମକୁ ତିନି ମାସର ଗ୍ୟାସ ସିଲିଣ୍ଡର ଯୋଗାଇଦେବାକୁ ବ୍ୟବସ୍ଥା କରିଛନ୍ତି। ସେଥିମଧ୍ୟରୁ ଗୋଟିଏ ଗ୍ୟାସ ସିଲିଣ୍ଡର ଆମେ ପାଇଲୁଣି। ଏଠାକାର ଅନ୍ୟମାନେ ମଧ୍ୟ ପାଇଛନ୍ତି। ଏହି ଗ୍ୟାସରେ ଦୁଇ ଓଳି ଖାଇବା ରାନ୍ଧିବାଢ଼ି ପିଲାମାନଙ୍କୁ ଓ ପରିବାରର ସମସ୍ତଙ୍କୁ ଦେଇପାରୁଛି। ସେଥିଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଏଭଳି କିଛି ପ୍ରତିକ୍ରିୟା ରଖିଛନ୍ତି ସମ୍ବଲପୁର ଜିଲ୍ଲା ବୋମାଲୋଇ ଅଂଚଳର ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଜନୈକା ହିତାଧିକାରୀ କାଂଚନ ରଣା। ଖାଲି କାଂଚନ ନୁହନ୍ତି, ମାଲକାନଗିରିର ଜୟନ୍ତୀ ବୈଦ୍ୟ, ଦେବଗଡ଼ର ସୁଜାତା କିସାନ, କେନ୍ଦୁଝରର କୁନ୍ତଳା ବେହେରା, ଚମ୍ପାବତୀ ବେହେରା, ଗଜପତି ଜିଲ୍ଲା ଗୁମ୍ମା ଅଂଚଳର ସୁଲୋଚନା କାଉଁରୀ, କେନ୍ଦୁଝରର ଅମ୍ବିକା ମହାକୁଡ଼ ପ୍ରମୁଖ ମଧ୍ୟ ସମାନ ଧରଣର ପ୍ରତିକ୍ରିୟା ରଖିଛନ୍ତି। ଏମାନେ ବି ଜଣେ ଜଣେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ହିତାଧିକାରୀ। ଏପ୍ରିଲ ମାସର ଗ୍ୟାସ ସିଲିଣ୍ଡର ବିନା ମୂଲ୍ୟରେ ପାଇବା ପରେ ମନର ଖୁସି ଜାହିର କରିଛନ୍ତି। କଷ୍ଟ ସମୟରେ ସେମାନଙ୍କର ଅସୁବିଧା ଲାଘବ ପାଇଁ ପଦକ୍ଷେପ ନେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଖାଲି ଏମାନେ ନୁହନ୍ତି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଓଡ଼ିଶାର ୨୬.୬ ଲକ୍ଷ ମହିଳା ହିତାଧିକାରୀ ଉପକୃତ ହୋଇଛନ୍ତି। ଏମାନେ ସମସ୍ତେ ଏପ୍ରିଲ ମାସ ପାଇଁ ମାଗଣା ଗ୍ୟାସ ସିଲିଣ୍ଡର ପାଇଛନ୍ତି। ସମସ୍ତେ କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି କୃତଜ୍ଞତା ବ୍ୟକ୍ତ କରିଛନ୍ତି। ରାଜ୍ୟରେ ଥିବା ମୋଟ ୮୮.୫ ଲକ୍ଷ ଏଲପିଜି ହିତାଧିକାରୀଙ୍କ ମଧ୍ୟରୁ ୪୭.୫ ଲକ୍ଷ ଉଜ୍ଜ୍ୱଳା ଯୋଜନା ହିତାଧିକାରୀ ରହିଛନ୍ତି। ମେ ପହିଲାରେ ଉଜ୍ଜ୍ୱଳା ଯୋଜନାକୁ ୪ ବର୍ଷ ପୂରିଛି। ସାରା ଦେଶରେ ଥିବା ୨୭ କୋଟି ୮୫ ଲକ୍ଷ ହିତାଧିକାରୀଙ୍କ ମଧ୍ୟରୁ ୮ କୋଟି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ହିତାଧିକାରୀ ରହିଛନ୍ତି। ଏପ୍ରିଲ ୨୦୨୦ରେ ୪.୫୩ କୋଟି ହିତାଧିକାରୀଙ୍କୁ ମାଗଣାରେ ଗ୍ୟାସ ରିଫିଲ ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ୨୦୧୬ ମସିହା ମେ ୧ ତାରିଖରେ ଆରମ୍ଭ ହୋଇଥିଲା ଯୁଗାନ୍ତକାରୀ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା। ରୋଷେଇ ଘରକୁ ଧୂଆଁମୁକ୍ତ କରିବା ଉଦ୍ଦେଶ୍ୟରେ ଏହି ଯୋଜନାରେ ଗରିବ ମହିଳାମାନଙ୍କ ନାମରେ ମାଗଣାରେ ଗ୍ୟାସ ସିଲିଣ୍ଡର ଯୋଗାଇ ଦେବାକୁ କେନ୍ଦ୍ର ସରକାର ନିର୍ଣ୍ଣୟ କରିଥିଲେ। ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନା ବିଗତ ୪ ବର୍ଷ ମଧ୍ୟରେ ଅନେକ କୀର୍ତ୍ତିସ୍ତମ୍ଭ ସ୍ଥାପନ କରିଛି। ଦେଶର ୮ କୋଟିରୁ ଊର୍ଦ୍ଧ୍ୱ ଗରିବ ମହିଳାଙ୍କ ଭାଗ୍ୟ ପରବର୍ତ୍ତନରେ ସହାୟକ ହୋଇଛି। ଖାଲି ଦେଶରେ ନୁହେଁ, ସାରା ବିଶ୍ୱରେ ଏବେ ଏହି ଯୋଜନାକୁ ନେଇ ଚର୍ଚ୍ଚା ହେଉଛି। ବିଭିନ୍ନ ଅନ୍ତର୍ଜାତୀୟ ଅଧ୍ୟୟନ

➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ପାରିବାରିକ ଅଶାନ୍ତି ଦୂର ହେବ। ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ। ବିବାହ ଆଶାୟୀମାନଙ୍କ ଆଶା ପୂରଣ ହେବାର ସମ୍ଭାବନା ରହିଛି। ଗୃହରେ ଶାନ୍ତି ବଜାୟ ରହିବ।

**ବୃଷ** ପରିବାରରେ ସାମାନ୍ୟ କଥାକୁ ନେଇ କଳହ ହୋଇପାରେ। ବ୍ୟବସାୟୀମାନେ ଆଶାନୁରୂପ ଲାଭ ପାଇବେ। ଚାକିରି କ୍ଷେତ୍ରରେ ଲାଗିଥିବା ବିବାଦ ସମାଧାନ ହେବ। ବ୍ୟବସାୟୀମାନେ ଲାଭାବନ୍ ହେବେ। ରାଜନେତାମାନେ ସଫଳତା ହାସଲ କରିବେ।

**ମିଥୁନ** ଭାଗ୍ୟ ଉଜ୍ଜ୍ୱଳ ରହିବ। ନୂତନ ଯାନ କ୍ରୟ କରି ଖୁସି ଅନୁଭବ କରିବେ। ପଦୋନ୍ନତି ଘଟିପାରେ। ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ବ୍ୟବସାୟରେ ଅଧିକ ଲାଭବାନ ହେବେ। ଜମିଜମା ବିବାଦ ଲାଗି ରହିବ।

**କର୍କଟ** ବିଦ୍ୟାର୍ଥୀମାନେ ପରିଶ୍ରମ କରି ସଫଳତା ପାଇବେ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତି ବଜାୟ ରହିବ। ମାନସିକ ସୁସ୍ଥତା ଅନୁଭବ କରିବେ।

**ସିଂହ** ବ୍ୟବସାୟୀମାନେ ଆଶାତୀତ ଲାଭବାନ୍ ହେବେ। ଚାରିଚକିଆ ଯାନ ପ୍ରତି ସତର୍କତା ରହିବେ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ରହିବ। ଧନପ୍ରାପ୍ତିର ପ୍ରବଳ ଯୋଗ ରହିଛି।

**କନ୍ୟା** ବିଦ୍ୟାର୍ଥୀମାନେ ପ୍ରଶଂସିତ ହେବେ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ କ୍ଷତି ସହିବେ। ପୂଜାପାଠରେ ମନ ଅଧିକ ଲାଗିରହିବ। ଆର୍ଥିକ ପରିସ୍ଥିତିରେ ସୁଧାର ଆସିପାରେ।

**ତୁଳା** ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତିତ ରହିପାରନ୍ତି। ଧର୍ମାନୁଷ୍ଠାନରେ ମନ ବଳାଇବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ହେବାର ସୂଚନା ଅଛି। ନୂତନ କର୍ମରେ ଯୋଗ ଦେଇ ସଫଳତା ଲାଭ କରିବେ।


**ବିଛା** ଶାରୀରିକ ପୀଡା ଅନୁଭବ କରିବେ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ବ୍ୟବସାୟୀମାନେ ଅଧିକ ଲାଭବାନ୍ ହେବେ। କୋର୍ଟକଚେରୀ ମାମଲାରେ ସମାଧାନ ହେବ। ଆୟର ନୂତନ ରାସ୍ତା ପ୍ରସ୍ତୁତ କରିବେ।

**ଧନୁ** ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ୍ ହେବେ। ଜମି କିଣାବିକା ବ୍ୟବସାୟରେ ଲାଭ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଉନ୍ନତି ଲାଭ କରିପାରିବେ।

**ମକର** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିପାରେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ।

**କୁମ୍ଭ** ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ବିବାହ ଆଶାୟୀମାନେ ସଫଳତା ପାଇବେ। ବ୍ୟବସାୟରେ ଆଶାନୁରୂପ ଫଳ ମିଳିବ। ଜମିଜମା ବିବାଦର ସମାଧାନ ହେବ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ପରିବାରରେ ଶାନ୍ତି ବଜାୟ ରହିବ।


**ମୀନ** ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସିତ ହେବେ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ଆସିବ। ଆର୍ଥିକ ଅସୁବିଧା ଲାଗି ରହିବ।



**ଚନ୍ଦ୍ରଶେଖର ମିଶ୍ର**
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ‘ଦୁଇବର୍ଷ ପର୍ଯ୍ୟନ୍ତ ଲାଗିରହିବ କରୋନା ସଂକ୍ରମଣ’

**ୱାଶିଂଟନ୍ :** ବିଶ୍ୱରେ କରୋନା ମହାମାରୀ କାୟା ବିସ୍ତାର କରିଚାଲିଛି। ତେବେ ଏତେ ଶୀଘ୍ର ଏହି ମହାମାରୀର ଅନ୍ତ ଘଟିବ ନାହିଁ ବୋଲି ଆମେରିକାର ଏକ ରିପୋର୍ଟରେ କୁହାଯାଇଛି। ଅନ୍ତତଃ ଆଗାମୀ ୧୮ ମାସରୁ ୨୪ ମାସ ପର୍ଯ୍ୟନ୍ତ ଅର୍ଥାତ୍ ୨୦୨୨ ପର୍ଯ୍ୟନ୍ତ କରୋନା ଭୂତାଣୁର ସଂକ୍ରମଣ ଜାରି ରହିବ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି। ଗୁରୁବାର ସେଣ୍ଟର ଫର୍ ଇନଫେକ୍ସିଅସ ଡିଜିଜ୍



ରିସର୍ଚ୍ଚ ଆଣ୍ଡ ପଲିସି (ସିଆଇଡିଆରଏପି) ପକ୍ଷରୁ ଜାରି ହୋଇଥିବା ଏହି ରିପୋର୍ଟରେ କୁହାଯାଇଛି ଯେ, ମହାମାରୀ କରୋନା ଭାଇରସରୁ ଏବେ ବିଶ୍ୱବାସୀ ନିସ୍ତାର ପାଇବାର ସମ୍ଭାବନା କମ୍। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାରମ୍ବାର ଅଭିଯୋଗ କରିଆସୁଛନ୍ତି ଯେ, ଚୀନ୍‌ର ଉହାନ ଲ୍ୟାବ୍‌ରେ କରୋନା ଭୂତାଣୁର ଉଦ୍ଭବ ଘଟିଛି। ଆମେରିକାର ର ଅନ୍ୟ ଏକ ଗବେଷଣା ରିପୋର୍ଟରେ କୁହାଯାଇଛି ଯେ ମଣିଷ ଶରୀରର ରୋଗ ପ୍ରତିରୋଧ ଶକ୍ତି ନ ବଢ଼ିବା ଯାଏ, ଏଭଳି ସଂକ୍ରମଣ ଜାରି ରହିଥିବ। ଫ୍ଲୁ ସଂକ୍ରମଣ ରୋକିବାକୁ ହେଲେ ବିଶ୍ୱର ୬୦ ରୁ ୭୦% ଲୋକଙ୍କୁ ନିଜର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାକୁ ପଡିବ। ଯେଉଁ ପର୍ଯ୍ୟନ୍ତ ଏହା ସମ୍ଭବ ହୋଇପାରିନାହିଁ, ସେତେବେଳ ଯାଏ କରୋନାକୁ ରୋକାଯାଇ ପାରିବ ନାହିଁ। ତେଣୁ ସମସ୍ତଙ୍କୁ ଏହି ଲମ୍ବା ଯୁଦ୍ଧ ପାଇଁ ସତର୍କ ରହିବାକୁ ହେବ। ମହାମାରୀ କରୋନା ଭାଇରସ ବିଶ୍ୱରେ ପ୍ରାୟ ୩୫ ଲକ୍ଷ ଲୋକଙ୍କୁ ସଂକ୍ରମଣ କରିଥିବା ବେଳେ ୨ ଲକ୍ଷ ୪୦ ହଜାର ଜୀବନ ନେଇ ସାରିଲାଣି।

# ରୁଷିଆ ନୌସେନାରେ ସ୍କିଫ୍ ମିସାଇଲ୍ ସାମିଲ

**ମସ୍କୋ :** ପାଶ୍ଚାତ୍ୟ ରାଷ୍ଟ୍ରକୁ ପଦାନତ କରି ରଖିବାର ଅଦମ୍ୟ ଲାଳସା ବିକଶିତ ଦେଶଗୁଡ଼ିକୁ ଶୀତଳ ଯୁଦ୍ଧ ଆଡ଼କୁ ଟାଣିନେଉଛି। ଆନ୍ତର୍ଜାତିକ ସ୍ତରରେ ପ୍ରକାଶିତ ‘ଡେଲିଷ୍ଟାର୍’ ସୂଚନା କ୍ରମେ ରୁଷିଆ ପୃଥିବୀକୁ ଧ୍ୱଂସ କରିଦେବା ଭଳି ପରମାଣୁ ଶକ୍ତିସମ୍ପନ୍ନ ସ୍କିଫ୍ ମିସାଇଲ୍ ତିଆରି କରିଛି। ଏହି ମିସାଇଲ୍ ଏକପ୍ରକାର ସୁପ୍ତ ମିସାଇଲ୍ ଯାହା ସମୁଦ୍ର ଶଯ୍ୟାରେ ଦୀର୍ଘ ଦିନ ଧରି ରହିପାରିବ। ଆବଶ୍ୟକ ସମୟରେ ରିମୋଟ୍ ନିୟନ୍ତ୍ରିତ ଉକ୍ତ ମିସାଇଲ୍ ସାହାଯ୍ୟରେ ଶତ୍ରୁପକ୍ଷର ଯୁଦ୍ଧ ଜାହାଜକୁ ନିମିଷକ ମଧ୍ୟରେ ଉଡ଼ାଇ ଦେଇହେବ। ରିମୋଟ୍ ସଙ୍କେତ ପାଇବା ମାତ୍ରେ ଏହି ମିସାଇଲ୍ ଘଣ୍ଟାକୁ ୬୦



କିଲୋମିଟର ବେଗରେ ୬ ହଜାର ମାଇଲ୍ ପର୍ଯ୍ୟନ୍ତ ଗତି କରିବା ସହ ସେଠାରେ ଥିବା ଜାହାଜକୁ ସହଜରେ ଉଡ଼ାଇ ଦେଇପାରିବ। ଏହି ମିସାଇଲ୍ ନିର୍ମାଣ କରି ରୁଷିଆ ବିଶ୍ୱବାସୀଙ୍କ ନିକଟରେ ନିଜକୁ ଅପରାଜେୟ ପ୍ରତିପାଦନ କରିବାକୁ ଚାହିଁଛି ବୋଲି ପ୍ରତିରକ୍ଷା ଗବେଷକମାନେ ମତବ୍ୟକ୍ତ କରିଛନ୍ତି। ସ୍କିଫ୍ ମିସାଇଲ୍ ଏକାଧିକ ଜାହାଜକୁ ଧ୍ୱଂସ କରିଦେବା ସହ ସମୁଦ୍ର ଜଳକୁ ବିଷାକ୍ତ କରିଦେବାର କ୍ଷମତା ରଖିଛି। ୨୫ ମିଟର ଲମ୍ବ ଓ ୧୦୦ ଟନ୍ ଓଜନ ବିଶିଷ୍ଟ ସ୍କିଫ୍ ମିସାଇଲ୍‌କୁ ୩ ହଜାର ଫୁଟ୍ ଗଭୀରରେ ଥିବା ସମୁଦ୍ର ଶଯ୍ୟାରେ ବର୍ଷବର୍ଷ ଧରି ରଖାଯାଇପାରିବ। ଏହି ମିସାଇଲ୍‌କୁ ଧରି ରୁଷିଆର ଯୁଦ୍ଧ ଜାହାଜ ଏପ୍ରିଲ ୧୨ରୁ ସେଭେରୋମୋର୍ସ୍କ ଉପକୂଳରେ ଦଣ୍ଡାୟମାନ। ଏପରି ମିଶାଇଲ୍ ନିର୍ମାଣ କରି ରୁଷିଆ ବିଶ୍ୱର ପ୍ରମୁଖ ମହାଶକ୍ତି ଭାବେ ଉଭା ହୋଇଛି।

# ଥାଇଲାଣ୍ଡକୁ କୋଭିଡ୍-୧୯ ଔଷଧ ଯୋଗାଇବ ଭାରତ

**ନୂଆଦିଲ୍ଲୀ :** କରୋନା ବିଶ୍ୱ ମହାମାରୀ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଥାଇଲାଣ୍ଡର ପ୍ରତିପକ୍ଷ ଜେନେରାଲ (ଅବସରପ୍ରାପ୍ତ) ପ୍ରୟୁତ ଚାନ୍-ଓ-ଚାଙ୍କ ସହ ଶନିବାର ଆଲୋଚନା କରିଛନ୍ତି। ଟେଲିଫୋନରେ ଏହି ଆଲୋଚନା ବେଳେ ମୋଦୀ ଥାଇଲାଣ୍ଡକୁ କୋଭିଡ୍-୧୯ ରୋଗୀଙ୍କ ଚିକିତ୍ସା ଲାଗି ଔଷଧ ଓ ଅନ୍ୟାନ୍ୟ ଚିକିତ୍ସା ଉପକରଣ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। କୋଭିଡ୍-୧୯ର ପ୍ରତିଷେଧକ ବାହାର କରିବା ପାଇଁ ଦୁଇ ଦେଶ ଗବେଷଣା କ୍ଷେତ୍ରରେ ପାରସ୍ପରିକ ସହଯୋଗ ଲାଗି ସମ୍ମତ ହୋଇଛନ୍ତି। ଆଲୋଚନା ବେଳେ ଦୁଇନେତା ସେମାନଙ୍କ ଦେଶରେ ଥିବା ଉଭୟ ଦେଶର ନାଗରିକଙ୍କ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ପରସ୍ପର ଠାରୁ ଅବଗତ ହୋଇଥିଲେ। ଥାଇଲାଣ୍ଡ ପ୍ରଧାନମନ୍ତ୍ରୀଙ୍କ ସହ ତାଙ୍କର ଏହି ଆଲୋଚନା ସମ୍ପର୍କରେ ମୋଦୀ ଟ୍ୱିଟରରେ ଉଲ୍ଲେଖ କରିଛନ୍ତି ସେ କହିଛନ୍ତି କୋଭିଡ୍-୧୯ ମହାମାରୀ ସମ୍ପର୍କରେ ବିଷଦ






ଆଲୋଚନା ହୋଇଛି। ଭାରତ ଓ ଥାଇଲାଣ୍ଡ ମଧ୍ୟରେ ଐତିହାସିକ ଓ ସାଂସ୍କୃତିକ ସମ୍ପର୍କ ରହିଆସିଛି। ବର୍ତ୍ତମାନ ସଙ୍କଟ ସମୟରେ ଦୁଇ ଦେଶ ସମ୍ମିଳିତ ଭାବେ ଏହାର ମୁକାବିଲା କରିବାକୁ ସମ୍ମତ ହୋଇଛନ୍ତି। ପୂର୍ବ ଉପକୂଳରେ ଅବସ୍ଥିତ ଥାଇଲାଣ୍ଡ ସହ ଭାରତର ନୌବାଣିଜ୍ୟିକ ସମ୍ପର୍କ ରହିଆସିଛି। ଉଲ୍ଲେଖଯୋଗ୍ୟ ୨୦୧୯ ନଭେମ୍ବରରେ ପ୍ରଧାନମନ୍ତ୍ରୀ ମୋଦୀ ଆସିଆନ୍ ରାଷ୍ଟ୍ର ସମ୍ମିଳନୀରେ ଯୋଗ ଦେବାକୁ ବ୍ୟାଙ୍କକ୍ ଯାଇଥିଲେ।

## କୋଭିଡ୍-୧୯ ପ୍ରଭାବ

# ୭ ପ୍ରମୁଖ କ୍ଷେତ୍ରର ଉତ୍ପାଦନ ୨୫% ହ୍ରାସ

**ନୂଆଦିଲ୍ଲୀ :** କୋଭିଡ୍-୧୯ ସଂକ୍ରମଣକୁ ନେଇ ସାରା ଦେଶରରେ ଜାରି କରାଯାଇଥିବା ଲକ୍ ଡାଉନ୍ ଯୋଗୁଁ ପ୍ରମୁଖ ଶିଳ୍ପ ଉତ୍ପାଦନ କ୍ଷେତ୍ର ପ୍ରଭାବିତ ହୋଇଛି। ଏହାକୁ ନେଇ ହାରାହାରି ଶିଳ୍ପ ଉତ୍ପାଦନ ହାର ୨୫ ପ୍ରତିଶତ ହ୍ରାସ ପାଇଛି। ଫଳରେ ଗତ ଫେବୃଆରୀରେ ପ୍ରମୁଖ ଶିଳ୍ପ ଉତ୍ପାଦନ ହାର ୭.୧ ପ୍ରତିଶତ ରହିଥିବା ବେଳେ ମାର୍ଚ୍ଚ ମାସରେ ଏହା ୬.୫ ପ୍ରତିଶତକୁ ଖସି ଆସିଛି। ଦେଶର ୮ଟି ପ୍ରମୁଖ ଶିଳ୍ପକ୍ଷେତ୍ର ମଧ୍ୟରୁ ୭ଟିର ଉତ୍ପାଦନଭିତ୍ତିକ କାର୍ଯ୍ୟକଳାପ ହ୍ରାସ ପାଇଛି ବୋଲି କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଲକ୍ ଡାଉନ୍ ସମୟରେ ସିମେଣ୍ଟ ଶିଳ୍ପ ସର୍ବାଧିକ ପ୍ରଭାବିତ ହୋଇଥିଲା ବେଳେ ମାର୍ଚ୍ଚ ମାସରେ ଏକ୍ଷେତ୍ରରେ ଉତ୍ପାଦନ ୨୪.୭ ପ୍ରତିଶତ ହ୍ରାସ ପାଇଥିବା କୁହାଯାଇଛି। ସେହପରି ଅନ୍ୟାନ୍ୟ କ୍ଷେତ୍ରରେ୧୦ ପ୍ରତିଶତରୁ ଅଧିକ ହାରରେ ହ୍ରାସ ପରିଲକ୍ଷିତ ହୋଇଥିଲା ବେଳେ ପ୍ରାକୃତିକ ଗ୍ୟାସ ଉତ୍ପାଦନରେ ୧୫.୨ ପ୍ରତିଶତ,



ଇସ୍ପାତରେ ୧୩ ପ୍ରତିଶତ,ସାର ୧୧.୯ ପ୍ରତିଶତ ହ୍ରାସ ଘଟିଛି। କେବଳ ଏକ କୋଇଲା କ୍ଷେତ୍ର ହେଉଛି ଏକମାତ୍ର କ୍ଷେତ୍ର ଯେଉଁଥିରେ ୪ ପ୍ରତିଶତ ଅଭିବୃଦ୍ଧି ଘଟିଛି। ଉଲ୍ଲେଖଯୋଗ୍ୟ ଯେ,ପୂର୍ବରୁ ପ୍ରମୁଖ ଶିଳ୍ପକ୍ଷେତ୍ରଗୁଡିକର ଅଭିବୃଦ୍ଧି ହ୍ରାସ ପାଇଥିଲା। ୨୦୧୯ ଅଗଷ୍ଟରୁ ଅକ୍ଟୋବର ପର୍ଯ୍ୟନ୍ତ କ୍ରମାଗତ ଚାରି ମାସ ଧରି ଉତ୍ପାଦନଭିତ୍ତିକ କାର୍ଯ୍ୟକଳାପ ହ୍ରାସ ପାଇଥିଲା ବେଳେ ଅକ୍ଟୋବରରେ ହାରାହାରି ଅଭିବୃଦ୍ଧି ୫.୫ ପ୍ରତିଶତକୁ ଖସି ଆସିଥିଲା। ଏହାପରେ କେତେକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇଥିଲେ ହେଁ ଲକ୍‌ଡାଉନ୍‌କୁ ନେଇ ପୁଣି ଅବନତି ପରିଲକ୍ଷିତ ହୋଇଥିବା କୁହାଯାଇଛି।

# ମେ’ ତୃତୀୟ ସପ୍ତାହରୁ ଚୀନ ପାର୍ଲାମେଣ୍ଟର ଅଧିବେଶନ

**ବେଜିଂ :** କରୋନା ଭୂତାଣୁର ଉତ୍ପତ୍ତିସ୍ଥଳ ଚୀନ୍‌ରେ ଏହି ମହାମାରୀର ପ୍ରକୋପ କମିଲାଣି ବୋଲି ବିଶ୍ୱରେ ସେଭଳି ଏକ ଧାରଣା ସୃଷ୍ଟି କରିବା ଲାଗି ବେଜିଂ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହି ପରିପ୍ରେକ୍ଷୀରେ ଚୀନ୍‌ର ତଥାକଥିତ ପାର୍ଲାମେଣ୍ଟର ବାର୍ଷିକ ଅଧିବେଶନ ଆସନ୍ତା ମେ ତୃତୀୟ ସପ୍ତାହରୁ ଆରମ୍ଭ ହେବାକୁ ଯାଉଛି ବୋଲି ସେଠାର ସରକାରୀ ଗଣମାଧ୍ୟମର ଏହି ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଚୀନ୍‌ରେ କୋଭିଡ୍-୧୯ ମହାମାରୀ ଆରମ୍ଭ ହେବା ପରେ ପାର୍ଲାମେଣ୍ଟକୁ ପ୍ରାୟ ୧୦ ସପ୍ତାହ ବନ୍ଦ ରହିଥିଲା। ପାର୍ଲାମେଣ୍ଟର ୨ଟି ଅଧିବେଶନ ବସିବ ବୋଲି ଏହି ରିପୋର୍ଟରେ କୁହାଯାଇଛି। ଚୀନ ସଫଳତାର ସହ ଏହି ମହାମାରୀକୁ ରୋକିରିଥିବା ବିଶ୍ୱବାସୀଙ୍କୁ ଜଣାଇବା ପାଇଁ ବେଜିଂ ଏଭଳି ପଦକ୍ଷେପ ନେଉଛି। ପାର୍ଲାମେଣ୍ଟ



ଅଧିବେଶନ ଆରମ୍ଭ ହେଲେ ଚୀନର ବିଭିନ୍ନ ଭାଗରୁ ପ୍ରତିନିଧିମାନେ ଏଥିରେ ଯୋଗଦେବେ। ଏହାଦ୍ୱାରା ଚୀନରେ ସ୍ୱାଭାବିକ ଅବସ୍ଥା ଫେରିଆସିଥିବା ବିଶ୍ୱବାସୀଙ୍କ ବିଶ୍ୱାସ ଆସିବ। ସରକାରୀ ସମ୍ବାଦ ସରବରାହ ସଂସ୍ଥା ଜିନ୍‌ହୁଆ କହିଛି ମେ’ ୨୧ରେ ଚୀନ୍ ପାର୍ଲାମେଣ୍ଟର ବାର୍ଷିକ ଅଧିବେଶନ ଆରମ୍ଭ ହେବ। ଏଥିରେ ନ୍ୟାସନାଲ ପିପୁଲ୍ସ କଂଗ୍ରେସ ସହସ୍ରାଧିକ ପ୍ରତିନିଧି, ବ୍ୟବସ୍ଥାପକ ଏବଂ ଚୀନ୍ ପିପୁଲ୍ସ କନସଲଟେଟିଭ୍ ପିପୁଲ୍ସ କଂଗ୍ରେସ (ସିସିସି)ର ସଦସ୍ୟମାନେ ଯୋଗଦେବେ। ଉଲ୍ଲେଖଯୋଗ୍ୟ ସିସିସି ଚୀନ୍‌ର ସର୍ବୋଚ୍ଚ ରାଜନୀତିକ ପରାମର୍ଶଦାତା କମିଟି ଭାବେ ପରିଚିତ। ବେଜିଂରେ ୧୦ ଦିନ ପାଇଁ ଏହାର ସଦସ୍ୟମାନେ ସମବେତ ହେବେ। ସାଧାରଣତଃ ମାର୍ଚ୍ଚ ପ୍ରାରମ୍ଭରେ ଏହି ଅଧିବେଶନ ବସିଥାଏ। ଆଗାମୀ ଅଧିବେଶନ ଖୁବ୍ ସଂକ୍ଷିପ୍ତ ହେବ। ଅନ୍ୟ ଏକ ସୂତ୍ରରୁ ପ୍ରକାଶ ବେଜିଂରେ ପ୍ରାୟ ୩ ହଜାର ଜାତୀୟ ସ୍ତରୀୟ ବ୍ୟବସ୍ଥାପକ ଯୋଗଦେବେ। ଏହି ଅଧିବେଶନରେ ଜାତୀୟ ବଜେଟ୍ ସହିତ ପ୍ରତିରକ୍ଷା ବଜେଟ୍ ମଧ୍ୟ ଉପସ୍ଥାପିତ ହେବ।

# ୨୧ରେ ମହାରାଷ୍ଟ୍ର ବିଧାନ ପରିଷଦ ନିର୍ବାଚନ



**ମୁମ୍ବାଇ:** ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କୁ ବଡ ଆଶ୍ୱସ୍ତି ମିଳିଛି। କରୋନା ଲକଡାଉନ୍ ମଧ୍ୟରେ ଆସନ୍ତା ୨୧ ତାରିଖରେ ମହାରାଷ୍ଟ୍ରରେ ଖାଲି ପଡିଥିବା ୯ଟି ଯାକ ବିଧାନ ପରିଷଦ ଆସନ ପାଇଁ ଭୋଟିଂ ହେବ। ଏନେଇ ନିର୍ବାଚନ କମିଶନ ଘୋଷଣା କରିଛନ୍ତି। ୨୦୧୯ ଡିସେମ୍ବର ମାସରେ ଶପଥ ନେଇଥିବା ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କୁ ମେ’ ୨୮ ସୁଦ୍ଧା ବିଧାନସଭାକୁ ନିର୍ବାଚନ ହେବା ବାଧ୍ୟତାମୂଳକ। ନଚେତ ଉଦ୍ଧବ ମୁଖ୍ୟମନ୍ତ୍ରୀ ପଦ ହରାଇବାର ଆଶଙ୍କା ପ୍ରକାଶ ପାଇଥିଲା। କାରଣ ଉଦ୍ଧ୍ୱ ବିଧାୟକ ନ ହୋଇ ବି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ତେଣୁ ଭୋଟିଂ ହେବାକୁ ଥିବା ୯ ବିଧାନ ପରିଷଦରୁ ଗୋଟିକରେ ବିଜୟୀ ହୋଇ ଉଦ୍ଧବ ଠାକରେ ଗୃହକୁ ଯାଇପାରିବାର ସୁଯୋଗ ପାଇଛନ୍ତି। ତେଣୁ ମାର୍ଚ୍ଚ ୨୬ରେ ମହାରାଷ୍ଟ୍ର ବିଧାନ ପରିଷଦ ନିର୍ବାଚନ ହେବାର ଥିଲା। ହେଲେ କରୋନା ସଙ୍କଟ ଯୋଗୁ ନିର୍ବାଚନ କମିଶନ ଏହାକୁ ସ୍ଥଗିତ ରଖିଥିଲେ। ଅପରପଟେ ରାଜ୍ୟପାଳ ଭଗତ ସିଂହ କୋଶିୟାର ନିର୍ବାଚନ ତୁରନ୍ତ କରିବାକୁ ନିର୍ବାଚନ କମିଶନଙ୍କୁ ଚିଠି ଲେଖିଥିଲେ। ଏହାପରେ ନିର୍ବାଚନ କମିଶନ ଲକଡାଉନ ଗାଇଡଲାଇନ ପାଳନ କରି ଭୋଟିଂ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୨୧ରେ ହେବାକୁ ଥିବା ନିର୍ବାଚନ ପାଇଁ ମେ’ ୪ରେ ବିଜ୍ଞପ୍ତି ପ୍ରକାଶ ପାଇବ। ମେ’ ୧୧ ସୁଦ୍ଧା ଆଶାକର୍ମୀମାନେ ପ୍ରାର୍ଥୀପତ୍ର ଦାଖଲ କରିବେ। ପ୍ରାର୍ଥୀପତ୍ର ଯାଞ୍ଚ ୧୨ ତାରିଖରେ ହେବାକୁ ଥିବା ବେଳେ ୧୪ ହେଉଛି ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ। ୨୧ ତାରିଖ ସକାଳ ୯ଟାରୁ ୪ଟା ମଧ୍ୟରେ ଭୋଟିଂ ହେବ। ସେହିଦିନ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ।

## ବଢୁଛି ଖାଦ୍ୟପଦାର୍ଥ ମୂଲ୍ୟ

**ନୂଆଦିଲ୍ଲୀ :** କରୋନା ସଂକ୍ରମକୁ ରୋକିବା ଲାଗି ଦେଶବ୍ୟାପୀ ଲକ୍‌ଡାଉନ୍ ଜାରି ରହିଛି। ଏପରି ସ୍ଥଳେ ଦିନକୁ ଦି’ଓଳି ଖାଦ୍ୟ ଯୋଗାଡ଼ିବାର ସଂକଟ ସହ ସାମନା କରୁଥିବା ସାଧାରଣ ଜନତାଙ୍କ ପାଇଁ ଆହୁରି ଏକ ସମସ୍ୟା ଉଭା ହୋଇଛି। ବର୍ତ୍ତମାନ ଚାଉଳ, ଡାଲି, ଗହମ ଭଳି ଦୈନନ୍ଦିନ ବ୍ୟବହୃତ ହେଉଥିବା ଖାଦ୍ୟ ପଦାର୍ଥଗୁଡ଼ିକର ମୂଲ୍ୟ ପୁଣିଥରେ ବୃଦ୍ଧି ପାଇଛି। ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟର ସୂଚନା ମୁତାବକ, ଦିଲ୍ଲୀରେ ହରଡ଼ ଡାଲିର ମୂଲ୍ୟ ଲକ୍‌ଡାଉନ୍ ପୂର୍ବରୁ କିଲୋ ପିଛା ୯୩ ଟଙ୍କା ଥିବାବେଳେ ବର୍ତ୍ତମାନ ଏହା ୧୦୬କୁ ବୃଦ୍ଧି ପାଇଛି। ଏହାସହ ଚଣା ଡାଲି ମୂଲ୍ୟ ମଧ୍ୟ କିଲୋ ପିଛା ୭୨ ଟଙ୍କାରୁ ୮୬ ଟଙ୍କାକୁ ବୃଦ୍ଧି ପାଇଛି। ମସୁର ଡାଲି ୭୧ ଟଙ୍କାରୁ ୮୧ ଟଙ୍କା, ସୋରିଷ ତେଲ ୧୨୪ ଟଙ୍କାରୁ ୧୩୨ ଟଙ୍କା ଏବଂ ସୋୟା ତେଲ ୧୧୧ ଟଙ୍କାରୁ ବୃଦ୍ଧି ପାଇ ୧୨୧ ଟଙ୍କାରେ ପହଞ୍ଚିଛି। ଲକ୍‌ଡାଉନ୍‌ର ଏହି ୨୮ ଦିନ ମଧ୍ୟରେ ଡାଲି ଜାତୀୟ ଶସ୍ୟର ମୂଲ୍ୟ ଲକ୍‌ଡାଉନ୍ ପୂର୍ବ ମାସ ତୁଳନାରେ ପ୍ରାୟ ୬% ହାରରେ ବୃଦ୍ଧି ପାଇଛି। ସେହିରି ପନିରିବା ମଧ୍ୟରେ ଆଳୁର ମୂଲ୍ୟ ୧୫ ପ୍ରତିଶତ ପର୍ଯ୍ୟନ୍ତ ଏବଂ ଟମାଟୋ ମୂଲ୍ୟ ୨୮ ପ୍ରତିଶତ ବୃଦ୍ଧି ପାଇଛି। ଫାଇନାନ୍ସିଆଲ୍ ଏକ୍ସପ୍ରେସ୍‌ର ଏକ ରିପୋର୍ଟ ମୁତାବକ, ଲକ୍‌ଡାଉନ୍ ସମୟରେ ଆବଶ୍ୟକୀୟ ସାମଗ୍ରୀରକ୍ରୟ ଏବଂ ପରିବହନକୁ ଛାଡ଼ କରାଯାଇଥିବା ସତ୍ତ୍ୱେ ମୂଲ୍ୟବୃଦ୍ଧିକୁ ରୋକାଯାଇ ପାରିନାହିଁ। ଅନ୍ୟ ଏକ ରିପୋର୍ଟ ମୁତାବକ, ଲକ୍‌ଡାଉନ୍ ସମୟରେ ପରିସ୍ଥିତି ଏଭଳି ହୋଇଛି ଯେ ୧୧,୧୫୯ ଶ୍ରମିକଙ୍କ ମଧ୍ୟରୁ ପ୍ରାୟ ୯୬ ପ୍ରତିଶତ ଶ୍ରମିକଙ୍କୁ ସରକାରଙ୍କ ଠାରୁ ରାସନ୍ ମିଳିନାହିଁ। ଏମାନଙ୍କ ମଧ୍ୟରୁ ୭୨ ପ୍ରତିଶତ ଲୋକଙ୍କ କହିବାନୁଯାୟୀ ସେମାନଙ୍କ ରାସନ୍ କେବଳ ଦୁଇଦିନ ମଧ୍ୟରେ ଶେଷ ହୋଇଛି ଏବଂ ୯୦ ପ୍ରତିଶତ କହିଛନ୍ତି ଯେ ସେମାନଙ୍କୁ ବର୍ତ୍ତମାନ ସୁଦ୍ଧା ମଜୁରୀ ମିଳିନାହିଁ।

# ଲୋକପ୍ରିୟତା ଦୃଷ୍ଟିରୁ ଅନ୍ୟ କେନ୍ଦ୍ରୀୟ ବ୍ୟାଙ୍କ ଠାରୁ ଆଗରେ ଆର୍‌ବିଆଇ

**ନୂଆଦିଲ୍ଲୀ :** ଭାରତର କେନ୍ଦ୍ରୀୟ ବ୍ୟାଙ୍କ ଭାବେ ପରିଚିତ ରିଜର୍ଭ ବ୍ୟାଙ୍କ ଆର୍ଥିକ ଦୃଷ୍ଟିରୁ କୌଣସି ୟୁରୋପୀୟ କେନ୍ଦ୍ରୀୟ ବ୍ୟାଙ୍କ କିମ୍ବା ଆମେରିକାର ଫେଡେରାଲ ବ୍ୟାଙ୍କ ସହିତ ସମାନ ହୋଇନପାରେ, କିନ୍ତୁ ଲୋକପ୍ରିୟତା ଦୃଷ୍ଟିରୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଏମାନଙ୍କ ଠାରୁ ଢେର ଆଗରେ ରହିଛି। ବିଶ୍ୱବ୍ୟାପୀ କରୋନ ସଂକ୍ରମଣ ଭୟାବହତାକୁ ନେଇ ଏବେ ବିଭିନ୍ନ ରାଷ୍ଟ୍ରର ଲୋକେ ସେମାନଙ୍କ ଅର୍ଥନୀତି ବ୍ୟବସ୍ଥା ସମ୍ପର୍କରେ ଜାଣିବାକୁ ଉତ୍ସୁକତା ଦେଖାଉଛନ୍ତି। ଏଥିନେଇ ସେମାନେ ସେମାନଙ୍କ କେନ୍ଦ୍ରୀୟ ବ୍ୟାଙ୍କର ସୋସିଆଲ ମିଡିଆ ସାଇଟ୍‌ଗୁଡିକୁ ଅନୁସରଣ କରିଥାଆନ୍ତି। ତେବେ ଏହି ଦୃଷ୍ଟିରୁ ରିଜର୍ଭ ବ୍ୟାଙ୍କ ସମସ୍ତଙ୍କ ଠାରୁ ଆଗରେ ରହିଛି। ବର୍ତ୍ତମାନ ସୁଦ୍ଧା ରିଜର୍ଭ ବ୍ୟାଙ୍କ ଟ୍ୱିଟରକୁ ୭.୫ ଲକ୍ଷ ଲୋକ ଅନୁସରଣ କରୁଥିବା ଜଣାପଡ଼ିଛି। ୮୫ ବର୍ଷର ପୁରୁଣା ରିଜର୍ଭ ବ୍ୟାଙ୍କ ଏବଂ ଏହାର ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ପୃଥକ ଟ୍ୱିଟର ଆକାଉଣ୍ଟ ରହିଥିବା ବେଳେ ଗତ ୨୦ ତାରିଖରେ ୧.୩୧ ଲକ୍ଷ ଲୋକ ଏହାକୁ ଅନୁସରଣ କରିଥିବା ବେଳେ ଗୁରୁବାର ସକାଳ ସୁଦ୍ଧା ମୋଟ ଅନୁସରଣକାରୀଙ୍କ ସଂଖ୍ୟା ୭.୫ ଲକ୍ଷ ଛୁଇଁଛି ବୋଲି କୁହାଯାଇଛି। ଦେଶରେ ଜାରି କରାଯାଇଥିବା ଲକ୍‌ଡାଉନ୍ ପରେ ଅନୁସରଣକାରୀଙ୍କ ସଂଖ୍ୟା ବୃଦ୍ଧି ପାଇ ଚାଲିଛି। କେବଳ ମାର୍ଚ୍ଚ ମାସରେ ଅନୁସରଣକାରୀଙ୍କ ସଂଖ୍ୟାରେ ୩.୪୨ ଲୋକ





ସାମିଲ ହୋଇଥିବା ରିଜର୍ଭ ବ୍ୟାଙ୍କ ତଥ୍ୟରୁ ଜଣାପଡ଼ିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ପଛକୁ ପୂର୍ବ ଏସିଆର କେନ୍ଦ୍ରୀୟ ବ୍ୟାଙ୍କ ଭାବେ ପରିଚିତ ବ୍ୟାଙ୍କ ଇଣ୍ଡୋନେସିଆର ଅନୁସରଣକାରୀଙ୍କ ସଂଖ୍ୟା ୭.୧୫ ଲକ୍ଷ ରହିଛି। ସେହି ରି ତୃତୀୟ ସ୍ଥାନରେ ରହିଛି ମେକ୍ସିକୋର କେନ୍ଦ୍ରୀୟ ବ୍ୟାଙ୍କ ବାଙ୍କେ ଦା’ ମେକ୍ସିକୋ। ଏହାର ଅନୁସରଣକାରୀଙ୍କ ସଂଖ୍ୟା ରହିଛି ୭.୧୧ ଲକ୍ଷ। ବିଶ୍ୱର ସବୁଠାରୁ ଶକ୍ତିଶାଳୀ ବ୍ୟାଙ୍କ କୁହାଯାଉଥିବା ଆମେରିକାର ଫେଡେରାଲ ବ୍ୟାଙ୍କର ଟ୍ୱିଟର ଆକାଉଣ୍ଟ ୨୦୦୯ ମାର୍ଚ୍ଚରେ ଖୋଲାଯାଇଥିଲା ବେଳେ ବର୍ତ୍ତମାନ ସୁଦ୍ଧା ଏହାର ଅନୁସରଣକାରୀଙ୍କ ସଂଖ୍ୟା ୬.୧୭ ଲକ୍ଷ ରହିଛି। ସେହିପରି ୟୁରୋପୀୟ ରାଷ୍ଟ୍ରମାନଙ୍କ ସବୁଠାରୁ ପ୍ରତିତିଶାଳୀ ବ୍ୟାଙ୍କ ୟୁରୋପିଆନ୍ ସେଣ୍ଟ୍ରାଲ ବ୍ୟାଙ୍କର ଅନୁସରଣକାରୀଙ୍କ ସଂଖ୍ୟା ମଧ୍ୟ ୫.୫୫ ଲକ୍ଷ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଦେଶର ଅର୍ଥନୀତି ବ୍ୟବସ୍ଥା ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରିବା ଉଦ୍ଦେଶ୍ୟରେ ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ ଟ୍ୱିଟରରେ ‘ଆର୍‌ବିଆଇ ସେଜ୍’ ନାମରେ ଆକାଉଣ୍ଟ ଚଳାଉଥିବା ବେଳେ ଏପ୍ରିଲ ମାସରେ ଏହି ନାମରେ ଫେସ୍‌ବୁକ୍‌ରେ ମଧ୍ୟ ଆକାଉଣ୍ଟ ଜାରି କରିଛି। ଲକ୍ ଡାଉନ୍ ସମୟରେ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଆର୍ଥିକ କାରବାର ସମ୍ପର୍କରେ ଏହି ଆକାଉଣ୍ଟଗୁଡିକରେ ଯେଉଁ ସୂଚନା ଦିଆଯାଉଛି ତାହାକୁ ଅନେକ ଲୋକ ଅନୁସରଣ କରୁଥିବା ଦେଖାଯାଉଛି।

# ୧୨ ସୀମାନ୍ତବର୍ତ୍ତୀ ଜିଲ୍ଲା ପାଇଁ ଏସ୍‌ଓପି



**ଭୁବନେଶ୍ୱର :** ଲକଡାଉନ୍ ଯୋଗୁ ଅନ୍ୟ ରାଜ୍ୟରେ ଅଟକି ରହିଥିବା ଓଡ଼ିଆ ଲୋକମାନଙ୍କ ଘରବାହୁଡ଼ା ଓ କରୋନା ସଂକ୍ରମଣ ଆଶଙ୍କାକୁ ହ୍ରାସ କରିବାକୁ ନେଇ ରାଜ୍ୟ ସରକାର ସୀମାବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ୧୨ଟି ପଏଣ୍ଟ ସ୍ଥାପନ କରିଛନ୍ତି। ଏହି ଚେକ୍ ପଏଣ୍ଟ ଗୁଡ଼ିକ ପୋଲିସ ବିଭାଗ ଦ୍ୱାରା ପରିଚାଳିତ ହେବ ଓ ଏଥିପାଇଁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ଗାଇଡଲାଇନ୍ (ଷ୍ଟାଣ୍ଡାର୍ଡ ଅପରେସନ ପ୍ରୋସିଜିଓର) ଜାରି ହୋଇଛି। ଅନ୍ୟ ରାଜ୍ୟରୁ ଆସୁଥିବା ଲୋକମାନେ କେବଳ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ଏହି ୧୨ଟି ବର୍ଡର ଚେକ୍ ପଏଣ୍ଟ ଦେଇ ରାଜ୍ୟ ଭିତରକୁ ପ୍ରବେଶ କରିପାରିବେ। ରାଜ୍ୟର ସୀମାବର୍ତ୍ତୀ ୧୧ଟି ଜିଲ୍ଲାରେ ସ୍ଥାପିତ ହୋଇଥିବା ଏହି ସୀମା ଚେକ୍ ପଏଣ୍ଟ ଗୁଡ଼ିକୁ ସମନ୍ୱିତ ଭାବେ ପରିଚାଳନା କରିବାକୁ ମୁଖ୍ୟ ସଚିବ ଅସିତ କୁମାର ତ୍ରିପାଠୀ ପୋଲିସ, ସ୍ୱାସ୍ଥ୍ୟ ଓ ପରିବାର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ମଧ ଏହି ଏସ୍‌ଓପିକୁ ସମସ୍ତ ଜିଲ୍ଲାପାଳ, ଏସ୍‌ପି, ପୌରାଞ୍ଚଳ କମିଶନର, ଆଞ୍ଚଳିକ ପରିବହନ ଅଧିକାରୀ ଓ ପରିବହନ କମିଶନରଙ୍କ ନିକଟକୁ ପଠାଇ ଏହାକୁ କଡାକଡି ଭାବେ ପାଳନ କରିବାକୁ କହିଛନ୍ତି। ଏସ୍‌ଓପି ଅନୁସାରେ ଅତିକମରେ ଇନ୍ସପେକ୍ଟର ପାହ୍ୟାର ଅଧିକାରୀମାନେ ସୀମା ଚେକ୍ ପଏଣ୍ଟ ଦାୟିତ୍ୱରେ ରହିବେ। ଆଞ୍ଚଳିକ ପରିବହନ ଅଧିକାରୀ ଚେକ ପଏଣ୍ଟ ବିଭିନ୍ନ କାର୍ଯ୍ୟ ପାଇଁ ମାନବ ସମ୍ବଳ, କମ୍ପ୍ୟୁଟର, ପ୍ରିଣ୍ଟର, ଡାଟା ଏଣ୍ଟ୍ରି ଅପରେଟର ଯୋଗାଇ ଦେବେ। ପ୍ରତି ଚେକ ପଏଣ୍ଟରେ ଗୋଟିଏ ସ୍ୱାସ୍ଥ୍ୟ ସେବା ଟିମକୁ ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ମୁତୟନ କରାଇବେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅସ୍ଥାୟୀ ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା ରହିବ। ପୂର୍ବ ନିର୍ଦ୍ଧାରିତ ନିୟମ ଅନୁସାରେ ଚେକ ପଏଣ୍ଟରେ ଓଡ଼ିଶାକୁ ଆସୁଥିବା ସମସ୍ତ ଗାଡିର ପଞ୍ଜିକୃତ ତଥ୍ୟ ଯାଞ୍ଚ କରାଯିବ। ଓଡ଼ିଶା ଫେରୁଥିବା ସମସ୍ତ ବ୍ୟକ୍ତିଙ୍କ ଡାହାଣ ହାତର କହୁଣୀ ତଳେ ଅଲିଭା କାଳିରେ ଏକ ଷ୍ଟାମ୍ପ ଲଗାଯିବ ସେହି ଷ୍ଟାମ୍ପରେ ଫେରିବା ତାରିଖ ଉଲ୍ଲେଖ ରହିବ। ଯାହାକି କ୍ୱାରେଣ୍ଟାଇନ୍ ଅବଧି ନିର୍ଦ୍ଧାରଣ ସମୟରେ କାର୍ଯ୍ୟରେ ଆସିବ। ଫେରୁଥିବା ପ୍ରବାସୀ ଓଡ଼ିଆମାନେ ଚେକିଂ ପଏଣ୍ଟରେ ନିଜର ପରିଚୟପତ୍ର ଦେଖାଇବେ। ପଞ୍ଜିକୃତ ଡାଟା ସହ ପ୍ରବାସୀଙ୍କ ପରିଚୟପତ୍ର ମେଳ କରାଯିବା ପରେ ସେମାନଙ୍କୁ ରାଜ୍ୟ ଭିତରକୁ ଆସିବାକୁ ଅନୁମତି ମିଳିବ। ସୂଚନାଥାଉ କି, ଓଡ଼ିଶା ଭିତରକୁ ପ୍ରବେଶ କରିବା ନିମନ୍ତେ ସୁନ୍ଦରଗଡ, କେନ୍ଦୁଝର, କୋରାପୁଟ, ଗଞ୍ଜାମ, ମୟୂରଭଞ୍ଜ, ଝାରସୁଗୁଡା, ରାୟଗଡା, ନୂଆପଡା, ବାଲେଶ୍ୱର, ବରଗଡ ଓ ମାଲକାନଗିରି ଜିଲ୍ଲାର ୧୨ଟି ସ୍ଥାନରେ ଚେକ୍ ପଏଣ୍ଟ ସ୍ଥାପନ କରାଯାଇଛି।

## ପଞ୍ଚାୟତ କ୍ୱାରେଣ୍ଟାଇନ୍ ବ୍ୟବସ୍ଥା ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

# ଖାଦ୍ୟ, ପାନୀୟ ଓ ପରିମଳ ଉପରେ ନଜର ରଖିବାକୁ ନିର୍ଦ୍ଦେଶ



**ଭୁବନେଶ୍ୱର :** ଲୋକସେବା ଭବନରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଭିଭିନ୍ନ ଜିଲ୍ଲାର ସ୍ଥିତି ସମୀକ୍ଷା କରିଛନ୍ତି ମୁଖ୍ୟ ଶାସନ ସଚିବ ଅସୀତ କୁମାର ତ୍ରିପାଠୀ। ଏହି ଅବସରରେ କ୍ୱାରେଣ୍ଟାଇନ୍ ସେଣ୍ଟରଗୁଡ଼ିକରେ ଦିଆଯାଉଥିବା ଖାଦ୍ୟ, ପାନୀୟ ଓ ପରିମଳ ପ୍ରତି ଦୃଷ୍ଟି ଦେବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ତ୍ରିପାଠୀ ଆହୁରି ମଧ କହିଛନ୍ତି ଯେ, କରୋନା ବିରୋଧ ଲଢ଼େଇ ଏକ ଲମ୍ବା ସଂଗ୍ରାମ। ବର୍ତ୍ତମାନ ଅଦୃଶ ଶତ୍ରୁ ବିରୋଧରେ ଅଜଣା ଯୁଦ୍ଧ ଚାଲିଛି। ସ୍ଥିତି ବଦଳିବା ସହ ଆମକୁ ରଣନୀତି ବଦଳାଇବାକୁ ପଡ଼ିବ। ଏହି ଲମ୍ବା ସଂଗ୍ରାମରେ ଆର୍ଥିକ କାର୍ଯ୍ୟକଳାପ ଏବଂ ଲୋକଙ୍କ ପାଖକୁ ନଗଦ ଅର୍ଥ ଅନ୍ୟ ପ୍ରମୁଖ ଦିଗ। ଏହା ଆମର ଲଢ଼େଇକୁ ଅଧିକ ଶକ୍ତି ଓ ସାମର୍ଥ ଯୋଗାଇବ। ତେଣୁ କରୋନା ବିରୋଧରେ ଲଢ଼େଇ ସହ ସମାନ୍ତରାଳ ଭାବେ ଗ୍ରାମାଞ୍ଚଳ ଓ ଶିଳ୍ପାଞ୍ଚଳରେ ଆର୍ଥିକ କାର୍ଯ୍ୟକଳାପ ବଢ଼ାଇବାକୁ ମୁଖ୍ୟ ଶାସନ ସଚିବ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖୁବ୍‌ଶୀଘ୍ର ଅନ୍ୟ ରାଜ୍ୟରେ ରହିଥିବା ଓଡ଼ିଆଙ୍କୁ ରାଜ୍ୟକୁ ଫେରାଇ ଆଣିବା ପ୍ରକ୍ରିୟା ଆରମ୍ଭ ହେବ। ସେମାନଙ୍କ ପାଇଁ ପଞ୍ଚାୟତସ୍ତରରେ କ୍ୱାରେଣ୍ଟାଇନ୍ ଏବଂ ମେଡିକାଲ କ୍ୟାମ୍ପରେ ରଖିବାର ବ୍ୟବସ୍ଥା କରାଯିବ। ନିର୍ଦ୍ଧାରିତ ଗାଇଡ୍‌ଲାଇନ ଅନୁଯାୟୀ, ମହିଳା ଏବଂ ପୁରୁଷଙ୍କ ଲାଗି ଅଲଗା କୋଠରି ଓ ବାଥରୁମ୍‌ର ବ୍ୟବସ୍ଥା କରାଯିବା ଉଚିତ୍। ସେହିପରି ସମ୍ପୃକ୍ତ ଶିବିରରେ ଖାଦ୍ୟ, ପାନୀୟ ସାଙ୍ଗକୁ ପରିମଳ ବ୍ୟବସ୍ଥାର ସ୍ୱତନ୍ତ୍ର ଗୁରୁତ୍ୱ ଦେବାକୁ ଆଲୋଚନାରେ ସ୍ୱତନ୍ତ୍ର ରିଲିଫ୍ କମିଶନର ନିର୍ଦ୍ଦେଶ ଦେଇଛନ୍ତି। କୃଷି କାର୍ଯ୍ୟ, କୃଷି ଉତ୍ପାଦିତ ଦ୍ରବ୍ୟର ବିକ୍ରିବଟା ଲାଗି ପରିବହନ ଓ ଯାତାୟାତ, ଚାଷପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ଚାଷ ଲାଗି ଆବଶ୍ୟକ ପଦାର୍ଥ ଓ ସରଞ୍ଜାମ ବିକ୍ରି କରୁଥିବା ଦୋକାନକୁ କଟକଣାମୁକ୍ତ କରାଯାଇଛି ବୋଲି ଜିଲ୍ଲାପାଳଙ୍କୁ ସ୍ପଷ୍ଟ କରାଯାଇଛି। ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଗ୍ରାମୀଣ ପାଇପ୍ ଜଳଯୋଗାଣ ଆଦି ବିଭାଗ ସହ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟକୁ ମଧ୍ୟ କଟକଣା ମୁକ୍ତ କରାଯାଇଛି। ଏ ସବୁ ଲାଗି ଶ୍ରମିକମାନଙ୍କର ଯାତାୟାତ ଓ ମାଲ ପରିବହନ ଆଦି ଉପରେ କୌଣସି କଟକଣା ନରଖିବାକୁ ମଧ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦୁପତ୍ର ତୋଳା ଓ ସଂଗ୍ରହ ସମେତ ଚାରାରୋପଣ, ଜଙ୍ଗଲ ସୃଷ୍ଟି ଓ ନର୍ସରୀ ଆଦି ସମ୍ପର୍କିତ କାର୍ଯ୍ୟକଳାପକୁ ମଧ କଟକଣାମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଶ୍ରୀ ତ୍ରିପାଠୀ। ଗ୍ରାମାଞ୍ଚଳରେ ଥିବା କ୍ଷୁଦ୍ର, ମଧ୍ୟମ ଶିଳ୍ପାନୁଷ୍ଠାନ ସହ ବିଭିନ୍ନ ଶିଳ୍ପାଞ୍ଚଳରେ ଥିବା ଶିଳ୍ପାନୁଷ୍ଠାନଗୁଡ଼ିକରେ ପୂର୍ଣ୍ଣ କାର୍ଯ୍ୟକଳାପ ଓ ଉତ୍ପାଦନ ପ୍ରକ୍ରିୟା ଆଦିକୁ କଟକଣା କରିବା ପାଇଁ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା କହିଥିଲେ। ଏହି ସବୁ କାର୍ଯ୍ୟକୁ ସରକାର କଟକଣା ମୁକ୍ତ କରିଛନ୍ତି ବୋଲି ବୈଠକରେ ସ୍ପଷ୍ଟ କରାଯାଇଥିଲା। ବିଭିନ୍ନ ପରିବହନ ସଂଘ ଶିଳ୍ପ ସଂଘ ଓ ବ୍ୟବସାୟିକ ସଂଘଗୁଡ଼ିକର ବୈଠକ ଡାକି ତୁରନ୍ତ ଏ ସବୁ କ୍ଷେତ୍ରରେ କାର୍ଯ୍ୟକଳାପ ବଢ଼ାଇବା ଲାଗି ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟର ଅନେକ ପଞ୍ଚାୟତ ଏବଂ ଗ୍ରାମରେ କିଛି ଲୋକଙ୍କ ଦ୍ୱାରା କରାଯାଇଥିବା ବ୍ୟାରିକେଡ୍ ଲାଗି ମାଲ ପରିବହନ ଏବଂ ଶ୍ରମିକଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି। ତେଣୁ କେବଳ କଣ୍ଟେନ୍‌ମେଣ୍ଟ ଅଞ୍ଚଳକୁ ବାଦ ଦେଲେ ଅନ୍ୟ ସମସ୍ତ ବ୍ୟାରିକେଟ ଉଠାଇବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଆବଶ୍ୟକ ସ୍ଥଳେ ପ୍ରଶାସନ ବ୍ୟତୀତ ଅନ୍ୟ କେହି ବ୍ୟାରିକେଡ୍ କରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ କମ୍ପାନୀଗୁଡ଼ିକ ସେମାନଙ୍କ ବସ୍ ମାଧ୍ୟମରେ କର୍ମଚାରୀଙ୍କୁ ଗୋଟିଏ ସ୍ଥାନରୁ କାର୍ଯ୍ୟାଳୟକୁ ନେବା ଆଣିବା କରିପାରିବେ। ତେବେ ଏ କ୍ଷେତ୍ରରେ ବସ୍‌ରେ ଥିବା ସିଟ୍ ସଂଖ୍ୟାର ଶତକଡା ୪୦ଭାଗ କର୍ମଚାରୀ ବସିବେ। ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ପ୍ରକଳ୍ପର ସଂଖ୍ୟା ବଢ଼ାଇବା ସହ ଅଧିକରୁ ଅଧିକ କର୍ମ ନିଯୁକ୍ତି ସୃଷ୍ଟି କରିବା ପାଇଁ ମଧ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ଆର୍ଥିକ କାର୍ଯ୍ୟକଳାପ ଏବଂ ଲୋକମାନଙ୍କର ରୋଜଗାର କରୋନା ବିରୋଧ ଲଢ଼େଇ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ବୋଲି ମୁଖ୍ୟ ଶାସନ ସଚିବ ମତ ଦେଇଛନ୍ତି। ଏହି ଆଲୋଚନା ସମୟରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ସଚିବ ସୌରଭ ଗର୍ଗ, ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ ଦେଓ ରଞ୍ଜନ ସିଂ, ଅର୍ଥ ବିଭାଗର ପ୍ରମୁଖ ସଚିବ ଅଶୋକ କୁମାର ମୀନା, ପୂର୍ତ୍ତ ବିଭାଗର ସଚିବ କ୍ରିଷନ କୁମାର ପ୍ରମୁଖ ଯୋଗଦେଇ ଥିଲେ।

## ୩୪ ଓଏଏସ୍‌ଙ୍କୁ ନୂତନ ନିଯୁକ୍ତି

**ଭୁବନେଶ୍ୱର :** ପ୍ରୋବେସନରେ ଥିବା ୩୪ଜଣ ଓଏଏସ୍ ଅଫିସରଙ୍କୁ ସରକାର ନୂଆ ନିଯୁକ୍ତି ପ୍ରଦାନ କରିଛନ୍ତି। ଗତବର୍ଷ ଜୁନ୍ ମାସରୁ ପ୍ରଶିକ୍ଷଣରେ ଥିବା ଏହି ଅଫିସରମାନଙ୍କ ନିଯୁକ୍ତି ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ, ଶଶୀ ଭୂଷଣ ମହାପାତ୍ରଙ୍କୁ ବେଲଗୁଣ୍ଠା ବିଡିଓ ଭାବେ ନିଯୁକ୍ତି ମିଳିଛି। ଏମ୍ ଅନୁରାଧାଙ୍କୁ ତୁମୁଡ଼ିବନ୍ଧ ତହସିଲଦାର, ଆୟୁଷୀ ମହାପାତ୍ରଙ୍କୁ ନୟାଗଡ଼ ଉପଜିଲ୍ଲାପାଳ, ଲୀଳାବତି ଆଚାର୍ଜୀଙ୍କୁ ରାୟଗଡ଼ ତହସିଲଦାର, ପୁନମ ମହାପାତ୍ରଙ୍କୁ ଚିଲିକା ତହସିଲଦାର, ସ୍ମୃତି ପ୍ରଜ୍ଞା ପ୍ରିୟଦର୍ଶିନୀଙ୍କୁ କୁଜଙ୍ଗ ତହସିଲଦାର, ପ୍ରୟାସୀ ପ୍ରଧାନଙ୍କୁ ସୋନପୁର ଉପଜିଲ୍ଲାପାଳ, ରାଜୀବ ହାଁସଦାଙ୍କୁ ଗଜପତି ଉପଜିଲ୍ଲାପାଳ, ମାନସ ରଞ୍ଜନ ସାହୁଙ୍କୁ ରାଉରକେଲା ତହସିଲଦାର, ପ୍ରିତମ କୁମାର ତନ୍ତୀଙ୍କୁ ବଲାଙ୍ଗିର ଉପଜିଲ୍ଲାପାଳ, ମାନସ ରଞ୍ଜନ ତ୍ରିଠୀଙ୍କୁ ନର୍ଲା ତହସିଲଦାର, ସରୋଜ କୁମାର ରାଉତଙ୍କୁ ବଲାଙ୍ଗିର ଉପଜିଲ୍ଲାପାଳ, ରଞ୍ଜିତ କୁମାର ମଲ୍ଲିକଙ୍କୁ ଆଳି ବିଡିଏ, କରିସ୍ମା ବେସରାଙ୍କୁ କଲମପୁର ତହସିଲଦାର, ଅଦାଲ ସ୍ନେହଲତାଙ୍କୁ ନନ୍ଦାହାଣ୍ଡି ତହସିଲଦାର ଭାବେ ନିଯୁକ୍ତି ମିଳିଛି। ସେହିରି ଅର୍ଚ୍ଚନା ଦାଶଙ୍କୁ କୋରାପୁଟ ଉପଜିଲ୍ଲାପାଳ, ସୁଶ୍ରୀ ସାଗରିକା ଷଡ଼ଙ୍ଗୀଙ୍କୁ କୋରାପୁଟ ଉପଜିଲ୍ଲାପାଳ, ଲୋପାମୁଦ୍ରା ସାମଲଙ୍କୁ ନୂଆପଡ଼ା ଉପଜିଲ୍ଲାପାଳ, ଅନାମିକା ପାଣ୍ଡେଙ୍କୁ ନବରଙ୍ଗପୁର ଉପଜିଲ୍ଲାପାଳ, ଅନନ୍ତ କୁମାର ହାଁସଦାଙ୍କୁ ନବରଙ୍ଗପୁର ଉପଜିଲ୍ଲାପାଳ, ଏସ୍‌କେ ସାଗିରଙ୍କୁ ଗଜପତି ଉପଜିଲ୍ଲାପାଳ, ଅନୁପ ଅଭିଷେକ ବେହେରାଙ୍କୁ ରାୟଗଡ଼ା ଉପଜିଲ୍ଲାପାଳ, ସଂଗ୍ରାମ କେଶରୀ ପରିଡ଼ାଙ୍କୁ ନୂଆପଡ଼ା ଉପଜିଲ୍ଲାପାଳ, ସୁଶ୍ରୀ ପ୍ରଧାନଙ୍କୁ କଳାହାଣ୍ଡି ଉପଜିଲ୍ଲାପାଳ, ବିଶ୍ୱଜିତ୍ ରାୟଙ୍କୁ କଳାହାଣ୍ଡି ଉପଜିଲ୍ଲାପାଳ, ପ୍ରତିଭା ଝୋଡ଼ିଆଙ୍କୁ ରାୟଗଡ଼ା ଉପଜିଲ୍ଲାପାଳ, ବିକ୍ରମ କେଶରୀ ପରିଡ଼ାଙ୍କୁ ନବରଙ୍ଗପୁର ଉପଜିଲ୍ଲାପାଳ, ପ୍ରିୟଦର୍ଶିନୀ ମଲ୍ଲିକ, ରୋସନ ଶତପଥୀ ଓ ସନ୍ଧ୍ୟା ସାମର୍ଥଙ୍କୁ ମାଲକାନଗିରି ଉପଜିଲ୍ଲାପାଳ, ଅଭିଷେକ ଦାଶଙ୍କୁ ନାରାୟଣପାଟଣା ତହସିଲଦାର, ନିଶାନ ମିଶ୍ରଙ୍କୁ ଥ. ରାମପୁର ବିଡିଓ, ଇପ୍‌ସିତା ପାତ୍ରଙ୍କୁ ଚନ୍ଦ୍ରର ତହସିଲଦାର ଏବଂ ତୁଷାର ଜ୍ୟୋତି ରଞ୍ଜନଙ୍କୁ ରାଇଘର ତହସିଲଦାର ଭାବେ ନିଯୁକ୍ତି ମିଳିଛି।

## ଦୋକାନୀ ଓ ଗ୍ରାହକଙ୍କ ପାଇଁ କମିଶନରେଟ ପୁଲିସର ନିର୍ଦ୍ଦେଶନାମା

# 'ସାମାଜିକ ଦୂରତା' ନରଖିଲେ ଗଣିବ ଦଣ୍ଡ



**ଭୁବନେଶ୍ୱର :** କରୋନା ଭୂତାଣୁର ପ୍ରକୋପ କମିନଥିବା ବେଳେ ସାମାଜିକ ଦୂରତା ବଜାୟ ରଖିବା ହିଁ ଆମ ପାଇଁ ହିତକର। ସାମାଜିକ ଦୂରତା ଓ ହାତ ସଫା ରଖିବା ଦ୍ୱାରା ହିଁ କରୋନାକୁ ଆମେ ମୁକାବିଲା କରିରିବା। ତେବେ ଏହାକୁ ଲକ୍ଷ୍ୟ କରି ବାହାରକୁ ବାହାରିବା ବେଳେ ଲୋକଙ୍କ ଆଚରଣ ଓ ଦୋକାନ ବଜାର ଖୋଲିବା ସମ୍ପର୍କିତ ନିୟମ ନେଇ କମିଶନରେଟ ପୁଲିସ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ନିର୍ଦ୍ଦେଶନାମା ଉଭୟ କଟକ ଓ ଭୁବନେଶ୍ୱର ସହର ପାଇଁ ଆଗାମୀ ୬୦ଦିନ ତଥା ୨ମାସ ପର୍ଯ୍ୟନ୍ତ ବଳବତ୍ତର ରହିବ। କମିଶନରେଟ ପୁଲିସର ନିର୍ଦ୍ଦେଶ ଅନୁସାରେ, ସାମାଜିକ ବ୍ୟବଧାନ କହିଲେ ଯେ କୌଣସି ୨ଜଣ ବ୍ୟକ୍ତିଙ୍କ ମଧ୍ୟରେ ଦୂରତା ୨ ମିଟର ତଥା ୬ ଫୁଟ୍ ବୋଲି ପରିଗଣିତ କରାଯିବ। ଏହି ସଂଖ୍ୟକ ଦୂରତ୍ୱ ମୁଣ୍ଡରେ ରଖି ଲୋକମାନେ ବଜାରଘାଟରେ ଯିବାଆସିବା କରିବା ସହ ଜିନିଷ କିଣାକିଣି କରି ।ରିବେ। ସବୁ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନର ମାଲିକ ନିଜ ପରିସର ଓ ଆଖପାଖ ଅଞ୍ଚଳରେ ସାମାଜିକ ବ୍ୟବଧାନ ରଖିବା ପାଇଁ ପଦକ୍ଷେପ ନେବେ। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ କଟକ ମହାନଗର ନିଗମ (ସିଏମ୍‌ସି) ଅଞ୍ଚଳରେ କେବଳ ସ୍ୱୀକୃତିପ୍ରାପ୍ତ ଦୋକାନ ହିଁ ଖୋଲାଯିବ। ଏହାସହ ବ୍ୟବସାୟୀମାନେ ଦୋକାନ ଖୋଲିବା ପାଇଁ ଦିଆଯାଇଥିବା ସମୟ ନିର୍ଘଣ୍ଟକୁ କଡ଼ାକଡ଼ି ପାଳନ କରିବେ। ସେହି ରି ଗ୍ରାହକମାନେ ମଧ ଦୋକାନ ବଜାରକୁ ଯାଇ କିଣାକିଣି କରିବା ବେଳେ ସାମାଜିକ ବ୍ୟବଧାନ ରକ୍ଷା କରିବେ। ସେମାନେ ଅନ୍ୟମାନଙ୍କ ଠାରୁ ସାମାଜିକ ଦୂରତା ରଖିବେ ଓ ଶୃଙ୍ଖଳିତ ଭାବେ ଆଚରଣ କରିବେ। ଯଦି ଏହି ନିୟମକୁ କେହି ଉଲ୍ଲଘଂନ କରନ୍ତି, ତା'ହେଲେ ଦୋକାନୀଙ୍କ ଭଳି ଗ୍ରାହକମାନେ ମଧ ସମାନ ଭାବେ ଦଣ୍ଡିତ ହେବେ। ଯଦି ଗ୍ରାହକମାନେ ଦୋକାନ ତଥା ବାଣିଜ୍ୟିକ ପ୍ରତିଷ୍ଠାନର ମାଲିକ କିମ୍ବା କର୍ମଚାରୀଙ୍କ ଅନୁରୋଧ ମାନି ସାମାଜିକ ଦୂରତା ନ ରଖନ୍ତି, ତା'ହେଲେ ସମ୍ପୃକ୍ତ ଦୋକାନୀ ତୁରନ୍ତ ପୁଲିସ କିମ୍ବା ୧୦୦ନମ୍ବରରେ ଫୋନ୍ କରି ଅଭିଯୋଗ କରିରିବେ। ଯଦି ଦୋକାନୀ ପୁଲିସକୁ ନଜଣାଇ ଗ୍ରାହକମାନଙ୍କୁ ସାମାଜିକ ବ୍ୟବଧାନ ଭାଙ୍ଗିବାକୁ ପ୍ରଶ୍ରୟ ଦିଅନ୍ତି, ତା' ହେଲେ ସେମାନେ ସମାନ ଭାବରେ ଦାୟୀ ରହିବେ। ସବୁ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନର ମାଲିକ, କର୍ମଚାରୀ ସର୍ବଦା ମୁଖା ପରିଧାନ କରିବେ। ମୁଖା ପିନ୍ଧିନଥିବା ଗ୍ରାହକଙ୍କୁ ଦୋକାନ ଭିତରେ ପଶିବାକୁ ଦିଆଯିବ ନାହିଁ। ଏହାସହ ଗ୍ରାହକମାନେ ଦୋକାନ ପରିସରରେ ଥିବାବେଳେ କୌଣସି ସମୟରେ ମୁଖା ଖୋଲିରିବେ ନାହିଁ। ପ୍ରତ୍ୟେକ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକ ସେମାନଙ୍କ ଦୋକାନ ସମ୍ମୁଖରେ ହାତ ଧୋଇବା ପାଇଁ ସାନିଟାଇଜିଂ ବ୍ୟବସ୍ଥା କରିବେ। ମାର୍କେଟ୍‌କୁ ଯିବା ବେଳେ କୌଣସି ବ୍ୟକ୍ତି ଗୁଟ୍‌ଖା, ଦୋକତା ଓ ପାନ ପାଟିରେ ରଖି ଯାଇପାରିବେ ନାହିଁ। ଏହି ସବୁ ନିୟମଗୁଡ଼ିକର ଖିଲାପ କଲେ ଦୋକାନ ବା ବ୍ୟବସାୟିକ ପ୍ରତିଷ୍ଠାନର ମାଲିକ. କର୍ମଚାରୀ ଓ ଗ୍ରାହକଙ୍କୁ ଓଡ଼ିଶା ସହରାଞ୍ଚଳ ଆଇନର ଧାରା ୯୬(ଡି) ଅନୁସାରେ ୫ ଶହ ଟଙ୍କା ଜୋରିମାନା ଦେବାକୁ ହେବ। ଏହି ଅଧିନିୟମ ଅନୁସାରେ କମିଶନରେଟ ପୁଲିସ ଏଏସ୍‌ଆଇ(ଆସିଷ୍ଟାଣ୍ଟ ସବ୍-ଇନସ୍ପେକ୍ଟର) ଓ ଏହାଠାରୁ ଉପରୋକ୍ତ ଅଧିକାରୀମାନଙ୍କୁ ଜୋରିମାନା ଆଦାୟ ପାଇଁ କ୍ଷମତା ପ୍ରଦାନ କରାଯାଇଛି। ଏହି ଅଧିନିୟମ ଆଜିଠାରୁ ତଥା ମେ ୧ ତାରିଖରୁ କାର୍ଯ୍ୟକାରୀ ହେବ। କୌଣସି ପରିସ୍ଥିତିରେ ଯଦି ଏହି ଅଧିନିୟମ ପ୍ରତ୍ୟାହାର ନ ହୁଏ କିମ୍ବା ଏହାର ଅବଧି ନ ବଢ଼େ, ତା'ହେଲେ ଏହା ଆଗାମୀ ୬୦ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ।

## ଗଣମାଧ୍ୟମ ସଂସ୍ଥା ଓ ପ୍ରତିନିଧିଙ୍କ ପାଇଁ ଆଡଭାଇଜରି ଜାରି

**ଭୁବନେଶ୍ୱର :** ଲକ୍‌ଡାଉନ୍ ଯୋଗୁ ଅନ୍ୟ ରାଜ୍ୟରେ ଅଟକି ରହିଥିବା ଓଡ଼ିଆମାନଙ୍କ ଘରବାହୁଡ଼ା ହେଉଥିବା ବେଳେ ସେମାନଙ୍କ ଠାରୁ ଦୂରେଇ ରହିବା ନିମନ୍ତେ ଗଣମାଧ୍ୟମକୁ ରାଜ୍ୟ ସରକାର ପରାମର୍ଶ ଦେଇଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆଜି ଏକ ଆଡଭାଇଜରି ମଧ ଜାରି ହୋଇଛି। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ସମସ୍ତ ଗଣମାଧ୍ୟମ ସଂସ୍ଥା ଓ ପ୍ରତିନିଧିଙ୍କ ପାଇଁ ଏକ ନିର୍ଦ୍ଦେଶନାମା ଜାରି କରି କହିଛନ୍ତି ଯେ, କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏପ୍ରିଲ ୨୯ ତାରିଖରେ ପ୍ରବାସୀ ଶ୍ରମିକ, ତୀର୍ଥଯାତ୍ରୀ, ପର୍ଯ୍ୟଟକ, ଛାତ୍ରଛାତ୍ରୀ ଓ ଅନ୍ୟାନ୍ୟ ଲୋକମାନଙ୍କୁ ନିଜ ରାଜ୍ୟକୁ ଫେରିବା ନିମନ୍ତେ ଅନୁମତି ଦେଇଛନ୍ତି। ଏହି କାରଣରୁ ବହୁ ସଂଖ୍ୟକ ଲୋକମାନେ ସଡକ ଓ ରେଳ ମାର୍ଗରେ ଓଡ଼ିଶାକୁ ଫେରୁଛନ୍ତି। ସେମାନେ ଓଡ଼ିଶାରେ ପହଞ୍ଚିବା ପରେ ସେମାନଙ୍କୁ ସ୍ୱାଗତ ସହ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇ ସେମାନଙ୍କର ନିଜସ୍ୱ ଜିଲ୍ଲାକୁ ପଠାଇ ଦିଆଯିବ। ତେଣୁ ସଂକ୍ରମଣ ଆଶଙ୍କା ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କର ବ୍ୟକ୍ତିଗତ ନିରାପତ୍ତାକୁ ଦୃଷ୍ଟିରେ ରଖି ରେଳ ଷ୍ଟେସନ କିମ୍ବା ଚେକ୍ ପଏଣ୍ଟ, କୌଣସି କ୍ୱାରେଣ୍ଟାଇନ ସେଣ୍ଟର ଅବା ଆଇସୋଲେସନ ସେଣ୍ଟରକୁ ନଯିବା ପାଇଁ ରାଜ୍ୟ ସରକାର ଅନୁରୋଧ କରିଛନ୍ତି।


## ବଦଳିଲା ଅତ୍ୟାବଶ୍ୟକ ଓ ଆଂଶିକ ଅତ୍ୟାବଶ୍ୟକ ବିଭାଗର ତାଲିକା

**ଭୁବନେଶ୍ୱର :** ଓଡ଼ିଶାରେ କରୋନା ମୁକାବିଲା ପରିଚାଳନା ଦୃଷ୍ଟିରୁ ରାଜ୍ୟ ସରକାର ବିଭିନ୍ନ ବିଭାଗ ଗୁଡ଼ିକୁ ପୂର୍ବରୁ ଦୁଇଟି ବର୍ଗ-କ୍ରିଟିକାଲ (ଅତ୍ୟାବଶ୍ୟକ) ଓ ପାର୍ସିଆଲି (ଆଂଶିକ ଅତ୍ୟାବଶ୍ୟକ)ରେ ବିଭକ୍ତ କରିଥିଲେ। ଏବେ ଏହି ଦୁଇ ବର୍ଗରେ ଥିବା ବିଭାଗ ଗୁଡ଼ିକରେ କେତେକ ପରିବର୍ତ୍ତନ ଅଣାଯାଇଛି। କ୍ରିଟିକାଲ ବର୍ଗରେ ଥିବା ବିଭାଗ ଗୁଡ଼ିକ ହେଲା କୃଷି, ବାଣିଜ୍ୟ ଓ ପରିବହନ, ସମବାୟ, ଅବକାରୀ, ଅର୍ଥ, ସାଧାରଣ ପ୍ରଶାସନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାଧାରଣ ପ୍ରଶାସନ, ଗୃହନିର୍ମାଣ ଓ ନଗର ଉନ୍ନୟନ, ଗୃହ, ଶ୍ରମ, ପଞ୍ଚାୟତି ରାଜ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ, ଇସ୍ପାତ ଓ ଖଣି, ଅବକାରୀ ଆଦି ୧୪ଟି ବିଭାଗ ରହିଛି। ଏହି ବର୍ଗରେ ଥିବା ବିଭାଗ ଗୁଡ଼ିକର ୫୦ ପ୍ରତିଶତ କର୍ମଚାରୀ ଅଫିସ ଯାଇ ଜରୁରୀ କାମ କରିବେ। ସେହିପରି ପାର୍ସିଆଲି କ୍ରିଟିକାଲ ବିଭାଗରେ ଉପରୋକ୍ତ ୧୪ଟି ବିଭାଗ ବ୍ୟତୀତ ଅନ୍ୟ ବିଭାଗ ରହିଛି। ଏହି ବର୍ଗରେ ଥିବା ବିଭାଗ ଗୁଡ଼ିକର ୩୦ ପ୍ରତିଶତ କର୍ମଚାରୀ ଅଫିସ ଯାଇ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଗାଇଡଲାଇନ ଅନୁସାରେ କାମ କରିପାରିବେ। ଏହି ନୂଆ ନିର୍ଦ୍ଦେଶ ମେ' ୪ରୁ ୧୭ ପର୍ଯ୍ୟନ୍ତ ବଳବତ୍ତର ରହିବ।

## ଖରିଫ ଫସଲ ଋଣ ଯୋଗାଣ ପାଇଁ ସମବାୟ ମନ୍ତ୍ରୀଙ୍କ ଗୁରୁତ୍ୱ

# ୭୫୦୦କୋଟି ଟଙ୍କା ଫସଲ ଋଣ ଯୋଗାଣ ଲକ୍ଷ୍ୟ

**ଭୁବନେଶ୍ୱର :** ଓଡ଼ିଶାରେ କୃଷିକାର୍ଯ୍ୟକୁ ଆଗେଇ ନେବା ସହ ଖରିଫ୍ ଋଣ ଯୋଗାଣକୁ ତ୍ୱରାନ୍ୱିତ କରିବା ପାଇଁ ଖାଦ୍ୟ ଯୋଗାଣ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଭାଗୀୟ ଅଧିକାରୀମାନଙ୍କୁ କହିଛନ୍ତି। ରାଜ୍ୟର ପ୍ରାୟ ୯୦ପ୍ରତିଶତ ଚାଷୀ କ୍ଷୁଦ୍ର ଓ ନାମମାତ୍ର ହୋଇଥିବାରୁ ଫସଲ ଋଣ ପ୍ରଦାନ କ୍ଷେତ୍ରରେ ସେମାନଙ୍କୁ ପ୍ରାଥମିକତା ପ୍ରଦାନ କରିବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଛନ୍ତି। କୋଭିଡ୍-୧୯କୁ ଦୃଷ୍ଟିରେ ରଖି ପ୍ୟାକସ୍ ଓ ଲ୍ୟାମ୍ପସ୍ ଗୁଡ଼ିକରେ ସାମାଜିକ ଦୂରତ୍ୱ ଓ ସରକାରଙ୍କ ପକ୍ଷରୁ ଜାରି ମାର୍ଗଦର୍ଶିକାକୁ କଡ଼ାକଡ଼ି ପାଳନ କରିବା ଉପରେ ମନ୍ତ୍ରୀ କହିଛନ୍ତି। ଚଳିତ ଖରିଫ ଋତୁରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମବାୟ କ୍ଷେତ୍ର ମାଧ୍ୟମରେ ୭୫୦୦କୋଟି ଟଙ୍କା ଫସଲ ଋଣ ଯୋଗାଇ ଦେବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ଚାଷୀମାନଙ୍କୁ ଠିକଣା ସମୟରେ ଋଣ ଯୋଗାଇ ଦେବା ଓ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ମନ୍ତ୍ରୀ ପ୍ରକାଶ କରିଛନ୍ତି। ସମବାୟ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳମାନଙ୍କୁ ଖରିଫ ଋଣ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପତ୍ର ଲେଖାଯାଇଛି। ରାଜ୍ୟରେ ମୋଟ୍ ଫସଲ ଋଣ ପ୍ରଦାନ ୬୫ରୁ ୬୮ପ୍ରତିଶତ ସମବାୟ ସଂସ୍ଥା ଦ୍ୱାରା ସମ୍ପାଦିତ ହୋଇଥାଏ। ଗତ ଖରିଫ୍ ୨୦୧୯ଋତୁରେ ସମବାୟ ସଂସ୍ଥା ଗୁଡ଼ିକ ଧାର୍ଯ୍ୟ ଲକ୍ଷ୍ୟ ୭୫୦୦କୋଟି ଟଙ୍କା ମଧ୍ୟରୁ ରାଜ୍ୟରେ ୧୭,୯୧,୮୯୮ଜଣ ଚାଷୀଙ୍କୁ ମୋଟ୍ ୭୩୩୦.୫୬କୋଟି ଟଙ୍କା ଫସଲ ଋଣ ପ୍ରଦାନ କରିଥିଲେ। ତେଣୁ ଚଳିତ ଋତୁରେ ଧାର୍ଯ୍ୟଲକ୍ଷ୍ୟ ପୂରଣ ସହ ପ୍ରାଥମିକ କୃଷି ସମବାୟ ସମିତିର ଚାଷୀ ସଭ୍ୟମାନଙ୍କୁ ଫସଲ ଋଣ ଯୋଗାଇ ଦେବା ପାଇଁ ଫଳପ୍ରଦ କାର୍ଯ୍ୟ ଖସଡା ପ୍ରସ୍ତୁତ କରିବା ପାଇଁ କୁହାଯାଇଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଚାଷୀମାନଙ୍କୁ ଫସଲ ଋଣରେ ବ୍ୟାପକ ରିହାତି ଯୋଗାଇ ଦିଆଯାଉଥିବା ଦୃଷ୍ଟିରୁ ହିତାଧିକାରୀ ଚାଷୀମାନଙ୍କ ଆଧାର କାର୍ଡ ନମ୍ବର ସଂଗ୍ରହ ଏବଂ ଏହାକୁ କିଷାନ କ୍ରେଡିଟ୍ କାର୍ଡ ଏବଂ ବ୍ୟାଙ୍କ ଆକାଉଂଟ ସହ ସଂଯୋଗ କରିବା ବାଧ୍ୟତାମୂଳକ କରାଯାଇଛି। ମଞ୍ଜୁରୀପ୍ରାପ୍ତ ଋଣ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାରେ ହସ୍ତାନ୍ତର କରାଯିବ। କରୋନା ଭୂତାଣୁ ସଂକ୍ରମଣ ଯୋଗୁ ରାଜ୍ୟ ସମେତ ସାରା ଦେଶରେ ଲକଡାଉନ୍ ଜାରି ରହିଥିବା ବେଳେ ପ୍ୟାକସ୍ ଏବଂ ଲ୍ୟାମ୍ପସ୍ ଗୁଡ଼ିକୁ ସ୍ୱଳ୍ପମିଆଦି କୃଷିଋଣ ଅନୁମୋଦନ ଓ ପ୍ରଦାନ ଅଫଲାଇନ୍ ମାଧ୍ୟମରେ କରିବା ପାଇଁ ଅନୁମତି ଦିଆଯାଇଛି। ଖରିଫ୍ ୨୦୨୦ ଋଣ ଯୋଗାଣର ଶେଷ ତାରିଖ ୩୦.୦୯.୨୦୨୦ ପର୍ଯ୍ୟନ୍ତ କରାଯାଇ ପାରିବ ବୋଲି ସୂଚନା ମିଳିଛି। ୫୦ହଜାର ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ନେଇ ଧାର୍ଯ୍ୟ ସମୟସୀମାରେ ଋଣ ପଇଠ କରୁଥିବା ଚାଷୀଙ୍କୁ ବିନା ସୁଧରେ ଋଣ ଯୋଗାଇ ଦେବାକୁ ସରକାର ବ୍ୟବସ୍ଥା କରିଛନ୍ତି। ସେହିପରି ୫୦ହଜାର ଟଙ୍କାରୁ ଅଧିକ ଏବଂ ୩ଲକ୍ଷ ଟଙ୍କା ମଧ୍ୟରେ ଋଣ ନେଇ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣ ପଇଠ କଲେ ୨ ପ୍ରତିଶତ ସୁଧ ଦେବାକୁ ପଡ଼ିବ। ଫସଲ ଋଣ ପରିଶୋଧର ସମୟସୀମା ପ୍ରଥମ ଋଣ ଉଠାଣ ତାରିଖ ଠାରୁ ୧୨ମାସ ପର୍ଯ୍ୟନ୍ତ ରଖାଯାଇଛି। ତେବେ ଆଖୁ, କଦଳୀ ଚାଷ ଭଳି ଦୀର୍ଘ ସମୟ ଲାଗୁଥିବା ଚାଷ କାର୍ଯ୍ୟ ପାଇଁ ଋଣ ପରିଶୋଧ ସମୟସୀମା ୧୮ମାସ ରଖାଯାଇଛି। ଦରଖାସ୍ତ ଦାଖଲ କରିବାର ୧୫ଦିନ ମଧ୍ୟରେ କିଷାନ କ୍ରେଡିଟ୍ କାର୍ଡ ସହ ଋଣ ଅନୁମୋଦନ କରିବା ପାଇଁ ନିର୍ଦ୍ଦେଶ ରହିଛି। ଡାଲି, ତୈଳବୀଜ, ଆଳୁ ଓ ଅନ୍ୟ ଅର୍ଥକାରୀ ଫସଲ ଚାଷ ପାଇଁ ଋଣ ପ୍ରଦାନ କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ। ଖରିଫ ଫସଲ ପାଇଁ ଆବଶ୍ୟକ କୃଷି ସାମଗ୍ରୀ, ସାର, ଉନ୍ନତ ବିହନ, କୀଟନାଶକ ଔଷଧ ଆଦି ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ କରାଇବା ପାଇଁ ଗୁରୁତ୍ୱ ଦିଆଯାଇଛି। ଦୀର୍ଘ ମିଆଦୀ କୃଷିଋଣ ମାଧ୍ୟମରେ ଟ୍ରାକ୍ଟର, ପାୱାର ଟିଲର, ପମ୍ପସେଟ୍, କ୍ଷୁଦ୍ର ଜଳସେଚନ, କୃଷି ଯନ୍ତ୍ର ବ୍ୟବହାର, ବୃକ୍ଷରୋପଣ, ଉଦ୍ୟାନ କୃଷି ସମେତ ଆନୁଷଙ୍ଗିକ କ୍ଷେତ୍ରରେ ଗୋପାଳନ, କୁକୁଡ଼ା ଚାଷ, ମତ୍ସ୍ୟ ଚାଷକୁ ଅଗ୍ରାଧିକାର ଭିତିରେ ଋଣ ପ୍ରଦାନ କରିବା ପାଇଁ ସମବାୟ ବ୍ୟାଙ୍କ ଗୁଡ଼ିକୁ ପରାମର୍ଶ ଦିଆଯାଇଛି। ଫସଲ ଋଣ ଠିକଣା ଭାବରେ ଚାଷ କାର୍ଯ୍ୟରେ ବିନିଯୋଗକୁ ତଦାରଖ କରିବା ପାଇଁ କୃଷି ଓ ସମବାୟ ବିଭାଗର କ୍ଷେତ୍ର ଅଧିକାରୀମାନେ ମିଳିତ ଭାବେ କ୍ଷେତ୍ର ପରିଦର୍ଶନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।





# ନିରାଶା ଭିତରେ ଅନେକ ଆଶା

**ସ**ମ୍ପ୍ରତି ଆଶା ଓ ଆଶଙ୍କା ଭିତରେ ବିତୁଛି ବିଶ୍ୱବାସୀଙ୍କ ଜୀବନ। କୋଭିଡ ୧୯ ବଦଳେଇ ଦେଇଛି ସବୁ କିଛି। ଆତ୍ମୀୟତାର ପରିଭାଷା ହେଉ କି ଜୀବନଚର୍ଯ୍ୟା। ଅନ୍ତତଃ ପରିବେଶ ଉପରେ ଏହାର ବହୁ ସୁପ୍ରଭାବ ପଡିଛି। ନା ଅଛି ପ୍ରଦୂଷଣ ନା ଧୂଆଁର ବଳୟ। ଆକାଶ ଆଉ ବିଷ ପବନରେ ହେଉନି ଆକ୍ତାମାକ୍ତା। ନଦୀ ଝରଣା ସବୁ ଏବେ ସ୍ୱଚ୍ଛ, ନିର୍ମଳ। କୋଳାହଳ କମିଯାଇଛି, ଶବ୍ଦ ପ୍ରଦୂଷଣ ବି ନିମ୍ନ ସ୍ତରରେ ଏବେ। ବିଜ୍ଞାନ ଓ କାରୀଗରୀର କୁପ୍ରଭାବ ଉପରେ ଶକ୍ତ ପାହାର ଯେମିତି ଏକ ନୂଆ ଜଗତର ପରିକଳ୍ପନାକୁ ସାକାର କରିବାକୁ ପ୍ରସ୍ତୁତ ମନେହେଉଛି। ରାସ୍ତାଘାଟ ସବୁଠି ଏବେ ନିଃସଙ୍ଗତା। ନୂଆ ସକାଳର ବାର୍ତ୍ତା ବାଣ୍ଟୁଛି। ମାନବକୃତ ହେଉ କି ପ୍ରକୃତିଦତ୍ତ କୋଭିଡ କିନ୍ତୁ ମଣିଷକୁ ବଦଳେଇ ଦେଉଛି। ଚୀନର ଉହାନ ସହର କୋଭିଡର ଜନ୍ମସ୍ଥାନ କୁହାଯାଉଥିଲେ ବି ଏହା ଏଯାଏ ସ୍ପଷ୍ଟ ହୋଇନାହିଁ। ଆରୋପ ପ୍ରତ୍ୟାରୋପର ଦ୍ୱନ୍ଦ୍ୱ ଭିତରେ କୋଭିଡ ଅତ୍ୟନ୍ତ ଚତୁରତାରେ ସବୁଠି ନିଜର ଉପସ୍ଥିତି ଜାହିର କରିଛି। କୋଭିଡ ସତେ ଯେମିତି ସଭ୍ୟତା ପାଇଁ ଗୋଟେ ନୂଆ ଆହ୍ୱାନ ଆଣିଛି। ଯେଉଁଥିରେ ବିକଶିତ ଓ ବିକାଶର ସଂଜ୍ଞା ଭିତରେ ପାର୍ଥକ୍ୟ କରିବା କଷ୍ଟକର। କାରଣ ଆମେରିକା, ଫ୍ରାନ୍ସ, ଚୀନ, ଇଟାଲୀ ଭଳି ସର୍ବବୃହତ ରାଷ୍ଟ୍ରମାନେ କରୋନାକୁ ନେଇ ଯେତିକି ଚିନ୍ତିତ ଅନ୍ୟ ରାଷ୍ଟ୍ରମାନେ ମଧ୍ୟ ତା'ଠାରୁ ଅଧିକ ଚିନ୍ତାରେ ଅଛନ୍ତି। ପୂର୍ବରୁ ଯେଉଁ ରାଷ୍ଟ୍ରମାନେ ଆଖି ପିଛୁଳାକେ ନୂତନ ଉଦ୍ଭାବନ କରିପାରୁଥିଲେ ସେମାନେ ଏବେ ଅସହାୟ ଓ ନିରୁପାୟ ଅବସ୍ଥାରେ। ସଂକ୍ରମର ରୋକିବାକୁ ଦେଶ ଦେଶ ଭିତରେ ପାଚେରୀ, ରାଜ୍ୟ ରାଜ୍ୟ ଭିତରେ ପାଚେରୀ, ଜିଲ୍ଲା ଜିଲ୍ଲା ଭିତରେ ବି ପାଚେରୀ ଠିଆ ହେଉଛି। ସେଥିରୁ ବର୍ତ୍ତି ପାରିନାହିଁ ବ୍ଲକ କି ପଞ୍ଚାୟତ। ଗାଁ ଗାଁ ମଧ୍ୟରେ ମଧ୍ୟ ବିଭେଦର ପାଚେରୀ ମଣିଷକୁ ମଣିଷ ଠାରୁ ଦୂରେଇ ଦେଉଛି। ରୋଗ ସଂକ୍ରମଣ ଆଶଙ୍କା ଠାରୁ ବିଭେଦର ଏହି ଆଶଙ୍କା ବେଶୀ ଭୟଙ୍କର। କାରଣ କୌଣସି ରୋଗ ଜାତି, ଧର୍ମ, ବର୍ଣ୍ଣ ବା ଅଞ୍ଚଳ ବିଚାର କରି ଆସିନଥାଏ। ରୋଗ ବଢ଼ିଲେ ଏହା ସମଗ୍ର ମରିଷ ସମାଜ ପାଇଁ ବିପଦ ସାବ୍ୟସ୍ତ ହୋଇଥାଏ। ତେଣୁ ରୋଗୀକୁ ବର୍ଗିକରଣ କରି ବିଭେଦ ସୃଷ୍ଟି କରିବା ଅପେକ୍ଷା ସମସ୍ତ ରୋଗୀଙ୍କ ଉପଯୁକ୍ତ ଚିକିତ୍ସା ହେଉଛି ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଦେଖାଯାଉଛି ରୋଗ ଓ ରୋଗୀ ଅପେକ୍ଷା ଏବେ ଦେଶ, ରାଜ୍ୟ ଓ ଜିଲ୍ଲା ଭଳି ଅନେକ ବିଭେଦକାରୀ ବ୍ୟବସ୍ଥା ମଣିଷକୁ ମଣିଷ ଠାରୁ ଦୂରେଇ ଦେଉଛି। ତେବେ କେମିତି କହିପାରିବା ଯେ ମଣିଷ ଭିତରେ ସମାନତା ଅଛି।

ବିଭେଦ ଏଭଳି ମାରାତ୍ମକ ପଦକ୍ଷେପ ଯାହା କେବଳ ବିଦ୍ୱେଷ ନୁହେଁ ବିଭ୍ରାନ୍ତି ବି ସୃଷ୍ଟି କରେ। ଯାହା ମାନବିକତା ପ୍ରତି ଶକ୍ତ କୁଠାରଘାତ। ତେଣୁ ଏଭଳି ଧ୍ୱଂସକାରୀ ପ୍ରକ୍ରିୟା ଦ୍ୱାରା ଯେଉଁ ପାର୍ଥକ୍ୟ ସୃଷ୍ଟି ହୁଏ ତାହା ମଣିଷ ଜାତି ପାଇଁ ଘାତକ ସଦୃଶ। ତେଣୁ ଏଥିରୁ ନିବୃତ୍ତ ରହି ମଣିଷକୁ ବଞ୍ଚାଇବା ଭଳି ବ୍ୟବସ୍ଥା ହିଁ ଭଲ ବ୍ୟବସ୍ଥା। ତେଣୁ ଭାରତରେ ମହାମାରୀ କରୋନାକୁ ପରାସ୍ତ କରିବା ପାଇଁ

ସମ୍ପାଦକୀୟ
ତାରକ ମହାନ୍ତି



କେନ୍ଦ୍ର ସରକାର ଲକଡାଉନ ଭଳି ଅନେକ ପଦକ୍ଷେପ ନେଇଛନ୍ତି। ସଂକ୍ରମଣ ରୋକିବା ପାଇଁ ସାମାଜିକ ଦୂରତାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏଥିସହ ମାସ୍କ ପିନ୍ଧିବା ଓ ବାରମ୍ବାର ହାତ ଧୋଇବାକୁ ପରାମର୍ଶ ଦିଆଯାଉଛି। ବିଭିନ୍ନ ରାଜ୍ୟର ସୀମାରେଖା ସିଲ ହୋଇଛି। ହେଲେ ଗଳାବାଯ ଦେଇ ଆସୁଥିବା ଲୋକଙ୍କ ପାଇଁ ସରକାର ଚିନ୍ତାରେ ପଡିଛନ୍ତି। କାରଣ ଚିକିତ୍ସା ପାଇଁ ହେଉ କି ସଂକ୍ରମଣ ବୃଦ୍ଧି ରୋକିବା ପାଇଁ ଯେଉଁ ତଥ୍ୟ ଆସିବା କଥା ତାହା ହୋଇନପାରିଲେ ସଂକ୍ରମଣ ରୋକିବା ସମ୍ଭବପର ନୁହେଁ ମନେକରି ରାଜ୍ୟ ସରକାର ମଧ୍ୟ ବିଭିନ୍ନ କଠୋର ପଦକ୍ଷେପ ନେଇଛନ୍ତି। ଅନୁମତି ପତ୍ର ଥାଇ ଯେଉଁମାନେ ରାଜ୍ୟକୁ ଆସୁଛନ୍ତି ତାଙ୍କ ପାଇଁ ସରକାର ସଙ୍ଗରୋଧ ବ୍ୟବସ୍ଥା କରିବା ସହ ଖାଦ୍ୟ ପାନୀୟ ସହ ଚିକିତ୍ସା ବ୍ୟବସ୍ଥା ହୋଇଛି। ତେବେ ସୂଚନା ନଦେଇ ବିଭିନ୍ନ ରାଜ୍ୟ ତଥା ଜିଲ୍ଲାରେ ପ୍ରବେଶ କରୁଥିବା ଲୋକ ଆଶଙ୍କା ବଢୁଛନ୍ତି। ଇତିମଧ୍ୟରେ ରାଜ୍ୟ ବାହାରେ ରହୁଥିବା ଓଡ଼ିଆ ଶ୍ରମିକ ଏବେ ସରକାରଙ୍କ ସହଯୋଗରେ ନିଜ ଅଞ୍ଚଳକୁ ଫେରିବା ପ୍ରକ୍ରିୟା ଆରମ୍ଭ ହୋଇଛି।

କରୋନା ପାଇଁ ଲକଡାଉନ ଯୋଗୁ ଦିନ ମଜୁରିଆଙ୍କ ସମେତ ବହୁ ନିମ୍ନମଧ୍ୟବିତ୍ତ ଓ ଗରିବ ଲୋକ ରୋଜଗାର ହରାଇ ସଙ୍କଟ ମଧ୍ୟକୁ ଗତି କରୁଛନ୍ତି। ହେଲେ ଏଥିରୁ କେବେ ନିସ୍ତାର ମିଳିବ ତାହା ଅନିଶ୍ଚିତତା ମଧ୍ୟରେ ରହିଛି। ଏସବୁକୁ ଦୃଷ୍ଟିରେ ରଖି କେନ୍ଦ୍ର ଓ ରାଜ୍ୟ ମାର୍ଗଦର୍ଶିକା ଜାରି କରି କିଛି କିଛି ଦୋକାନ ବଜାର, ଶ୍ରମ ଓ କୃଷି କାର୍ଯ୍ୟ କରିବା ଉପରେ ନିୟମ କୋହଳ କରିଛନ୍ତି। ତେବେ ଦେଶର ବିଭିନ୍ନ ରାଜ୍ୟରେ ବଢୁଥିବା କରୋନା ଆକ୍ରାନ୍ତଙ୍କ ତୁଳନାରେ ଓଡ଼ିଶାରେ ସଂକ୍ରମଣ ହାର କମ ଥିଲେ ବି ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବା ରାଜ୍ୟ ପ୍ରଶାସନ ପ୍ରତି ଆହ୍ୱାନ ସୃଷ୍ଟି କରୁଛି। କାରଣ ଏଠାରୁ ଚିହ୍ନଟ ହୋଇଥିବା ରୋଗୀଙ୍କ ପଶ୍ଚିମବଙ୍ଗ ଲିଙ୍କ୍ ବୋଲି ଜଣାପଡିଛି। ଦେଶରେ କରୋନା ମୃତ୍ୟୁସଂଖ୍ୟା ହଜାରେ ଟପିଥିଲା ବେଳେ ମହାରାଷ୍ଟ୍ର ଓ ଗୁଜୁରାଟରେ କରୋନା ଏହାର ପ୍ରକୋପ ବଢ଼ାଇ ଚାଲିଛି। ଗୁଜୁରାଟରେ ଚିହ୍ନଟ ହୋଇଥିବା କରୋନାଭୂତାଣୁ ଚୀନର ଉହାନ ସହରରେ ଚିହ୍ନଟ ହୋଇଥିବା ଭୂତାଣୁ ବୋଲି ଜଣାପଡିଛି। ଯାହା କି ଭାରତରେ ପୂର୍ବରୁ ଚିହ୍ନଟ ହୋଇଥିବା ଭୂତାଣୁ ଠାରୁ ଅଧିକ ଘାତକ ବୋଲି ବିବେଚନା କରାଯାଉଛି। ଏହାରି ମଧ୍ୟରେ ରାଜଧାନୀ ଭୁବନେଶ୍ୱରରେ ଦୀର୍ଘ ବ୍ୟବଧାନ ପରେ ପୁଣି ଜଣେ ବୟସ୍କ ବ୍ୟକ୍ତି କରୋନାରେ ଆକ୍ରାନ୍ତ ବୋଲି ଜଣାପଡିଛି। ଯିଏକି ଜଣେ ପୂର୍ବ ଆକ୍ରାନ୍ତଙ୍କ ନିକଟ ସମ୍ପର୍କୀୟ। ତେଣୁ ରାଜ୍ୟରେ କରୋନା ପଜିଟିଭି ସଂଖ୍ୟା ମଧ୍ୟ ବଢୁଛି। ଭାରତରେ କରୋନା ଆକ୍ରାନ୍ତ ଓ ମୃତକଙ୍କ ସଂଖ୍ୟା ବଢ଼ିବା ନିଶ୍ଚୟ ଚିନ୍ତାଜନକ। କରୋନା ପାଇଁ ଏଯାବତ କୌଣସି ଭ୍ୟାକ୍ସିନ୍ ନଥିବାରୁ ସମଗ୍ର ବିଶ୍ୱରେ ଏହାକୁ ନେଇ ଚିନ୍ତା ବଢୁଛି। ପ୍ରଥମ ପର୍ଯ୍ୟାୟରେ ଚୀନ ଯେଉଁ ଭ୍ୟାକ୍ସିନ ପରୀକ୍ଷର କରିଥିଲା ତାହା ଫେଲ ମାରିଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସ୍ପଷ୍ଟ କରିଥିଲେ ବି ପରେ ଏହାକୁ ୱେବ୍‌ସାଇଟ୍‌ରୁ ହଟାଇ ଦେଇଥିଲେ। ଆମେରିକାର ଅଭିଯୋଗ ଅନୁସାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କରୋନା ପ୍ରସଙ୍ଗରେ ଦୁନିଆକୁ ବିଭ୍ରାନ୍ତ କରିବା ସହ ଚୀନକୁ ସହଯୋଗ କରିଛି। ଯେଉଁଥିପାଇଁ ଆମେରିକାର ଟ୍ରମ୍ପ ସରକାର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନକୁ ସମସ୍ତ ପ୍ରକାର ସହାୟତା ବନ୍ଦ କରିଛନ୍ତି। ଏସବୁ ଭିତରେ କରୋନା ମୁକାବିଲା କରିବା ବିଶ୍ୱ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। କରୋନା ପ୍ରତିରୋଧ ପାଇଁ ଅନେକ ରାଷ୍ଟ୍ର ନିଜର ଗବେଷଣା ଜାରି ରଖିଛନ୍ତି। କିଏ ପ୍ରଥମେ ଏହାର ଭ୍ୟାକ୍ସିନ ବାହାର କରିପାରିବେ ତାକୁ ନେଇ ଏକ ପ୍ରକାର ପ୍ରତିଦ୍ୱନ୍ଦ୍ୱିତା ଭଳି ସ୍ଥିତି ସୃଷ୍ଟି ହୋଇଛି। ଭାରତର ବିଭିନ୍ନ ଫର୍ମା ସଂସ୍ଥା ମଧ୍ୟ ଆଗେଇ ଆସିଛନ୍ତି। ଯେଉଁଥିପାଇଁ ଗୋଟେ ଆଶା ସଞ୍ଚାର ହେଉଛି ଯେ, ଆଗାମୀ ଦିନରେ କରୋନା ମୁକାବିଲା ସହଜ ହେବ ଓ ଏଥିରେ ଆକ୍ରାନ୍ତ ଲୋକଙ୍କ ଜୀବନ ବଞ୍ଚିପାରିବ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଗଣମାଧ୍ୟମରେ କିଏ ?

**ପଙ୍କଜ ପାଣିଗ୍ରାହୀ**

ମଣିଷ ମସ୍ତିଷ୍କରେ ଭିନ୍ନ ଭିନ୍ନ ପ୍ରକୋଷ୍ଠ ସୃଷ୍ଟି ହୋଇ ବିଭନ୍ନ ପ୍ରକ୍ରିୟା, ପ୍ରତିକ୍ରିୟା ସୃଷ୍ଟି ହୋଇଥାଏ। ସ୍ମରଣ ଶକ୍ତି, ଜ୍ଞାନ, ବୁଦ୍ଧି, ବିବେକ, ଚତୁରତା, ଶିକ୍ଷା, ସଂସ୍କାର, ତୃପ୍ତି, ନୈରାଶ୍ୟ, ଦୁଃଖ, ସୁଖ, ଉଦ୍ଦେଶ୍ୟ, ଲକ୍ଷ ପ୍ରାପ୍ତି, ମାନସିକତା, ବିଚାର ଭଳି ଆହୁରି ଅନେକ ବିଷୟ ମସ୍ତିଷ୍କ ମଧ୍ୟରେ ସ୍ଥାନ ପାଇ ମଣିଷର ବାହ୍ୟ ଆବଭାବର ପରିପ୍ରକାଶ ହୋଇଥାଏ। ମସ୍ତିଷ୍କରେ ଯାହା ଆଲୋଡିତ ହୁଏ ସାଧାରଣରେ କାହାକୁ ଗୋଚର ହେଉନଥିବା ବେଳେ ବାହ୍ୟ ପରିପ୍ରକାଶ ଅନ୍ୟମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଥାଏ। ଅତଏବ କହିବାକୁ ଗଲେ ଗୋଟିଏ ମଣିଷର ପରିପ୍ରକାଶର ଭାଷା ତାହାର ମାନବିକ ମୂଲ୍ୟବୋଧ ଆକଳନ କରିଥାଏ ଏବଂ ସେହି ବାସ୍ତବ ମାନବିକ ମୂଲ୍ୟବୋଧ ମଣିଷର ପ୍ରକୃତ ସମ୍ପତ୍ତି ଯାହା ତାକୁ ଗୌରାବନ୍ୱିତ କରିଥାଏ ଚିର ଅମର ହୋଇ ରହିବା ପାଇଁ

ଆମ ପୂର୍ବଜଙ୍କ ମାନସିକତା ପରିସୀମା ସୀମିତ ଥିବା ବେଳେ ସ୍ୱତତଃ ଆଲୋଡନ, ନିରୀକ୍ଷଣ, ଏକାଗ୍ରତା ତଥା ଧ୍ୟାନ ମାଧ୍ୟମରେ ସେମାନେ ବହୁତ କଥା ଜାଣି ପାରୁଥିଲେ ଏବଂ ସେମାନଙ୍କ ସାମାଜିକ ମୂଲ୍ୟବୋଧତା ଅତ୍ୟନ୍ତ ପ୍ରଶଂସନୀୟ ଥିଲା। ସେମାନଙ୍କ ପାଇଁ ଶିକ୍ଷାର କୌଣସି ଉଚ୍ଚ ନଥିବା ବେଳେ କେବଳ ନିଜସ୍ୱ ଜ୍ଞାନରୁ ଦାର୍ଶନିକ ତତ୍ତ୍ୱ ତଥା ସାମାଜିକ ଆଚରଣ ବିଧି ଗୁଡିଏ ଉଲ୍ଲେଖ କରି ଯାଇଛନ୍ତି ଯାହା ଯୁଗେ ଯୁଗେ ଅବିସ୍ମରଣୀୟ ହୋଇ ରହି ଯାଇଅଛି। ଶିକ୍ଷା ଏବଂ ତଦ୍ୱାରା ଲାଭ ହୋଇଥିବା କିଛି ଜ୍ଞାତ ତଥ୍ୟ ସୀମିତ ମାତ୍ର। ଶିକ୍ଷା ଜଣଙ୍କୁ ଶିକ୍ଷିତ କିମ୍ବା କାହାଦ୍ୱାରା ଲିଖିତ କୌଣସି ବିଷୟ ଉପରେ ବିଶାରଦ କରିପାରେ ଯାହା ନିଜସ୍ୱ ଜ୍ଞାନ ସୃଷ୍ଟି କରିବାରେ କିଞ୍ଚିତ ସହଯୋଗ କରୁଥିଲେ ମଧ୍ୟ ସମ୍ପୂର୍ଣ୍ଣ ନିର୍ଭର ଯୋଗ୍ୟ ଉଚ୍ଛ ନୁହେଁ। ଜ୍ଞାନ କେବଳ ଧ୍ୟାନରୁ ହିଁ ସମ୍ଭବ ହୋଇଥାଏ ଯାହା ଆଜିର ଶିକ୍ଷତ ମଣିଷ ଆଦୌ ଲାଭ କରିନଥାନ୍ତି, କାରଣ ନିଜର ଶିକ୍ଷାଗତ ପ୍ରମାଣପତ୍ର ପାଇଁ ଏତେ ମାତ୍ରାରେ ଗର୍ବରେ ଅନ୍ଧ ହୋଇଯାଆନ୍ତି ସେମାନେ ଯେ ସଂସାରର ବାସ୍ତବତା ସେମାନଙ୍କୁ ଅଜ୍ଞ ଥାଇ ମଧ୍ୟ ଅହଙ୍କାରରେ ଅନ୍ଧ ହୋଇ ନିଜକୁ ଜ୍ଞାନୀ ବୋଲି କେବଳ ଭାବନ୍ତି, ଯାହା ଅବାସ୍ତବ। ତେଣୁ ପ୍ରାୟତଃ ଆଜିର ସମସ୍ତ ମଣିଷ ଏକ ପ୍ରକାର ଅଜ୍ଞାନ ଅନ୍ଧ ଭଳି ଜୀବନ ଯାପନ କରୁଥିବା ଦେଖିବାକୁ ମିଳେ ଯାହାଙ୍କ ମନର ଅହଙ୍କାର ଏବଂ ସ୍ୱାଭିମାନ ଆକଳନ ଅସମ୍ଭବ।

ସୀମିତ ଶିକ୍ଷା ସହିତ ଗଣମାଧ୍ୟମରେ ପ୍ରଚାର ପ୍ରସାର କରାଯାଉଥିବା ବିଷୟ ଗୁଡିକୁ ଦେଖି, ପଢ଼ି ନିଜକୁ ସଂସାରର ସବୁଠାରୁ ବିଶେଷ ଜ୍ଞାନୀ ବୋଲି ଭାବନ୍ତି ସବୁ ମଣିଷ। ହେଲେ ଗଣମାଧ୍ୟମ ହେଉକି ଦୂରଭାଷ ମାଧ୍ୟମ, ସେଗୁଡିକରେ ପ୍ରଚାରିତ ବାସ୍ତବ ଜ୍ଞାନ ସମ୍ମତ ବିଷୟ ଗୁଡିକ ଉପରେ କାହାର ଧ୍ୟାନ ନଥାଏ। କିଛି ଭ୍ରାନ୍ତିକର ତଥ୍ୟ ତଥା ମନୋରଞ୍ଜନ ବିଷୟ ଗୁଡିକୁ ଅତ୍ୟନ୍ତ ଆଗ୍ରହର ସହିତ ପଢ଼ିବା, ଦେଖିବା ବେଳେ କୌଣସି ବାବାଦ, ବିତର୍କ ମୂଳକ ବିଷୟ ଗୁଡିକ ଏତେମାତ୍ରାରେ ଆକର୍ଷଣ କରିଥାଏ ସମସ୍ତଙ୍କୁ ଯେ ଆଜିକାଲି ସବୁ ମାଧ୍ୟମରେ କେବଳ ସେହିଭଳି ନକରାତ୍ମକ ବିଷୟ ହିଁ ପ୍ରସାରିତ ହେଉଥିବା କେହି ଅସ୍ୱୀକାର କରିପାରିବେ ନାହିଁ। ଆଉ ସାଧାରଣ ମଣିଷ କେବଳ ନକରାତ୍ମକ ଆଲୋଚନା ପ୍ରତି ସମ୍ପୂର୍ଣ୍ଣ ଆକୃଷ୍ଟ ଆଦୃତ ହେଉଥିବା ହେତୁ ସବୁ ମାଧ୍ୟମ ଗୁଡିକ କେବଳ ବ୍ୟବସାୟ ଦୃଷ୍ଟିରୁ ସେସବୁର ବହୁଳ ପ୍ରଚାର ପ୍ରସାର କରିବା ପାଇଁ ବାଧ୍ୟ ହେଉଛନ୍ତି। ପାଠକଙ୍କ ଆଦୃତତା ଉପରେ ଗୁରୁତ୍ୱ ଦେବା ଲେଖକଙ୍କ ଧର୍ମ ହୋଇଥାଏ। ତେଣୁ ପାଠକଙ୍କୁ ସୁହାଇଲା ଭଳି ଲେଖା କିମ୍ବା କାର୍ଯ୍ୟକ୍ରମ ଗଣମାଧ୍ୟମ ଗୁଡିକ ପ୍ରସାର କରୁଥିବା ବେଳେ ପାଠକ ସେମାନଙ୍କ ରୁଚି ବଦଳାଇଲେ ସେମାନେ ମଧ୍ୟ ଆପେ ବଦଳି ଯିବେ ବୋଲି ଆମର ଅନୁମାନ।

ଗଣମାଧ୍ୟମ ହେଉକି ଯେକୌଣଓି ମାଧ୍ୟମରେ ଆମେ ସବୁବେଳେ ପରଚର୍ଚ୍ଚା, କାହାକୁ ନିନ୍ଦା କରିବା, ଅନ୍ୟପ୍ରତି ଇର୍ଷାତ୍ମକ ଆଚରଣ ଭଳି ନକରାତ୍ମକ ମନୋଭାବକୁ ଗ୍ରହଣ କରିବା ଏବଂ ବିତରଣ କରିବା ପାଇଁ ସଦା ବ୍ୟାକୁଳ ହୋଇ ରହିଥିବା ଦେଖିବାକୁ ମିଳେ। ତାହାଛଡା ଅନ୍ୟ କ୍ଷେତ୍ରରେ ବିଭିନ୍ନ ଅଶ୍ଳିଳ ଚିତ୍ର ହେଉ କି ଆନନ୍ଦ ଦାୟକ ମନୋରଞ୍ଜନ କଳାଭଳି ଫୋଟୋ, ଚିତ୍ର, ଚଳଚ୍ଚିତ୍ର ତଥା ପରିଚର୍ଚ୍ଚା ଗୁଡିକ ପ୍ରତି ଅତ୍ୟନ୍ତ ଭାବାବେଗ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି। ତତ୍ତ୍ୱଜ୍ଞାନ କିମ୍ବା ପରିମାର୍ଜିତ ମାନବିକତା ଉପରେ ଆଧାରିତ କୌଣସି ବିଷୟକୁ ଆଖି ପିଛୁଳାକେ କାଟିଦେବା କିମ୍ବା ଉପରକୁ ଠେଲିଦେବା ଏକ ସାଧାରଣ ମାନସିକତାରେ ପରିଣତ ହୋଇଛି ସମସ୍ତଙ୍କର। ସେସବୁ ଜୀବନରେ କିଛି ଦେବା ବଦଳରେ ଜୀବନର କିଛି ମୁହୂର୍ତ୍ତ ନଷ୍ଟ କରିଦେଲା ଭଳି ଅନୁଭବ ହେଉଛି ସମସ୍ତଙ୍କୁ। ଅଧିକନ୍ତୁ କାହାଠାରୁ କୌଣସି ଭଲ କଥାଟିଏ ଶୁଣିଲେ କି ଦେଖିଲେ ଆଖି ପିଛୁଳାକେ ତାକୁ ଅନ୍ୟ ଜଣଙ୍କୁ ପ୍ରେରିତ କରି ସେମାନଙ୍କୁ ସୁଧାରି ନେବାରେ ଆମର ତତ୍ପରତା କହିଲେ ନସରେ, ସତେ ଯେମିତି ନିଜେ ସର୍ବଗୁଣ ସମ୍ପର୍ଣ୍ଣ ହୋଇଯାଇଛନ୍ତି ଏବଂ ବାକି ସବୁ ଲୋକ ତାକୁ ଦେଖି ପଢ଼ି ମାର୍ଜିତ ହେବା ନିତାନ୍ତ ଜରୁରୀ। ଏମିତି ସମସ୍ତେ ସମସ୍ତଙ୍କୁ କେବଳ ଉପଦେଶ ଦେବାରେ ଏତେ ବ୍ୟଗ୍ର ଯେ ଗଣମାଧ୍ୟମରେ ସକାଳୁ ରାତି ପର୍ଯ୍ୟନ୍ତ ଉପଦେଶର ମାଳା ପିନ୍ଧୁ ପିନ୍ଧୁ ସମସ୍ତଙ୍କ ବେକ ଭରିଯାଇ ଉଛୁଳି ପଡେ। ତେଣୁ ଆମେ ସେସବୁ ପ୍ରତି ଭୃକ୍ଷେପ ନକରି କେବଳ ସୁନ୍ଦର ଫଟୋ ଏବଂ ମନୋରଞ୍ଜନ ସାଙ୍ଗକୁ ନକରାତ୍ମକ ତଥା ଅନ୍ୟର ଦୁଃଖ, ଦୁର୍ଦ୍ଦଶା ଏବଂ ବିଯୁକ୍ତାତ୍ମକ ଆଚରଣ ଗୁଡିକ ପ୍ରତି ଅତ୍ୟନ୍ତ ଆକର୍ଷିତ ହେଉଥିବା ଏକ ସାଧାରଣ ଲକ୍ଷଣରେ ପରିଣତ ହୋଇ ଯାଇଅଛି ସମସ୍ତଙ୍କର।

ପିତାମାତାଙ୍କ ଔରସରୁ ଜନ୍ମିତ ଶିଶୁ ସେମାନଙ୍କ ଜିନଗତ ଗୁଣ, ଚରିତ୍ର ଆବାହନ କରୁଥିବା ବେଳେ ବାଲ୍ୟକାଳରୁ ପାରିବାରିକ ଲୋକଙ୍କ ଆଚରଣ ବିଧି ଗୁଡିକୁ ଅନୁକରଣ କରିବା ମଣିଷର ଏକ ସାଧାରଣ ଲକ୍ଷଣ। ତେଣୁ ନିଜ ସନ୍ତାନ ତଥା ଆସନ୍ତା ପିଢ଼ି ବା ଆମ ଦେଶର ଭବିଷ୍ୟତ ମାନଙ୍କୁ ଉପଯୁକ୍ତ ରାସ୍ତାରେ ନେବା ପାଇଁ ନିଜର ଇଚ୍ଛା ଶକ୍ତିକୁ ସଙ୍କୁଚିତ କରି କର୍ତ୍ତବ୍ୟତାର ପଥ ବାଛିନେବା ବିଧେୟ। ଦେଶର ଭବିଷ୍ୟତ ଆମ ଆସନ୍ତା ପିଢ଼ିଙ୍କ ପାଇଁ ନିଜର କର୍ତ୍ତବ୍ୟବୋଧତାକୁ ଅଣଦେଖା କରି ନିଜ ସ୍ୱାର୍ଥ ହାସଲ ଦିଗରେ ଲାଗି ପଡିଥିବା ସମାଜର ଅଧୋଗତି ସାଙ୍ଗକୁ ସେମାନଙ୍କ ଭବିଷ୍ୟତ ଅନ୍ଧକାର ହେବା ସୁନିଶ୍ଚିତ। ଧ୍ୟାନ ଓ ଜ୍ଞାନ ହିଁ ମାନବିକତାର ପରିଚୟ ଏବଂ ସଂସ୍କାରର ମାର୍ଗ ବୋଲି ଜାଣିନପାରି ଧନ ହିଁ ସବୁକିଛି ବୋଲି ଭାବୁଥିବା ମଣିଷ ମନର ଏକ ଭ୍ରାନ୍ତ ଧାରଣାକୁ ସଙ୍କୁଚିତ କରାନଗଲେ କେବଳ କାଗଜ ଟଙ୍କାକୁ ଖାଇ ବଞ୍ଚିବାକୁ ହେବ ଆମ ଆସନ୍ତା ପିଢ଼ିକୁ ଯାହା ବର୍ତ୍ତମାନ ଆକଳନ କରି ପାରିବା ଭଳି କ୍ଷମତା ହୁଏତ ନାହିଁ ସାଧାରର ଅଜ୍ଞାନ ମଣିଷ ମାନଙ୍କର।

ତେଣୁ କାହାଦ୍ୱାରା ଉପୁଜିଥିବା ଏବଂ ପ୍ରସ୍ତୁତ ହୋଇଥିବା ପେଟପୁରା ଖାଇବାକୁ ଗଣ୍ଡେ ମିଳିଗଲେ ଦିନସାରା ଆଉ ମାନସିକ ଆବେଗରୁ ମୁକ୍ତ ମଣିଷ ଆଉ କାହା ଦ୍ୱାରା ପ୍ରସ୍ତୁତ ବସ୍ତ୍ର ଖଣ୍ଡିଏ ପିନ୍ଧି କୌଣସି ଫଳପ୍ରଦ କାର୍ଯ୍ୟ ନକରି କେବଳ ଗଣମାଧ୍ୟମରେ ନିଜକୁ ନିୟୋଜିତ କରି ନିଜର ମିଥ୍ୟା ପ୍ରତିଭା ପ୍ରଚାର ପ୍ରସାର କାର୍ଯ୍ୟରେ ଲାଗିପଡିବା ଏବଂ ଅନ୍ୟମାନଙ୍କ ମିଥ୍ୟା ପ୍ରତିଭାରେ ଆଦୃତ ହୋଇ କିଛି ଆନନ୍ଦ ଅନୁଭବ ପୂର୍ବକ ସମୟ ବିତାଇବା ଛଡା ପ୍ରାୟତଃ ୭୦%ରୁ ଅଧିକ ମଣିଷ ସାମାଜିକ ବ୍ୟାଧି ସୃଷ୍ଟି କରୁଥିବା ଦେଖିବାକୁ ମିଳୁଛି ଗଣମାଧ୍ୟମରେ। ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରି ପ୍ରସ୍ତୁତ ଏହି ଗଣମାଧ୍ୟମ କିମ୍ବା ଦୂରଭାଷ ମାଧ୍ୟମର ଉପକାରିତା ଅପେକ୍ଷା ଅପକାରିତାର ଭୟାବହତା ଦୂର ନହେଲେ ମଣିଷ ସମାଜ ପ୍ରକାଣ୍ଡ ବିଧ୍ୱସ୍ତ ମୁଖରୁ ନିଜକୁ ରକ୍ଷା କରିପାରିବ ନାହିଁ ବୋଲି ଆମର ବିଚାରରେ ଆପଣଙ୍କ ମତମାତ ଅପେକ୍ଷାରେ ?

*ଛତ୍ରପୁର, ଗଞ୍ଜାମ*

# ବୃଷଭ ସମସ୍ୟା ବଡ଼ ବିଷମ

**ବିନୟ ଭୂଷଣ ପାଣିଗ୍ରାହୀ**

ଏବେକାର ସ୍ଥିତି ଦେଖି ଆଶଙ୍କାଟିଏ କଷ୍ଟଦାୟକ ହେଲେ ମଧ୍ୟ ନିକଟ ଭବିଷ୍ୟତରେ ବାସ୍ତବତାରେ ପରିଣତ ହେବାକୁ ଯାଉଛି। ଲାଗୁଛି, ଆଗାମୀ ସମୟ ହୁଏତ ହିନ୍ଦୁ ମାନଙ୍କୁ ବାଧ୍ୟ କରିବ ଦେବଦେବ ମହାଦେବଙ୍କର ବାହନ ବୃଷଭ ମାନଙ୍କୁ ହତ୍ୟା କରିବା ପାଇଁ। ଏତଦବ୍ୟତୀତ, ଷଣ୍ଢମାନେ ଭାରତବର୍ଷରେ ହିନ୍ଦୁ ଓ ମୁସଲମାନ ମାନଙ୍କୁ ଲଢ଼େଇ ଚାଲିବେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ। ଏଇ ଅଜ୍ଞାନ ପଶୁମାନଙ୍କ ଯୋଗୁଁ ସଂଘଟିତ ହେବାକୁ ଯାଉଥିବା ଅଘଟଣ ସବୁକୁ ରୋକିବା ପାଇଁ କିଛି ଉପାୟ ଅଛି ନା ନାହିଁ; ଏ ବିଷୟରେ ବର୍ତ୍ତମାନ ଏକ ସମ୍ୟକ ଆଲୋଚନା କରାଯିବା ଜରୁରୀ ମନେହୁଏ। ବୈଷୟିକ ଜ୍ଞାନର ଉତ୍ତରୋତ୍ତର ପ୍ରଗତି ଓ ତାହାର ପ୍ରୟୋଗକୁ ବିସ୍ତାରିତ କରିବା ପାଇଁ ବିଗତ ଦୁଇ ଦଶନ୍ଧି ଭିତରେ କୃଷିକ୍ଷେତ୍ରରେ ସ୍ୱଳ୍ପ ଶ୍ରମ ବିନିମୟରେ ଓ ନିର୍ଦ୍ଧାରିତ ସମୟ ଭିତରେ ଅଧିକ ଉତ୍ପାଦନ ଲକ୍ଷ ହାସଲ ପାଇଁ ଟ୍ରାକ୍ଟର, ପାୱାର ଟିଲର, ମଞ୍ଜି ବୁଣା ଯନ୍ତ୍ର, ଫସଲ କଟା ଯନ୍ତ୍ର ଆଦି ବହୁଳ ମାତ୍ରାରେ ବ୍ୟବହାର କରାଯାଉଛି। ବଢୁଥିବା ଜନସଂଖ୍ୟାକୁ ବିଚାରକୁ ନେଲେ ଏହା ଏକ ସମୁଚିତ ପଦକ୍ଷେପ ମନେ ହେଉଥିଲେ ହେଁ ଏହାର କ୍ଷତିକାରକ ଦିଗ ଗୁଡିକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରିହେବନାହିଁ। ବେକାରୀ ସମସ୍ୟା ଅଭିବୃଦ୍ଧି, ଛଦ୍ମ ନିୟୋଜନ ସମସ୍ୟା ଓ ତତଜନିତ ମାନସିକ ଚାପବୃଦ୍ଧି, ଚାଷ ଜମିର ଉର୍ବରତା ହ୍ରାସ ଇତ୍ୟାଦି ଅନେକ ବିଷୟକୁ ପରେ ବିଚାର କରିବା। କାରଣ, କଷ୍ଟସାଧ୍ୟ ଏବଂ ସମୟସାପେକ୍ଷ ହେଲେ ମଧ୍ୟ ସେସବୁ ସମସ୍ୟାର ବିକଳ୍ପ ସମାଧାନ ସମ୍ଭବ। ତେବେ, ବର୍ତ୍ତମାନ ଆମେ ଗୋଟିଏ ସମସ୍ୟା ଉପରେ ବିଶଦ ଭାବେ ଆଲୋଚନା କରିବା। ଦଶ-ବାର ବର୍ଷ ପର୍ଯ୍ୟନ୍ତ କୃଷି ଓ କୃଷକ ମଧ୍ୟରେ ଏକ ପ୍ରମୁଖ ସଂଯୋଜକ ଥିଲା ବଳଦ। ହଳ-ଲଙ୍ଗଳ ଓ ବଳଦ ବିନା କୃଷି କାର୍ଯ୍ୟରେ ପରିକଳ୍ପନାକୁ ଏକ ପ୍ରକାର ଉଦ୍ଭଟ ଚିନ୍ତାଧାରା ବୋଲି ବିବେଚନା କରାଯାଉଥିଲା। ଏବେର ହଳ-ଲଙ୍ଗଳ ଓ ବଳଦ ବିହୀନ କୃଷି ଏକ ଏମିତି ସ୍ଥିତି ଉତ୍ପନ୍ନ କରିଛି ଯାହାକୁ ନେଇ ଆମେ ସାମ୍ପ୍ରତିକ କୃଷକ ମାନଙ୍କ ବିଷୟରେ ନିର୍ଦ୍ୱନ୍ଦ୍ୱରେ କହିପାରିବା ଯେ ଗୋଦଡା କୋଡୁଛି ଯେତିକି, ମାଡୁଛି ସେତିକି। କାରଣ, ଟ୍ରାକ୍ଟର ଓ ପାୱାର ଟିଲର ଆଦିର ବହୁଳ ବ୍ୟବହାର ହେତୁ ବଳଦ ସଂଖ୍ୟା ଶୂନ ହେବା ସଙ୍ଗେ ସଙ୍ଗେ ଷଣ୍ଢ ମାନଙ୍କର ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି ଯାହା କ୍ଷୁଦ୍ର ଓ ନାମମାତ୍ର କୃଷକ ମାନଙ୍କ ପାଇଁ ଅସହ୍ୟ ମୁଣ୍ଡବ୍ୟଥାର କାରଣ ପାଲଟିଛି। କୃଷି ଉତ୍ପାଦନ ପରି ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ଗୋପାଳନକୁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଜାତୀୟ ଅପପୃଷ୍ଟି ହାରକୁ କମାଇ ମୁଣ୍ଡପିଛା ଦୁଗ୍ଧ ପାନର ପରିମାଣ ବୃଦ୍ଧି କରିବା ନିମନ୍ତେ ଏହା ନିଃସନ୍ଦେହରେ ଏକ ଅତ୍ୟାବଶ୍ୟକ ପଦକ୍ଷେପ। ତେବେ ଆମେ ଜାଣନ୍ତି ଯେ, ଗାଈମାନେ ପ୍ରାୟ ପ୍ରତିବର୍ଷ ଗୋଟିଏ ଲେଖାଏଁ ବାଛୁରୀ ଜନ୍ମ କରନ୍ତି। ସେହି ବାଛୁରୀ ମାନଙ୍କ ମଧ୍ୟରୁ କିଛି ମାଈ ଓ କିଛି ଅଣ୍ଡିରା ହୋଇଥାନ୍ତି। ଗାଈଠାରୁ କ୍ଷୀର ଅମଳ ହେଉଥିବା ପର୍ଯ୍ୟନ୍ତ ଉଭୟ ମାଈ ଓ ଅଣ୍ଡିରା ବାଛୁରୀଙ୍କର ଗୁରୁତ୍ୱ ସମାନ ଥାଏ। ମାତ୍ର, ଗାଈ କ୍ଷୀର ଦେବା ବନ୍ଦ କରିଦେଲା ପରେ ଗୋପାଳନ ନିମନ୍ତେ ଅଣ୍ଡିରା ବାଛୁରୀର କୌଣସି ଆବଶ୍ୟକତା ରହୁନାହିଁ। ତେଣୁ, ସେମାନଙ୍କୁ ଗୁହାଳରେ ବାନ୍ଧି ରଖି ଅଯଥାରେ ପୋଷିବା ଠାରୁ ସେମାନଙ୍କର ମୁସ୍କ ଛେଦନ ନକରି ବାହାରକୁ ତଡି ଦେଉଛନ୍ତି। ପରବର୍ତ୍ତୀ ସମୟରେ ମୁକ୍ତ ହେଇ ବୁଲୁଥିବା ସେଇ ଅଣ୍ଡିରା ବାଛୁରୀମାନେ ଷଣ୍ଢ ହେଇ ନାନାଦି ସମସ୍ୟା ସୃଷ୍ଟି କରୁଛନ୍ତି।

ଯାହା ମୁଁ କହୁଥିଲି, ଏହି କାରଣରୁ ବିଗତ ୭-୮ ବର୍ଷ ଭିତରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଷଣ୍ଢ ସଂଖ୍ୟା ହୁହୁ ହେଇ ବୃଦ୍ଧି ପାଇବାରେ ଲାଗିଛି। ସହରାଞ୍ଚଳରେ ଷଣ୍ଢମାନେ ଯାନବାହନ ବ୍ୟସ୍ତ ରାସ୍ତା ଓ ଜନଗହଳି ପୂର୍ଣ୍ଣ ସ୍ଥାନ ମାନଙ୍କରେ ରାସ୍ତା ଅବରୋଧ ଓ ସଡକ ଦୁର୍ଘଟଣା ଇତ୍ୟାଦିର ଏକ ପ୍ରମୁଖ କାରଣ ହେଉଥିଲା ବେଳେ ଗ୍ରାମାଞ୍ଚଳରେ ସେଇସବୁ ସମସ୍ୟା ସହିତ କୃଷକ ମାନଙ୍କ ମୁଣ୍ଡବିନ୍ଧାର କାରଣ ପାଲଟି ଯାଇଛନ୍ତି। ଦିନବେଳେ ଷଣ୍ଢମାନେ ସଡକ ଉପରେ ଶୋଇ ରହିବା କାରଣରୁ ବହୁଳ ମାତ୍ରାରେ ସଡକ ଦୁର୍ଘଟଣା ମାନ ଘଟୁଛି, ଯେଉଁଥିରେ ଅକାରଣ ବହୁ ଧନଜୀବନ ହାନି ହେଉଛି। ସେହି ଷଣ୍ଢମାନେ ସଂଧ୍ୟା ହେଲା ପରେ ଦଳବଦ୍ଧ ଭାବେ କୃଷିକ୍ଷେତ୍ର ମଧ୍ୟକୁ ପ୍ରବେଶ କରି ରାତାରାତି ଶହଶହ ହେକ୍ଟର ଜମିର ଫସଲ ଉଜାଡି ଦେଉଛନ୍ତି। ସେମାନଙ୍କ ଦାଉରୁ ଶସ୍ୟକୁ ରକ୍ଷା କରିବା ପାଇଁ ଦିନସାରା ଅକ୍ଳାନ୍ତ ପରିଶ୍ରମ କରି କ୍ଳାନ୍ତ ହେଇପଡିଥିବା କୃଷକମାନେ ରାତିରେ ବିଶ୍ରାମ ନେଇ ପାରୁନାହାନ୍ତି। ସଂଧ୍ୟା ହେବା ପରେ କ୍ଳାନ୍ତ କୃଷକମାନେ ଠେଙ୍ଗା, ବାଡି ଓ ଟର୍ଚ୍ଚ ଲାଇଟ ଧରି ସାରାରାତି କ୍ଷେତ ଜଗୁଛନ୍ତି। ପ୍ରାୟତଃ ହିନ୍ଦୁ ଓ ଶିଖମାନେ ଗୋପାଳନକୁ ରୋଜଗାରର ଏକ ଗୁରୁତ୍ୱପୂର୍ଣ୍ଣ ପନ୍ଥା ଭାବରେ ଗ୍ରହଣ କରିଥାନ୍ତି। ଧର୍ମୀୟ ଭାବନାନୁଯାୟୀ ଗାଈ, ବାଛୁରୀ ଓ ଷଣ୍ଢ ଇତ୍ୟାଦି ସେମାନଙ୍କ ପାଇଁ ପଶୁ ନୁହେଁ, ଦେବାଦେବୀ ତୁଲ୍ୟ। ତେଣୁ ସେମାନେ ଅଣ୍ଡିରା ବାଛୁରୀକ କିମ୍ବା ଷଣ୍ଢ ମାନଙ୍କୁ କେବଳ ଘଉଡାଇବା ବ୍ୟତୀତ ଅନ୍ୟ କୌଣସି ପ୍ରକାରେ ଦଣ୍ଡିତ କରିପାରିବେ ନାହିଁ।

ତେବେ, ଆଶଙ୍କା ହୁଏ ଯେ ଲଗାତାର କ୍ଷତି ସହିସହି ସେମାନେ ସବୁଦିନ ଷଣ୍ଢମାନଙ୍କୁ ଏମିତି ଘଉଡାଇ ଘଉଡାଇ କେବେ କେଉଁଦିନ ଭୁଲବଶତଃ ସେମାନଙ୍କ ଠେଙ୍ଗାମାଡରେ କିଛି ଷଣ୍ଢ ହୁଏତ ମରିଯାଇପାରନ୍ତି। ପୁନଶ୍ଚ, ପେଟକୁ ବାଧିଲେ ମଣିଷକୁ ମାରିଦେଉଥିବା ମଣିଷ ଷଣ୍ଢ ମାନଙ୍କୁ ମାରିଦେବାକୁ ଯେ ପଛଘୁଞ୍ଚା ଦେବେ ଏକଥାକୁ କିଏ ବା କାହିଁକି ନିର୍ଦ୍ୱନ୍ଦ୍ୱରେ ମାନି ନେଇ ପାରିବ! ଏମିତି ହେଲେ, ଧାର୍ମିକ ଭାବାପନ୍ନ ସାମାଜିକ ବ୍ୟବସ୍ଥାରେ ବହୁତ ବଡ ଅନର୍ଥ ହେଇଯିବ। ଆଉ ଯଦି ସେଇ ସମାନ ପ୍ରକାର ପରିସ୍ଥିତିରେ କୌଣସି ମୁସଲମାନ କିମ୍ବା ଖ୍ରୀଷ୍ଟିଆନର ଠେଙ୍ଗାମାଡରେ ଷଣ୍ଢଟିଏ ମୃତ୍ୟୁବରଣ କରେ ତାହା ଯେ ଏକ ସାମ୍ପ୍ରଦାୟିକ ଦଙ୍ଗାର କାରଣ ପାଲଟିବ ନାହିଁ ଏକଥାର ଭରଷା କିଏ ଦେଇ ପରିବ? କ୍ରମବର୍ଦ୍ଧିଷ୍ଣୁ ଷଣ୍ଢ ସଂଖ୍ୟାକୁ ଆଖିରେ ରଖି ଏକଥା ନିଃସନ୍ଦେହରେ କୁହାଯାଇପାରେ ଯେ, ଭଲମନ୍ଦ ବାଛବିଚାର ବୁଝୁନଥିବା ସେଇ ଷଣ୍ଢ ମାନଙ୍କ ପାଇଁ ହିନ୍ଦୁ-ମୁସଲମାନ / ହିନ୍ଦୁ-ଖ୍ରୀଷ୍ଟିୟାନ ଦଙ୍ଗା ଏକ ନିତିଦିନିଆ ଘଟଣାରେ ପରିଣତ ହେଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ସାମ୍ପ୍ରଦାୟିକ ସଂପ୍ରୀତିକୁ ଯେ ନଷ୍ଟ କରିଚାଲିବ ଏପରି ଆଶଙ୍କାକୁ ଆଡେଇ ଯାଇହେବନାହିଁ। ସମସ୍ୟାଟି ଗୁରୁତର ହେଲେ ମଧ୍ୟ ଆମେ ଏକଥା କହିପାରିବା ନାହିଁ ଯେ ଏହାର କୌଣସି ସମାଧାନ ସୂତ୍ର ନାହିଁ। ଆଗକାଳ ପରି ଆଜିକାଲି ଗାଈମାନଙ୍କୁ ଗର୍ଭବତୀ କରେଇବା ପାଇଁ କେବଳ ପ୍ରାକୃତିକ ସଙ୍ଗମ ଉପରେ ନିର୍ଭରଶୀଳ ନହେଇ ବିଭିନ୍ନ ପ୍ରକାର କୃତ୍ରିମ ପ୍ରଜନନ ପଦ୍ଧତିମାନ ଗ୍ରହଣ କରାଯାଉଛି। ଜୀବ ବିଜ୍ଞାନୀ ଓ ଭେଷଜ ବିଜ୍ଞାନୀ ମାନେ ଅଧିକରୁ ଅଧିକ ଗବେଷଣା କରି କୃତ୍ରିମ ପ୍ରଜନନ ନିମିତ୍ତ ବ୍ୟବହାର କରାଯାଉଥିବା ଔଷଧର ଏମିତି କିଛି ଉପାଦାନ ଖଞ୍ଜିବା ଆବଶ୍ୟକ ଯେମିତିକି ଜନ୍ମ ଦେଉଥିବା, ପ୍ରତ୍ୟେକ ବାଛୁରୀ କେବଳ ମାଈ ବାଛୁରୀ ହେଇ ଜନ୍ମ ନେବେ। ତତ୍ସଙ୍ଗସଙ୍ଗେ, ସରକାର ଖୋଲାମେଲାରେ ବୁଲି ଉପଦ୍ରବ କରୁଥିବା ବୃଷଭ ମାନଙ୍କୁ ଧରିନେଇ ସ୍ଥାନେ ସ୍ଥାନେ ବୃହତ ମୁକ୍ତାକାଶ ଗୋଶାଳା ମାନ ତିଆରି କରାଇ ତହିଁରେ ସେମାନଙ୍କୁ ଆବଦ୍ଧ କରି ରଖିପାରିଲେ ଆପାତତଃ ଷଣ୍ଢ ସମସ୍ୟାର ନିରାକରଣ ବହୁମାତ୍ରାରେ ସମ୍ଭବପର ହେଇପାରିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏପରି ପଦକ୍ଷେପ ମାନ ଗ୍ରହଣ କରାଗଲେ ହିନ୍ଦୁମାନଙ୍କୁ ଗୋହତ୍ୟା ପାପରୁ ନିବୃତ୍ତ କରାଇପାରିବା ସହିତ ଗୋହତ୍ୟା କାରଣରୁ ସଂଘଠିତ ହେବାକୁ ଯାଉଥିବା ସାମ୍ପ୍ରଦାୟିକ ଦଙ୍ଗା ଆଶଙ୍କାକୁ ଅନେକାଂଶରେ କମାଇ ଦିଆଯାଇପାରନ୍ତା।

*ହରସିଂହପୁର, ପୀରହାଟ ବଜାର*
*ଭଦ୍ରକ-୭୬୧୩୧*
*ଦୂରଭାଷ : ୯୯୩୭୫୪୮୪୩୧*

**ଦୟା :-**

ଶ୍ରୀ ରାମକୃଷ୍ଣ ପରମହଂସ କହିଛନ୍ତି 'ଦୟା' ଶବ୍ଦକୁ ଆମେମାନେ ଅତି ସରଳ ଓ ଶସ୍ତା କରିଦେଇଛେ। ଦୟା କରିବା ବାଲା ଆମେ ବାସ୍ତବରେ କିଏ! ଦୟା କେବଳ ଈଶ୍ୱରଙ୍କ ଅଧିକାର ଅଟେ। ହୋଇପାରେ ଶ୍ରୀ ଠାକୁରଙ୍କରୁ କହିବା ସତ ମାତ୍ର ଜଗତରେ ଏଭଳି ମଣିଷ ଅଛନ୍ତି ଯିଏ ଈଶ୍ୱରଙ୍କ ପ୍ରତିମୂର୍ତ୍ତି ଭାବେ ପୂଜା ପାଇବାର ଯୋଗ୍ୟ। ପୂଜ୍ୟ ଚିଦାନନ୍ଦଜୀ ମହାରାଜାଙ୍କୁ ଯିଏ ଦେଖିଛି ସେ ନିଶ୍ଚୟ ବିଚାର କରିବ କି ପ୍ରକୃତରେ ଏହାଙ୍କ ଛଡ଼ା ଅନ୍ୟ କେହି ଈଶ୍ୱର ହୋଇପାରନ୍ତି୧ ଏମିତି ପ୍ରତିତ ହୁଏ ଯେ ମନୁଷ୍ୟର ନିର୍ମାଣ କରିବା ସମୟରେ ଈଶ୍ୱର ଦୟାଭରା ପାତ୍ରରୁ ଏହି ଗୁଣକୁ ମନୁଷ୍ୟକୁ ଦେଉଥିବା ବେଳେ ଯାହା ପାତ୍ରରେ ବଞ୍ଚିଯାଉଥିଲା ସବୁତକ ଅଜାଡି ଦେଇ ସ୍ୱାମିଜୀ ମହାରାଜଙ୍କୁ ନିର୍ମାଣ କରିଥିଲା।

ଥରକର କଥା ସ୍ୱାମୀ ଶ୍ରୀ ଚିଦାନନ୍ଦଜୀ ମହାରାଜ ଶ୍ରୀ ରାମକୃଷ୍ଣ ସେଠ ନାମକ ଜଣେ ଭକ୍ତଙ୍କ ଘରକୁ ଯାଇଥାନ୍ତି। ସ୍ୱାମିଜୀ ଶ୍ରୀ ରାମକୃଷ୍ଣଙ୍କୁ ପଚାରିଲେ ବ୍ଲେଡ ଅଛି ଯଦି ଟିକେ ଦିଅ। ଶ୍ରୀ ରାମକୃଷ୍ଣ ମଧ୍ୟ ଆଣିଦେଲେ। ଭାବିଲେ ସେମିତି କିଛି ପାଇଁ ସ୍ୱାମିଜୀ ବ୍ଲେଡ ମାଗିଛନ୍ତି। ହେଲେ ଦେଖିବା ବେଳକୁ ସ୍ୱାମିଜୀ ମହାରାଜ ଘର କୋଣ ପିମ୍ପୁଡିମାନେ ଏକ ମଲା ଅସରପାକୁ ଟାଣି ଟାଣି ନେଉଥିବା ବେଳେ ଗାତ ଛୋଟ ହୋଇଥିବାରୁ ଆଉ ନେଇ ପାରୁନାହାନ୍ତି ଆଉ ସ୍ୱାମିଜୀ ଧିରେ ଧିରେ ଫୁଙ୍କି ଚାରିପଟୁ ପିମ୍ପୁଡିମାନଙ୍କୁ ହଟାଇ



ମୂଳ ଗୁରୁବାଣୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

**ଦୈବୀ ସମ୍ପଦ**


ଅନୁବାଦ- ରୂପାଲୀ ଦାଶ



ଅସରପାଟିକୁ ଆଣି କାଟି ଛୋଟ ଛୋଟ କରି ରଖୁଛନ୍ତି ଯଦ୍ୱାରା ସେମାନଙ୍କୁ ସହଜ ହେବ ନେବା ପାଇଁ। ଏଥିରୁ ଏତେ ଛୋଟ ଜୀବ ପିମ୍ପୁଡି ପ୍ରତି ମଧ୍ୟ ସ୍ୱାମିଜୀଙ୍କର ମନରେ କେତେ ଦୟାଭାବ ପ୍ରତୀତ ହୁଏ। ତେଣୁ ଜଡ ହେଉ କି ଚେତନ ହେଉ କାହାକୁ ଶାରୀରିକ, ମାନସିକ, ବାଚିକ, ଆର୍ଥିକ, ସାମାଜିକ, ବ୍ୟକ୍ତିଗତ, ପାରିବାରିକ କେଉଁ ପ୍ରକାର କଷ୍ଟ ନହେଉ ଓ ସେ କଷ୍ଟ ନିବାରଣ କରିବା ପାଇଁ ପ୍ରୟାସ କରିବାକୁ ଦୟା ବୋଲି ବୁଝିବା ଦରକାର।

ତୁଳସୀ ଦାସଜୀ ମହାରାଜ ଦୟାକୁ ଧର୍ମର ମୂଳ ବୋଲି କହିଛନ୍ତି। ସେ ଲେଖିଛନ୍ତି "ତୁଳସୀ ଦୟା ନ ଛୋଡିୟେ, ଜବତକ ଘଟମେ ପ୍ରାଣ"। ଶ୍ରୀବିଷ୍ଣୁ ସହସ୍ର ନାମରେ "ଆଚାର ପ୍ରଭବୋ ଧର୍ମ" ଅର୍ଥାତ୍ ଆଚରଣକୁ ଶ୍ରେଷ୍ଠ ଧର୍ମ ବୋଲି କୁହାଯାଇଛି। ତେଣୁ ଏକ ମାନବ ହିସାବରେ ଦୟା ଆମ ଆଚରଣରେ ନିହାତି ହେବା ଆବଶ୍ୟକ। ଦୟା ଏକ ମହତ ଦୈବୀ ଗୁଣ ବା ସର୍ବୋଚ୍ଚ ସଦଗୁଣ ଅଟେ। ଦୟା ବାହ୍ୟ ଦେଖାଇ ହେବା ନୁହେଁ। ଏହା ସେତେବେଳେ ସାର୍ଥକ ଅଟେ ଯେତେବେଳେ ଏହା ସ୍ୱାଭାବିକ ହୃଦୟରୁ ସୃଷ୍ଟି ହୁଏ। ପାଣିର ସ୍ୱଭାବ ଖାଲ ଆଡକୁ ବହି ଯିବା ଠିକ୍ ସେହିପରି ଦୟାବାନ ବ୍ୟକ୍ତି ନିଜର କରୁଣା ବାଣ୍ଟି ଚାଲନ୍ତି ମାତ୍ର ଏହାକୁ ପ୍ରତିପାଦନ କରନ୍ତି ନାହିଁ। ଅହଂକାର ଲେଶ ମାତ୍ର ରଖି ନ ଥାନ୍ତି ଏହା ସେମାନଙ୍କର ସହଜ ସ୍ୱଭାବ ହୋଇଥାଏ।

(କ୍ରମଶଃ)



ମାଟିମନସ୍କ କଥକତା, ସ୍ମୃତି ସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀ ଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷା ବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ, ଔପନ୍ୟାସିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକମାନଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରିପକାଇବାର ସାମର୍ଥ୍ୟ ବହନ କରେ। ସଦା ସୃଜନମଗ୍ନ ଏଇ ଔପନ୍ୟାସିକଙ୍କର ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା ଓ ଭୁଷୁଡି ପଡୁଥିବା ସମ୍ପର୍କ ଏବଂ ମୂଲ୍ୟବୋଧ ପାଇଁ ଆଞ୍ଜୁଳା ଆଞ୍ଜୁଳା ଆହାପଣ। 'ସମ୍ପର୍କର ସୂତାଖିଅ' ଉପନ୍ୟାସ ତାଙ୍କର ଏକ ସାର୍ଥକ ସୃଷ୍ଟି, ଯାହା ପାଠକମାନଙ୍କୁ ଚମତ୍କୃତ କରିବ ବୋଲି ଆମର ବିଶ୍ୱାସ।

କ୍ଷୀରୋଦ ଦାସ

ଭାଗ-୬

# ସମ୍ପର୍କର ସୂତା ଖିଅ

**ମା**ସକୁ ମାସ ପହିଲା କିମ୍ବା ଦୁଇ ତାରିଖରେ ସନାତନ ପୁଅ ପାଖକୁ ଟଙ୍କା ଓ ଚାଉଳ ପଠାନ୍ତି। ସେ ଟଙ୍କା କେଉଁଠୁ ଆସେ ଜାଣିପାରେନା ସୁରେନ୍ଦ୍ର, ତଥାପି ସେଥିରୁ ଟଙ୍କାଟିଏ ଖର୍ଚ୍ଚ କଲାବେଳେ ତାକୁ ଲାଗେ, ତିନୋଟି ଭୋକିଲା ପେଟର ଆହାରକୁ ଛଡ଼ାଇ ନେଇ ସେ ପାଠ ପଢୁଛି। ମନେ ମନେ ସେ ପ୍ରତିଜ୍ଞା କରିପକାଏ, ଭଲ ପାଠପଢ଼ିବି, ବଡ ଚାକିରି କରିବି, ନଟଦାସକୁ ଶସ୍ତାରେ ବିକ୍ରି କରାଯାଇଥିବା ଜମିତକ ମୁକାଳିବ, ଭଉଣୀର ବାହାଘର କରିବ। ବାପାଙ୍କୁ ଆଉ ପର ଘରକୁ ମୂଲ ଲାଗିବାକୁ ଛାଡିବ ନାଇଁ। ଦୁଃଖ ପୋଛିଦେବ ବୋଉ ମୁହଁରୁ। କେବେ ବି ମନଖୋଲା ହସଟିକେ ହସିନଥିବା ତା' ମୁହଁରେ ମଲ୍ଲିଫୁଲିଆ ହସ ମେଞ୍ଚାଏ ଉଙ୍କି ମାରିବ! ଚାଳଘର ଭାଙ୍ଗି କୋଠା ଘର ତିଆରି କରିବ। ମଟର ସାଇକେଲ୍ ଚଢ଼ି ଗାଁ'କୁ ଯିବ। ସୁନ୍ଦରିଆ ଝିଅଟିଏକୁ ବାହା ହେବ, ଯିଏ ବାପା-ବୋଉଙ୍କ ସେବା କରୁଥିବ। ଗାଁ' ଲୋକମାନଙ୍କୁ ଏକବାର ଚମକେଇ ଦେବ...

ଭାବନା ଲମ୍ବିଯାଏ। ବିତିଯାଉଥାଏ ଦିନ ପରେ ଦିନ, ମାସ ପରେ ମାସ, ବର୍ଷପରେ ବର୍ଷ। ଆଇ.ଏ. ପରେ ବି.ଏ। ପାଠପଢ଼ାର ଗୁରୁଦାୟିତ୍ୱଟା ମୁଣ୍ଡ ଉପରେ ପାହାଡ ପରି ଲଦି ହୋଇଯାଉଥିବାରୁ ଯାଉଣୁ ଆସୁଣୁ ଆଉ ଗାଁକୁ ନ ଦୌଡି ପଢ଼ାରେ ମନଦେଲା ସୁରେନ୍ଦ୍ର। ପ୍ରଥମରୁ ସେ ଥିଲା ମେଧାବୀ। କଲେଜରେ ମଧ୍ୟ ନିଜ ପୋଜିସନ୍ ଅବ୍ୟାହତ ରଖିପାରିଲା ସେ।

ପାଠପଢ଼ାକୁ ବାଦଦେଇ ଅନ୍ୟ ଯେଉଁ ଗୁଣଟି ତା ପାଖରେ ଥିଲା, ତା' ହେଉଛି ସଙ୍ଗୀତ। କଣ୍ଠଟି ତା'ର ଭାରି ମଧୁର, ସୁଲଳିତ। ସ୍କୁଲ୍‌ରେ ପଢ଼ିବା ବେଳେ ଗଣେଶ ସରସ୍ୱତୀ ପୂଜାମାନଙ୍କରେ ସେ ଭଜନଟିଏ ବୋଲୁଥିବା ଅବସରରେ କେବଳ ଶିକ୍ଷକ କିମ୍ବା ପିଲାମାନେ ନୁହଁନ୍ତି, ଅଭିଭାବକ ମାନେ ମଧ୍ୟ ଚମତ୍କୃତ ହୋଇଯାଆନ୍ତି ତା' ମଧୁର କଣ୍ଠରୁ ଗୀତ ଶୁଣି। ଗାଁ' ମହାଦେବଙ୍କ ମନ୍ଦିରରେ ସଂଧ୍ୟା ବେଳେ ସେ ଭଜନ ବୋଲୁଥିଲା। ବଡ ହେଲେ ଜଣେ ଉଚ୍ଚକୋଟୀର ଗାୟକ ହେବ ବୋଲି ଭବିଷ୍ୟବାଣୀ ଦେଇ ଆଶୀର୍ବାଦ କରିଥିଲେ ସୁଦର୍ଶନ ନନା।

ସଙ୍ଗୀତ ଏକ ନିଶା। ଯାହାକୁ ଘାରେ, ଆଉ ଛାଡ଼େନା ସାରା ଜୀବନ। କଲେଜରେ ମଧ୍ୟ ସୁରେନ୍ଦ୍ରର ଏ ପ୍ରତିଭା ଲୁଚି ରହିଲାନି। କଲେଜ ଫଙ୍କସନ୍ ମାନଙ୍କରେ ଗୀତ ଗାଇବା ଥିଲା ତା ପାଇଁ ପ୍ରଚୁର ଆହ୍ଲାଦପୂର୍ଣ୍ଣ। ଦଶହରା ବେଳେ ସହରରେ ମେଲୋଡି କିମ୍ବା ଭଜନ ସମାରୋହ ହେଲେ ସେ ନିଜକୁ ସମ୍ଭାଳିପାରେ ନାହିଁ। ଠିଆ ଠିଆ ପାହିଯାଏ ରାତି। ସାପ ପଦ୍ମତୋଳା ଶୁଣିବା ପରି ଏକ ତନ୍ମୟ ପଣ ଆବୋରି ପକାଏ ତାକୁ।

ଏସବୁ ଭିତରେ କଳା ବିକାଶ କେନ୍ଦ୍ରରେ କଣ୍ଠ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଥିଲା ସୁରେନ୍ଦ୍ର। ଚାରିବର୍ଷର କୋର୍ସ ପାଇଁ ସେ ମଧ୍ୟ ମନୋନୀତ ହୋଇଗଲା ସେ। କେନ୍ଦ୍ର ତରଫରୁ ଷ୍ଟାଇପେଣ୍ଡ ବ୍ୟବସ୍ଥା ମଧ୍ୟ ହୋଇଗଲା। ସକାଳ ଓଳି ଦୁଇଟି ଟ୍ୟୁସନ, ଦଶଟାରୁ ପାଞ୍ଚଟା କଲେଜ ଏବଂ ସଂଧ୍ୟା ଛ' ରୁ ନ' ସଙ୍ଗୀତ ଶିକ୍ଷା, ରୀତିମତ୍ ଗୋଟେ ବ୍ୟସ୍ତବହୁଳ ଜୀବନର ଅୟମାରମ୍ଭ ହେଉଥିବା ବେଳେ ଆଗଭଳି ଗାଁକୁ ଯିବା ଆଉ ସମ୍ଭବ ହୋଇପାରୁ ନଥିଲା।

ବୋଉ ହନ୍ତସନ୍ତ ହୋଇଯାଏ। ପୁଅ ଘରକୁ ଆସୁନାଇଁ ବୋଲି କାନ୍ଦି କାନ୍ଦି ଉଚ୍ଛନ୍ନ କରେ। ସନାତନ କୁହନ୍ତି- "କାହିଁକି ଏତେ ବ୍ୟସ୍ତ ହେଉଛୁ ? କଲେଜ ପାଠପଢ଼ା କ'ଣ ଏତେ ସହଜ ? ପଢ଼ାପଢ଼ିରେ ଲାଗିଥିବ। ଆଗକୁ ପରୀକ୍ଷା ଅଛି ବୋଧହୁଏ। ପରୀକ୍ଷା ସରିଲେ ଆସିବନି ! !"

ବୋଉ ଦୌଡ଼େ ପ୍ରଭାକର ଭାଇଙ୍କ ଘରକୁ। ଫି ।ନିବାର ସେ ଗାଁ'କୁ ଆସନ୍ତି। ବୋଉର ବ୍ୟସ୍ତତା ଦେଖି କୁହନ୍ତି - ହଁ ହଁ, ଦି' ଚାରିଦିନ ତଳେ ତାକୁ କଲେଜ ଛକରେ ଦେଖିଥିଲି। ପଢ଼ାପଢ଼ିରେ ଭାରି ବ୍ୟସ୍ତ ଅଛି ବୋଲି କହୁଥିଲା। ବୋଧେ ଗଣେଶ ପୂଜାକୁ ଗାଁ'କୁ ଆସିବ !'

ପୁଅଦିହ ଭଲ ଅଛି ଜାଣି ବୋଉ ଆଶ୍ୱସ୍ତ ହୁଏ। ହୁତୁହୁତ ଜଳୁଥିବା ତା' ଛାତି ଥଣ୍ଡା ପଡ଼େ। ପୁଅ ଗୋଡରେ କଣ୍ଟା ନ ବାଜୁ ବୋଲି ଶୟନେ ସ୍ୱପନେ ଜଟରଣେ ମହାଦେବଙ୍କ ପାଖରେ ମନାସେ।

ବି.ଏ. ଶେଷବର୍ଷ। ଦଶହରା ପୂଜା ଅବସରରେ କଲେଜଛକ ଠାରେ ଅନୁଷ୍ଠିତ 'ଜିକ୍-ଜ୍ୟାକ୍' ମେଲୋଡି ପାର୍ଟିରେ ଗୀତଟିଏ ବୋଲିବାକୁ ସୁଯୋଗ ମିଳିଗଲା ସୁରେନ୍ଦ୍ରକୁ, ବନ୍ଧୁ ପ୍ରଦୀପର ସହାୟତାରେ। କ'ଣ କିପରି ଗାଇଲା କେଜାଣି, ତାଳିପରେ ତାଳି ଓଜାଡ଼ି ହୋଇପଡିଲା ତା ଉପରେ। ତା'ପରଦିନ ସକାଳୁ ମେଲୋହି ପାର୍ଟିର ମାଲିକ ମେସ୍ ଠିକଣା ଖୋଜି ଖୋଜି ଯାଇ ହାଜର ହେଲେ ତା' ପାଖରେ ଏବଂ ।ସକୁ ଚାରିଶହ ଟଙ୍କା ବିନିମୟରେ ତାଙ୍କ ପାର୍ଟିରେ ଜଣେ ନିୟମିତ କଳାକାର ଭାବେ ତାକୁ ଆମନ୍ତ୍ରଣ କଲେ।

ସଙ୍ଗୀତ ତା'ର ପେଶା ନୁହେଁ, ଗୋଟେ ସଉକ ବୋଲି ଯେତେ କହିଲେ ମଧ୍ୟ ଭଦ୍ରଲୋକ ଜମା ବୁଝିଲେନି। ଷ୍ଟେଜ୍ ଉପରେ ମାଇକ୍ରୋଫୋନ୍ ଆଗରେ, ଉଜ୍ଜ୍ୱଳ ଆଲୋକ ଭିତରେ ହଜାର ହଜାର ଦର୍ଶକ ଓ ଶ୍ରୋତାଙ୍କ ଆଗ୍ରହ, ଉତ୍କଣ୍ଠା ଓ କରତାଳିକୁ ଏଡାଇ ନ ପାରି ସୁରେନ୍ଦ୍ର ରାଜି ହୋଇଗଲା ମେଲୋଡି ମାଲିକଙ୍କ ପ୍ରସ୍ତାବରେ।

ଯା' ଭିତରେ ବି.ଏ. ପରୀକ୍ଷା ଫଳ ବାହାରି ସାରିଥାଏ। ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥାଏ ସୁରେନ୍ଦ୍ର। ଆଉ ହାତରେ ବିଶେଷ କାମ ନଥିଲା। ଏମ୍.ଏ. ପଢ଼ିବାକୁ ପାଖରେ ସମ୍ବଳ ନଥିଲା। ଗାଁ'ରେ ଯାଇ ବେକାରଟାରେ ଟୁଙ୍ଗ୍ ଟୁଙ୍ଗ୍ ହେବାକୁ ଇଚ୍ଛା ନଥିଲା। ଏଠି ରହି ବରଂ ଇଣ୍ଟରଭ୍ୟୁ ଦେଇ ଚାକିରି ପାଇଁ ନିଜକୁ ପ୍ରସ୍ତୁତ କରିବା ଏବଂ କିଛି ଅନ୍ୟ ସାଇଡ୍ ଧନ୍ଦା କରି ଠିଆ ହେବାର ଇଚ୍ଛା ହିଁ 'ଜିକ୍-ଜ୍ୟାକ୍' ମେଲୋଡିରେ ପଶିବା ପାଇଁ ତାକୁ ପ୍ରରୋଚିତ କରିଥିଲା।

ସଂଧ୍ୟା ହେଲା ମାତ୍ରେ ସଙ୍ଗୀତର ସୁଲଳିତ ଝଙ୍କାରଟିଏ ଶୁଭିଯାଏ ତା'ବଖରାରୁ। ନାହିଁ ନଥିବା ଗୋଟେ କରୁଣ ମୂର୍ଚ୍ଛନାକୁ ତୋଳି ଧରିଥିବା ସେ କଣ୍ଠରେ କ'ଣ ଥାଏ କେଜାଣି, ଶୁଣିବା ଲୋକର ଅନ୍ତସ୍ଥଳୀ ଭେଦିଯାଏ ସେ ସ୍ୱର। ଦେହ ରୋମାଞ୍ଚିତ ହୁଏ। ମନ ପୁଲକିତ ହୁଏ।

ସେ କେବଳ ଗୀତ ବୋଲେନା, ମୌଳିକ କବିତା ମଧ୍ୟ ଲେଖେ। ତାକୁ ମଧୁର ତାଳ ଓ ରାଗର ଛନ୍ଦେ ଓ ଏବଂ ସୁଲଳିତ ସ୍ୱର ମାଧ୍ୟମରେ ପରଷିଦିଏ ଅଗଣିତ ମଣିଷମାନଙ୍କ ପିପାଶିତ ମନ ଓ କାନ ପାଖରେ।

ପାଞ୍ଚ ଫୁଟ ଦଶଇଞ୍ଚର ପତଳା ଗୋରା ଚେହେରା। ଢଳଢଳ ଆଖି, କଳା ମୁଚ୍ ମୁଚ୍ ବାଳ ଓ ସରୁ ନିଶର ଗୋଟେ ଆର୍ଟିଷ୍ଟିକ୍ ଚେହେରା। ପାଟପୁର ବୋଲି ଅଖ୍ୟାତ ଏକ ଗାଁ'ର ସନାତନ ବୋଲି ଗରିବ ଚାଷୀ ମୂଲିଆର ପୁଅ ସୁରେନ୍ଦ୍ର, ଗୀଟାରଟିଏ ଧରି ଷ୍ଟେଜ୍ ଉପରେ ଉଦିତ୍ ନାରାୟଣ କି ସୋନୁ ନିଗମ୍ ଷ୍ଟାଇଲ୍‌ରେ ଗୀତଟିଏ ପରିବେଷଣ କରିବା ଅବସରରେ ଉପସ୍ଥିତ ହଜାର ହଜାର ଶ୍ରୋତା ତଥା ଦର୍ଶକ ଉଚ୍ଛ୍ୱସିତ ତାଳିମାଡରେ ପୋତିପକାନ୍ତି ତାକୁ। ଟୋକାମାନେ ହ୍ୱିସିଲ୍ ମାରି କମ୍ପାଇ ଦିଅନ୍ତି ଖଣ୍ଡ ମଣ୍ଡଳ। ଝିଅ ପିଲାମାନେ ଉଲ୍ଲସିତ ହୋଇ ପଡନ୍ତି ଭିତରେ ଭିତରେ। ମେଲୋଡି ମାଲିକ ଆତ୍ମତୃପ୍ତିର ହସ ହସେ ଏବଂ ନିଜକୁ ଅଭିନନ୍ଦନ ଜଣାଏ ସୁରେନ୍ଦ୍ର ପରି ଜଣେ ପ୍ରତିଭାବାନ୍ କଳାକାରକୁ ନିଜ ଦଳରେ ସାମିଲ କରିପାରିଥିବାର ବିଜ୍ଞତା ପାଇଁ।

କେତେବେଳେ କେମିତି ସୁରେନ୍ଦ୍ର ପଳାଏ ଗାଁ'କୁ। ଦୁଇ ଚାରିଦିନ ରହିବା ଭିତରେ ଭାରି ମାଡି ମାଡି ପଡେ। ଭଲ ଲାଗେନା ଆଉ ଗାଁ'। ଅପରିଚିତ ଜଣାପଡନ୍ତି ଗାଁ'ର ମାଟି, ପାଣି, ପବନ ଓ ମଣିଷମାନେ। ଯେଉଁ ଗାଁ ପାଇଁ, ସାଙ୍ଗସାଥୀ ମାନଙ୍କ ପାଇଁ ପାଠପଢ଼ା ଛାଡ଼ି ସେ ଚାରିଆଠ ଦିନକେ ଥରେ ଛାଟିପିଟି ହୋଇ ପଳେଇ ଆସୁଥିଲା, ଏବେ ସସବୁ ଭାବନା ମନରୁ କୁଆଡେ ପୋଛି ହୋଇଗଲାଣି। ଫିକା ପଡିଗଲାଣି ସେସବୁ ସମ୍ପର୍କ।

(କ୍ରମଶଃ)

[illegible] କବିତା



## ଭିଟାମାଟି

**ସୁଧାଂଶୁ ଶେଖର ପଟ୍ଟନାୟକ**



ଛାଡି ଯିବାକୁ ଇଚ୍ଛା ତ ନଥିଲା,
ମୋ ଘର, ମୋ ପିଣ୍ଡା
ମୋ ଗାଁ ଦାଣ୍ଡ,
ମୋ ଭିଟାମାଟି...
ଭୋକର ଭୂଗୋଳ
ଯେବେ ନ ମାନିଲା
ଭୋକର ଦାଉ
ଯେବେ ସହି ନ ହେଲା...
ପର ହେଇ ଥିଲା
ମୋ ପ୍ରିୟ ଏ ଭିଟାମାଟି।
ଭିଟାମାଟି ବାହାରେ
ବଦଳି ଥିଲା ମୋ ପରିଚୟ
ଦୁନିଆ ପାଇଁ ଦାଦନ।
ଫେରି ଯିବାକୁ ଇଚ୍ଛା ହଏ
ମୋ ପ୍ରିୟ ଭିଟାମାଟିକୁ...
କିନ୍ତୁ ମୁଁ ନାଚାରା,
ମୁଁ ନିର୍ବିକାର, ହୋଇ ଉଠେ
ମୋ ନିଜ ଲୋକଙ୍କ ପେଟର
ଭୋକ ସାମ୍ନାରେ।
ମୁଁ ଭଲ ପାଉଥିବା
ମଣିଷ ମାନଙ୍କ ମୁହଁରେ
ଦେଖିବାକୁ ଟିକେ ହସ
ଆଡେଇ ଦେଇ ଯାଏ ବାରମ୍ବାର
ମୋ ଭିଟାମାଟିର ଡାକରାକୁ

*ଅଧ୍ୟାପକ, ପଦାର୍ଥ ବିଜ୍ଞାନ*
*ଭୈରବ କନିଷ୍ଠ ମହାବିଦ୍ୟାଳୟ*
*ବୋରିଗୁମ୍ମା, କୋରାପୁଟ*
*ଦୂରଭାଷ : ୯୯୩୭୬୬୩୪୦୪*



## କରୋନାର କରାଳ ରୂପ

**ଶୁଭ୍ରା ସନ୍ତୋଷୀ ଗୌଡ**



ନାଁ ତାହାରି କରୋନା
ଜନମ ମାଟି ତା ଚାଇନା,
କାହାକୁ ମାନେନା କାହାକୁ ଡରେନା,
ଦେଖାଏ ସଭିଙ୍କୁ ଆଇନା
ଏ ତ ସେଇ କରୋନା।
ବିଦେଶୁ ଜନମି ଆଇଲା
ଇୟୁରୋପ ଯାଇ ରଚିଲା ତାଣ୍ଡବ,
ଗଲା ସେ ନେଇ କୁଡ଼ କୁଡ଼ ଶବ,
ଏଇଠୁ କଲା ସେ ଆରମ୍ଭ
ଦେଖିହୁଏ ନାହିଁ ଶେଷ।
ଇଟାଲୀ ଫ୍ରାନ୍ସ ଜର୍ମାନୀ ସ୍ପେନ୍
ସବୁଠି ଚାଲିଲା କରୋନା ଡର,
ଆମେରିକାରେ ସେ ତ କରିଲା ଘର,
ଦୁନିଆ ରାଇଜେ ଖେଳୁଛି ଖେଳ
ନାହିଁ ତା କାହାକୁ ଡର କି ଭୟ।
ଦେଶ ଦେଶ ବୁଲି ଆସିଲା ଏବେ
ଆସି ଭାରତ ମାଟିକୁ ଛୁଇଁଲା,
ଗୋଟେ ଗୋଟେ କରି ଖାଇଲା ମୁଣ୍ଡ ସେ,
ଆଜକୁ ସହସ୍ର ହୋଇଲା
ଏ ଇ ଇତିହାସ ଗୋଟେ ରଚିଲା।
ଆଜିର ଏ ନୀରବତା କହୁଛି କାଲିର କରାଳତା
ନା ରାସ୍ତା ନା ଘାଟ,
ନା ଦୋକାନ ନା ବଜାର,
ସବୁଠି ଚାଲିଛି ହାଟ ଏ କରୋନାର
ସରିବ କେବେ ଏ କରୋନା ଗହଳ।
ଚାରିଆଡେ ଖାଲି କରୋନା ଡର
ଲୋକଙ୍କ ମନରେ ବାନ୍ଧିଛି ଘର,
ନା ଅଛି ତାକୁ ଡର କି ଭୟ,
ସାଜିଛି ଜମ ସେ ନେଉଛି କାଳ
ସମୟ ହାତରେ କରୋନା ଡୋର।

*ରାୟଗଡ଼ା*

## ଦାନ ଓ ଫେସବୁକ

**ସୁବ୍ରତ ମଲ୍ଲିକ**



ଶ୍ୟାମ ବାବୁ ପି.ଏମ୍.କେୟାର ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ କିଛି କିଛି ଅର୍ଥ ନିଜ ମୋବାଇଲ ଫୋନରେ ଫୋନ୍ ପେଡ଼ ଆପ୍ ଦ୍ୱାରା ପଠାଇଲା ପରେ ତାହାର ସ୍କ୍ରିନସଟକୁ ଫେସବୁକରେ ଅପଲୋଡ କରିବା କ୍ଷଣି କମେଣ୍ଟ ଦୁଇଟି ଅନେକ ପ୍ରଶଂସାପୂର୍ଣ୍ଣ ମନ୍ତବ୍ୟରେ ଭରିଗଲା। ସେ ଘର ଅଗଣାରେ ବସି ସମସ୍ତଙ୍କ କମେଣ୍ଟର ପ୍ରତ୍ୟୁତ୍ତରରେ ଧନ୍ୟବାଦ, ସ୍ୱାଗତମ ଆଦି ଲେଖା ସହ ବିଭିନ୍ନ ପ୍ରକାର ଇମୋଜୀ ବ୍ୟବହାର କରି ନିଜକୁ କୃତାର୍ଥ ମନେ କରୁଥାନ୍ତି। ମନେ ମନେ କିଛି ସମୟ ପାଇଁ ନିଜକୁ ଗାନ୍ଧୀ, ଗୋପବନ୍ଧୁଙ୍କ ସହ ତୁଳନା କରୁଥିବା ବେଳେ ତାଙ୍କ ପତ୍ନୀ ହାତରେ ଚା' କପ ଧରି ହାଜର ହେଲେ ଓ କହିଲେ 'ତୁମ ସହ କିଛି ଜରୁରୀ କଥା ହେବା ପାଇଁ ଘରର ମାଳୀ ଯଦୁ ବାହାରେ ଅପେକ୍ଷା କରିଛି।'

ଏହା ଶୁଣି ଶ୍ୟାମ ବାବୁ ବିରକ୍ତ ଭାବ ପ୍ରକାଶ କଲେ ଓ କହିଲେ, ଏତେ ସକାଳୁ କଣ କାମ ପାଇଲା ଯେ! ଚା ଟିକିଏ ବି ଶାନ୍ତିରେ ପିଇବାକୁ ଦେବେନାହିଁ। କ'ଣ ପାଇଁ ସେ ଆସିଛି ଜାଣିବା ପାଇଁ ନିଜ ପତ୍ନୀକୁ ନିର୍ଦ୍ଦେଶ ଦେଇ ଶ୍ୟାମ ବାବୁ ଗୋଟେ ହାତରେ ଚା କପ ଓ ଅନ୍ୟ ହାତରେ ମୋବାଇଲ ଧରି କମେଣ୍ଟ ପଢ଼ିବା ଓ ପ୍ରତ୍ୟୁତ୍ତର ଦେବାରେ ଲାଗିଗଲେ।

କିଛି ସମୟ ବ୍ୟବଧାନ ପରେ ତାଙ୍କ ପତ୍ନୀ ଆସି କହିଲା - ଲକଡାଉନ ଯୋଗୁ ସବୁ ଆଡେ କାମ ଧନ୍ଦା ବନ୍ଦ ଥିବାରୁ କିଛି ଆଗୁଆ ଦରମା ନେବାକୁ ଆସିଛି। ଅର୍ଥ ଅଭାବରୁ ବଜାରରୁ ସଉଦା କିଣି ଦୁଇ ଓଳି ଦୁଇ ମୁଠା ଖାଇବା ତା ପରିବାର ପାଇଁ ଅସମ୍ଭବ ହୋଇପଡିଛି। ପଛରେ କାମ କରିକି ସେ ସୁଝିଦେବ। ଆରେ, ତାକୁ ଯାଇ କୁହ ଯେ ଲକଡାଉନ୍ ଯୋଗୁଁ ବ୍ୟାଙ୍କ ବଜାର ସବୁ ବନ୍ଦ। ନଗଦ ଟଙ୍କା ଆସିବ କୁଆଡୁ। ସେ ନିଜେ ବି ଭଲ ଭାବରେ ଜାଣିଛି। ତଥାପି ମୂର୍ଖଙ୍କ ପରି ଇଆଡେ ମାଡି ଆସିଛି। ଆମ ସରପଞ୍ଚ ବାବୁଙ୍କ ପାଖକୁ ତାକୁ ଯିବା ପାଇଁ କୁହ। ସରକାରଙ୍କ ତରଫରୁ ରିଲିଫ ଫଣ୍ଡ ନିଶ୍ଚିତ ଆସିଥିବ। ସେଠାରୁ ହୁଏତ କିଛି ସାହାଯ୍ୟ ପାଇପାରେ। ସେ ବି ସରପଞ୍ଚ ବାବୁଙ୍କ ପାର୍ଟି ଲୋକ। ସରପଞ୍ଚ ବାବୁ ମନା କରିବେ ନାହିଁ। ଏତକ କହିଦେଇ ଶ୍ୟାମ ବାବୁ ପୁଣି ଫେରିଗଲେ ନିଜର ଫେସବୁକୁ ଦେଖାଇବା ପାଇଁ ନିଜ ଦାନ ପଣ। ଦାନବୀର କର୍ଣ୍ଣ ସାଜି ନିଜର ଶହଶହ ଅନ୍ଧ ଧୃତରାଷ୍ଟ୍ର ସାଙ୍ଗମାନଙ୍କ ପାଖରେ।

*କେବି ଉଚ୍ଚ ବିଦ୍ୟାଳୟ*
*ସେରେଣ୍ଡା, ବରବିଲ, କେଉଁଝର*

## ବଢ଼ିପାଣି

**ଡ. ତୃପ୍ତି ରଞ୍ଜନ ଦାସ**





ମୁଁ ଏକା ଜଳିବି ନା ତୁମ ଅତୀତ ଜଳିବ ?
ଲାସ ପୋଡା ମେସିନରେ ନହେଲେ ଗାଁ ମଶାଣିରେ
ତୁମ ପଖଳା କେଶର ବାସ୍ନା ଆଣି
ଆସିବ ବଢ଼ି ପାଣି।
କୁଟୁମ୍ବ ଶୁଦ୍ଧିହେବେ, ଅସ୍ଥି ମିଶା ପାଉଁଶକୁ ବୁଣି
ଗାଁ ମଝିଟାରେ, ପିଣ୍ଡା ବୁଡା ଜଳରେ।



ବୁଡୁଥିବ, ଉଠୁଥିବ ବୁଢ଼ା ବରଗଛ ଡାଳଟିଏ
ଯାହାକୁ ଧରିଛେ, ଶିହରି ଉଠିଚେ
ଗୋପନରେ, ଗୋଧୂଳିରେ...
ଗ୍ରୀଷ୍ମର କୁହୁଡି, ନିଦକୁ ଚାଳରେ ଖୋସି
ନୂଆ କରି ଚୁମା ଖାଇଥିଲେ ଯେଉଁଠି,
ରଙ୍ଗୀନ ଅପରାହ୍ନରେ।
ଗର୍ଭ ଗୃହ ଯାଏଁ ଭଉଁରୀ, ଦିଅଁ ଓଦା ଖଟୁଲି
ନିଶ୍ଚିହ୍ନ ବେଢ଼ା, ଯେଉଁଠି ହସିଥିଲା ସିନ୍ଦୁର
ଲୁଚିଥିଲା ଟିକିଲି...
ପ୍ରତିଶ୍ରୁତି ପୂର୍ଣ୍ଣାହୁତି, ଯଜ୍ଞ କୁଣ୍ଡ ଜଳରେ
ଭାସଇ ଲୁହ, ରାଧା ପ୍ରେମ
ଲିଭେ ଆମ ପ୍ରେମର ଦିହୁଡ଼ି ପୁରୁଷେ ଜଳରେ।

*ଡିହସାହି, ଜଗତସିଂହପୁର*









ରିୟାନ୍ସ ପଣ୍ଡା
ଷ୍ଟାଣ୍ଡାର୍ଡ-୧
ରବୀନ୍ଦ୍ର ଭାରତୀ ଗ୍ଲୋବାର ସ୍କୁଲ
ବାଙ୍ଗାଲୋର





# କୋଭିଡ-୧୯ ସ୍ଥିତି ସମୀକ୍ଷା କଲେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର



**ଖୋର୍ଦ୍ଧା :** କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଅନିଲ କୁମାର ସାମଲ ଖୋର୍ଦ୍ଧା ଜିଲ୍ଲାରେ କୋଭିଡ-୧୯ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଅଧ୍ୟକ୍ଷତା କରି ଖୋର୍ଦ୍ଧା ଜିଲ୍ଲାରେ କୋଭିଡ-୧୯ ପାଇଁ ହେଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲାପାଳ ସିତାଂଶୁ କୁମାର ରାଉତ ଏବଂ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଓଡ଼ିଶା ବାହାର ରାଜ୍ୟରେ ଥିବା ଓଡ଼ିଶାର ଶ୍ରମିକ ଓ ଲୋକମାନେ ଖୋର୍ଦ୍ଧା ଜିଲ୍ଲାକୁ ଫେରିଲେ ସେମାନଙ୍କ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଗୁରୁତ୍ୱ ଦେଇଥିଲେ। ଖୋର୍ଦ୍ଧା ଜିଲ୍ଲାକୁ ଓଡ଼ିଶା ବାହାରୁ ଯେଉଁ ଲୋକମାନେ ଆସିବେ ସେମାନଙ୍କ ପାଇଁ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଟେମ୍ପୋରାରି ମେଡିକାଲ କ୍ୟାମ୍ପ ଓ କ୍ୱାରେଣ୍ଟାଇନ ସେଣ୍ଟରରେ ରହିବା ପାଇଁ ବ୍ୟବସ୍ଥା କରାଯାଉଛି। ଏଥିପାଇଁ ଦିଆଯାଉଥିବା ଅର୍ଥକୁ ଠିକ ଭାବରେ ବିନିଯୋଗ କରିବାକୁ ରାଜସ୍ୱ କମିଶନର କହିଥିଲେ। ଯେଉଁମାନେ ଓଡ଼ିଶା ବାହାରୁ ଜିଲ୍ଲାକୁ ଆସିବେ ସେମାନେ ପ୍ରଥମେ ୧୪ଦିନ କ୍ୱାରେଣ୍ଟାଇନରେ ରହିବେ। ସେମାନଙ୍କ ପାଇଁ ରହିବା, ଖାଇବା ବ୍ୟବସ୍ଥା ଏହି ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ କରାଯିବ। ସେଠାରେ ପାନୀୟଜଳ, ଶୌଚାଳୟ, ପଙ୍ଖା, ଆଲୋକ ବ୍ୟବସ୍ଥା, ପରିଚ୍ଛନ୍ନ କରିବାକୁ ରାଜସ୍ୱ କମିଶନର ଗୁରୁତ୍ୱ ଦେଇଥିଲେ। କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ପରିଦର୍ଶନ କରି ଆନୁସଙ୍ଗିକ ବ୍ୟବସ୍ଥା ସବୁ ଦେଖିବେ। ଯେଉଁ ଟେମ୍ପୋରାରି ମେଡିକାଲ କ୍ୟାମ୍ପ ଓ କ୍ୱାରେଣ୍ଟାଇନ ସେଣ୍ଟରରେ ଅଧିକ ଶୌଚାଳୟ ଆବଶ୍ୟକ ସେଠାରେ ତାର ବ୍ୟବସ୍ଥା କରିବାକୁ କହିଥିଲେ। ଜିଲ୍ଲାରେ ମହାତ୍ମାଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଅଧିକ ଶ୍ରମଦିବସ କରି ଶ୍ରମିକମାନଙ୍କୁ କାମ ଯୋଗାଇ ଦେବାକୁ ସେ କହିଥିଲେ। ଖୋର୍ଦ୍ଧା ଜିଲ୍ଲାପାଳ ସିତାଂଶୁ କୁମାର ରାଉତ ଜିଲ୍ଲାର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ଟିଏମ୍‌ସି ଓ କ୍ୱାରେଣ୍ଟାଇନ୍ ସେଣ୍ଟରରେ ପ୍ରାୟ ୨୦ ହଜାର ଲୋକଙ୍କ ନିମନ୍ତେ ୨ ହଜାର ଶୌଚାଳୟ ବ୍ୟବସ୍ଥା ଓ ପାନୀୟଜଳ ବ୍ୟବସ୍ଥା କରିବାକୁ ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳଙ୍କୁ କହିଥିଲେ। ଖୋର୍ଦ୍ଧା ଜିଲ୍ଲାରେ ଅନ୍ୟ ରାଜ୍ୟର ଯେଉଁ ଶ୍ରମିକମାନେ ଆସି ରହିଛନ୍ତି ସେମାନଙ୍କୁ ଖାଦ୍ୟ ଯୋଗାଇବା ଓ ରହିବା ପାଇଁ ବ୍ୟବସ୍ଥା କରାଯାଉଛି। ଅସହାୟ ଲୋକମାନଙ୍କୁ ମଧ୍ୟ ଖାଦ୍ୟ ଯୋଗାଇ ଦିଆଯାଉଛି। ପ୍ରତି ବ୍ଲକରେ ସ୍ୱାସ୍ଥ୍ୟ ଶିବିର ଓ ଗ୍ରାମମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଖୋର୍ଦ୍ଧା ବ୍ୟବସ୍ଥା କରିବେ ବୋଲି ଆଲୋଚନା ହୋଇଥିଲା। ଖୋର୍ଦ୍ଧା ଜିଲ୍ଲାରେ (ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନକୁ ଛାଡି) ୧୦୯୭ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। ଖୋର୍ଦ୍ଧା ଜିଲ୍ଲାରେ ଗ୍ରାମ ପଞ୍ଚାୟତ ଓ ମ୍ୟୁନିସିପାଲିଟି ଓ ଏନ୍.ଏ.ସିରେ ୨୧୦ଟି ଟେମ୍ପୋରାରି ମେଡିକାଲ କ୍ୟାମ୍ପ ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରୁ ଗ୍ରାମ ପଞ୍ଚାୟତରେ ମୋଟ ୨୦୧ଟି ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ବ୍ୟବସ୍ଥା କରାଯାଇଛି। ଏହା ବ୍ୟତୀତ ଭୁବନେଶ୍ୱର ବ୍ଲକରେ ୧୨ଟି ଜିଲ୍ଲାସ୍ତରୀୟ କ୍ୱାରେଣ୍ଟାଇନ ସେଣ୍ଟର ଓ ଜଟଣୀ ବ୍ଲକରେ ୫ଟି କ୍ୱାରେଣ୍ଟାଇନ ସେଣ୍ଟର କରାଯାଇଛି। ଅସହାୟ ଲୋକମାନଙ୍କ ପାଇଁ ୨ଟି ଡିଷ୍ଟ୍ରିବ୍ୟୁଟ୍ ହୋମରେ ରହିବା ବ୍ୟବସ୍ଥା କରାଯାଇଛି। ଖୋର୍ଦ୍ଧା ଜିଲ୍ଲାରେ ପଞ୍ଜୀକୃତ ହୋଇଥିବା ୭୭୮ଜଣ ଷ୍ଟ୍ରିଟ୍ ଭେଣ୍ଡରଙ୍କୁ ୩ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦିଆଯାଉଛି। ଏହା ବ୍ୟତୀତ ପଞ୍ଜୀକୃତ ନିର୍ମାଣ ଶ୍ରମିକମାନଙ୍କୁ ଏକ ହଜାର ପାଞ୍ଚଶହ ଟଙ୍କା ଆର୍ଥିକ ସହାୟତା ଦିଆଯାଉଛି। ଖୋର୍ଦ୍ଧା ଜିଲ୍ଲାକୁ ଓଡ଼ିଶା ବାହାର ରାଜ୍ୟରୁ ୧୧୯୧୨ ଜଣ ପ୍ରବାସୀ ଓଡ଼ିଶା ଲୋକ ଆସିବା ପାଇଁ ନାମ ପଞ୍ଜିକରଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୧୨୨୯୬ଜଣ ଶ୍ରମିକ ଥିବା ଜଣାପଡିଛି। କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଖୋର୍ଦ୍ଧାରେ ଥିବା କ୍ୱାରେଣ୍ଟାଇନ ସେଣ୍ଟର ବୁଲି ଦେଖିଛନ୍ତି। ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢ଼ୀ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ ବିଶ୍ୱରଞ୍ଜନ ପତି, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ନିର୍ବାହୀ ଅଧିକାରୀ ଖୋର୍ଦ୍ଧା ମ୍ୟୁନିସିପାଲଟି ଓ ଜଟଣୀ ମ୍ୟୁନିସିପାଲିଟି, ସହକାରୀ ଶ୍ରମ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

## ନୂତନ ତିନି ଜିଲ୍ଲାରେ କରୋନା ପଜିଟିଭ ପରେ ଚେତିଲା ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ

**ବାରିପଦା :** ବର୍ତ୍ତମାନ ମୟୂରଭଞ୍ଜ ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟ ଲକ୍ ଡ଼ାଉନ ଜାରି ରହିଛି। ଜିଲ୍ଲାରେ କରୋନା ପଜିଟିଭ ବାହାରି ନ ଥିବା କାରଣରୁ ଗ୍ରୀନ ଜୋନରେ ରହିଛି ଏବଂ ଲକ୍ ଡ଼ାଉନ ନିମନ୍ତେ ଜାରି କରାଯାଇଥିବା ମାଗଦର୍ଶୀକାରେ କୋହଳ କରାଯାଇଛି। କିନ୍ତୁ, ଲକ୍ ଡ଼ାଉନ ନିୟମାବଳୀ ବାହାରକୁ ଯାଇ ବାରିପଦା ସହରରେ କେତେକ ବ୍ୟବସାୟୀ ସେମାନଙ୍କର ବ୍ୟବସାୟ ଚଳାଇ ଆସୁଥିଲେ। ସେହିପରି ପରସ୍ପର ମଧ୍ୟରେ ସାମାଜିକ ଦୂରତାକୁ ମଧ୍ୟ ସରକାରୀ କର୍ମଚାରୀ ହୁଅନ୍ତୁ ଅଥବା ସାଧାରଣ ଜନତା ଉଭୟ ଅଣଦେଖା କରିଆସୁଥିଲା। ଯାହାକୁ ନେଇ ଗ୍ରୀନ ଜୋନରେ ରହିଥିବା ମୟୂରଭଞ୍ଜ ଜିଲ୍ଲା ପାଇଁ ରେଡ଼ ୱାର୍ଣ୍ଣିଂ ବୋଲି ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ତଥାପି ଜିଲ୍ଲା ପ୍ରଶାସନ ଚେଇଁ ଶୋଇଥିବା ବେଳେ ଆଜି ଦେବଗଡ଼, ଝାରସୁଗୁଡ଼ା ସହିତ ମୟୂରଭଞ୍ଜ ଜିଲ୍ଲାର ପଡ଼ୋଶୀ କେନ୍ଦୁଝର ଆଦି ତିନୋଟି ନୂତନ ଜିଲ୍ଲାଗୁଡ଼ିକରେ କରୋନା ପଜିଟିଭ ଚିହ୍ନଟ ହେବା ପରେ ଜିଲ୍ଲାପ୍ରଶାସନ ଚେତି ଉଠିଥିବାର ପରିଲକ୍ଷିତ ହୋଇଛି। ଜିଲ୍ଲାର ସଦର ମହକୁମା ବାରିପଦା ସହରରେ ପ୍ରଶାସନିକ ସ୍ତରରେ ଅରମ୍ଭ ହୋଇଥିଲା ଘନ ଘନ ବୈଠକ ଓ ଲକ୍ ଡ଼ାଉନ ନିୟମ ବାହାରକୁ ଯାଇ ବ୍ୟବସାୟର ପସରା ମେଲାଇଥିବା ବ୍ୟବସାୟୀମାନଙ୍କ ଦୋକାନ ବଜାରକୁ ସିଲ କରିବା ଆରମ୍ଭ କରିଛନ୍ତି। ଏହି ସମୟରେ ଗ୍ରଣ ଜୋନରେ ରହିଥିବା ବାରିପଦା ସହରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମା ବାହାରେ ଯେଉଁ ସମସ୍ତ ଅନାବଶ୍ୟକ ଦୋକାନ ବଜାରଗୁଡ଼ିକ ଖୋଲାଯାଇଥିଲେ ସେଗୁଡ଼ିକୁ ଆଜି ପୁଲିସ ପକ୍ଷରୁ ସିଲ କରାଯାଇଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ମିଥ ପି ପରମାରଙ୍କ ନେତୃତ୍ୱରେ ପୁଲିସ ଅଧିକାରୀମାନେ ଆଜି ସହରରେ ୮ରୁ ଅଧିକ ଦୋକାନକୁ ସିଲ କରିଥିବାର ଜଣାପଡ଼ିଛି। ସେହିପରି ବାରିପଦା ମାଛ ମାର୍କେଟରେ ସାମାଜିକ ଦୂରତାକୁ ଖୋଲାଖୋଲି ଅବମାନନା କରାଯାଉଥିବାର ଅଭିଯୋଗ ହେଉଥିଲା। ଫଳରେ ବାରିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପଜିଲ୍ଲାପାଳ ଦାୟିତ୍ୱରେ ଥିବା ବାରିପଦା ପିଏ ଆଇଟିଡ଼ିଏ ବସନ୍ତ କୁମାର ସେଠୀ ମାଛ ବ୍ୟବସାୟୀମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା ଏବଂ ଖବର ଲେଖାଯିବ ପର୍ଯ୍ୟନ୍ତ ବୈଠକ ଜାରି ରହିଥିବାର ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଲକଡାଉନ୍ ...

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରତି ସପ୍ତାହରେ ସଂକ୍ରମଣକୁ ହିସାବ କରାଯାଇ ରେଡ୍, ଅରେଞ୍ଜ ଓ ଗ୍ରୀନ୍ ଜୋନ୍ ଘୋଷଣା କରାଯିବ। ତେବେ ରାଜ୍ୟ ସରକାରଗୁଡିକ ସଂକ୍ରମଣ ସ୍ଥିତିକୁ ଦେଖି ଅନ୍ୟ ଜିଲ୍ଲାକୁ ରେଡ୍ ଜୋନ୍ ବା ଅରେଞ୍ଜ ଜୋନ୍‌ରେ ସାମିଲ କରିପାରିବେ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଏହି ମାର୍ଗଦର୍ଶିକା ଅନୁଯାୟୀ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ କଣ୍ଟେନ୍‌ମେଣ୍ଟ ଜୋନ୍ ନିର୍ଦ୍ଧାରଣ କରିବେ। ଏହି କଣ୍ଟେନମେଣ୍ଟ ଅଞ୍ଚଳରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କଡା ସତର୍କତା ଅବଲମ୍ବନ କରାଯିବ। ସେହି ଅଞ୍ଚଳର ବାସିନ୍ଦା ଯେପରି ଶତ ପ୍ରତିଶତ ଆରୋଗ୍ୟ ସେତୁ ଆପ୍ ଡାଉନ୍‌ଲୋଡ଼ କରି ଏହା ପରିସରଭୁକ୍ତ ହେବେ ତାହା ସୁନିଶ୍ଚିତ କରିବାକୁ ହେବ। ଉପରୋକ୍ତ ଜୋନ୍ ବ୍ୟତୀତ ସାରା ଦେଶରେ ଅନେକଗୁଡିଏ କାର୍ଯ୍ୟକ୍ରମ ବନ୍ଦ ରହିବ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବିମାନ ଓ ଟ୍ରେନ ଚଳାଚଳ ୧୭ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। ରେଳବାଇ ପକ୍ଷରୁ ଶନିବାର ଘୋଷଣା କରାଯାଇଛି ଲକ୍‌ଡାଉନ୍ ଶେଷ ପର୍ଯ୍ୟନ୍ତ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରିବ ନାହିଁ। ତେବେ ବିଭିନ୍ନ ସ୍ଥାନରେ ଅଟକି ରହିଥିବା ଦାଦନ ଶ୍ରମିକଙ୍କ ପାଇଁ, ସ୍ୱତନ୍ତ୍ର ଶ୍ରମିକ ଟ୍ରେନ୍ ଚାଲିବ। ଏଥିରେ ଅଟକି ରହିଥିବା ପର୍ଯ୍ୟଟକ ଓ ଛାତ୍ରମାନେ ମଧ୍ୟ ଯାତ୍ରା କରିପାରିବେ। ସେହିପରି ଦେଶଭିତରେ ଚଳାଚଳ ପାଇଁ ଉଦ୍ଦିଷ୍ଟ ବିମାନ ଓ ଅନ୍ତର୍ଜାତୀୟ ବିମାନ ଚଳାଚଳ ପୂର୍ବପରି ବନ୍ଦ ରହିବ ବୋଲି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ କୁହାଯାଇଛି। ଲକ୍‌ଡାଉନ୍ ଶେଷପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନଗୁଡିକ ମଧ୍ୟ ବନ୍ଦ ରଖାଯିବ। କିନ୍ତୁ ଅନ୍‌ଲାଇନ୍ ଏବଂ ଦୂରଶିକ୍ଷା ପାଇଁ ଅନୁମତି ମିଳିବ। ତେବେ ପୂର୍ବପରି ସିନେମାହଲ୍, ସପିଂ ମଲ୍, ଜିମ୍, ଥିଏଟର, ବାର୍, ପ୍ରେକ୍ଷାଳୟଗୁଡିକ ବନ୍ଦ ରହିବ। ସାମାଜିକ, ରାଜନୈତିକ ଓ ଧର୍ମୀୟ ସମାବେଶ କରାଯାଇପାରିବ ନାହିଁ। ଲକ୍‌ଡାଉନ୍‌ର ବର୍ଦ୍ଧିତ ମିଆଦ ଶେଷ ହେବା ପର୍ଯ୍ୟନ୍ତ ଧର୍ମପୀଠ ଓ ପୂଜାସ୍ଥଳିଗୁଡିକ ବନ୍ଦ ରହିବ। ରେଡ୍ ଜୋନ୍‌ରେ ଟ୍ୟାକ୍ସି ଓ କ୍ୟାବ୍, ସାଇକେଲ ରିକ୍ସା, ଅଟୋ ରିକ୍ସା, ସେଲୁନ୍ ଓ ବାରିକ ଦୋକାନ, ସ୍ପା ବନ୍ଦ ରହିବ। କିନ୍ତୁ ଗ୍ରୀନ ଓ ଅରେଞ୍ଜ ଜୋନ୍‌ରେ ସେଲୁନ୍ ଖୋଲା ରହିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏକ ସ୍ପଷ୍ଟୀକରଣରେ କୁହାଯାଇଛି। ଏହି ଦୁଇଟି ଜୋନ୍‌ରେ ଇ-କମର୍ସ ପ୍ଲାଟଫର୍ମ ଦ୍ୱାରା ଅଣ ଅତ୍ୟାବଶ୍ୟକୀୟ ସାମଗ୍ରୀ ବିକ୍ରୟ ଉପରେ କୌଣସି ପ୍ରତିବନ୍ଧକ ରହିବ ନାହିଁ।

### ଅନ୍‌ଲାଇନ ...

ନୂତନ ଫୋନ୍ କିମ୍ବା କମ୍ପ୍ୟୁଟର କିଣିରୁ ନାହାନ୍ତି। ଏହାବ୍ୟତୀତ ମୁଖ୍ୟ ସମସ୍ୟା ହେଉଛି ବିଦ୍ୟାଳୟ ପକ୍ଷରୁ ବାରମ୍ବାର ଆପ୍ସ ପରିବର୍ତ୍ତନ ପାଇଁ କୁହାଯାଉଛି। କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଶିକ୍ଷାଦାନ ଲାଗି ପ୍ରଥମେ ଜୁମ୍ ଆପ୍ସ ଡାଉନ୍‌ଲୋଡ ପାଇଁ କୁହାଯାଇଥିଲା। ମାତ୍ର ୨/୪ଦିନ ବ୍ୟବହାର ପରେ ସ୍କୁଲ ପକ୍ଷରୁ ଏହାକୁ ବଦଳାଇ ସ୍କାଇ-ପି ଆପ୍ସ ଡାଉନ୍‌ଲୋଡ କରିବାକୁ କୁହାଯାଇଥିଲା। ତେବେ ଉପରଶ୍ରେଣୀର ପିଲାମାନେ ନିଜେ ଏହା କରିଦେଉଥିବା ବେଳେ ଉଚ୍ଚପ୍ରାଥମିକ ସ୍ତରର ଛାତ୍ରଛାତ୍ରୀମାନେ ନିଜେ ଏହା କରିରୁ ନାହାନ୍ତି। ଯେଉଁମାନଙ୍କର ପୁରୁଣା ଫୋନ୍ ରହିଛି ସେମାନଙ୍କ ପକ୍ଷରେ ବଡ ସମସ୍ୟା ସୃଷ୍ଟି ହେଉଛି। ଅଧିକାଂଶ ଘରୋଇ ବିଦ୍ୟାଳୟରେ ବି ସମାନ ଅବସ୍ଥା। ତେଣେ ବହୁ ସ୍ଥାନରେ ଇଣ୍ଟରନେଟ୍‌ର ବେଗ ଏବେ ଧିମା ରହୁଛି। ତେଣୁ ପାଠ ପଢ଼ାଇବାପାଇଁ ନିର୍ଦ୍ଦିଷ୍ଟ ସୁରକ୍ଷିତ ଆପ୍ସ ସହିତ ଛୋଟ ପିଲାମାନେ କିଭଳି କମ୍ ମୋବାଇଲ୍ ବ୍ୟବହାର କରିବେ ତାହା ଉପରେ ଗୁରୁତ୍ୱ ପାଇଁ ଅଭିଭାବକମାନେ ମତ ଦେଉଛନ୍ତି। ସେହିରି ସରକାରୀ ଏବଂ ସରକାରୀ ସ୍ୱୀକୃତିପ୍ରାପ୍ତ ସ୍କୁଲର ପିଲାମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସରକାରୀ ସ୍କୁଲ ଲାଗି ଅଭିଭାବକମାନେ ଓସେପାର ଲିଙ୍କ୍ ମାଧ୍ୟମରେ ପଢ଼ିବାର ସୁବିଧା ପାଉଥିବା ବେଳେ ଯେଉଁ ପିଲାମାନେ ଆର୍ଥିକ ଦୁର୍ବଳ ଶ୍ରେଣୀର ସେମାନେ ବର୍ତ୍ତମାନ ପଢ଼ିବାରୁ ବଞ୍ଚିତ ହେଉଛନ୍ତି। ସେହିରି ସ୍ୱୀକୃତିପ୍ରାପ୍ତ ସ୍କୁଲଗୁଡ଼ିକ କୌଣସି ଆପ୍ସ ବ୍ୟବହାର ନକରି ଗ୍ରୁପ ପ୍ରସ୍ତୁତ କରି ଶିକ୍ଷାଦାନ ପ୍ରଦାନ କରୁଛନ୍ତି। ମାତ୍ର ଅନ୍‌ଲାଇନ୍ ବ୍ୟବସ୍ଥା ନଥିବାରୁ ପିଲାମାନେ ସୋମାନଙ୍କର ଅସୁବିଧା ସମ୍ପର୍କରେ ଶିକ୍ଷକଙ୍କ ପରାମର୍ଶ ନେବାରୁ ବଞ୍ଚିତ ହେଉଛନ୍ତି।

### ସଂକ୍ରମଣ ...

ଯଦି ସେମାନେ କ୍ୱାରେଣ୍ଟାଇନ ନିୟମ ମାନି ନଥାନ୍ତେ, ଆଜିର ଭଳି ପରିସ୍ଥିତି ଦେଖାଯାଇ ନଥାନ୍ତା। ସ୍ୱାସ୍ଥ୍ୟ ସଚିବ ନିକୁଞ୍ଜ ଧଳ ଆହୁରି କହିଛନ୍ତି ଯେ, ରାଜ୍ୟରେ ପ୍ରଥମ କରୋନା ପଜିଟିଭ ମାର୍ଚ୍ଚ ୧୫ରେ ଚିହ୍ନଟ ହୋଇଥିଲା। ଗତକାଲି ସୁଦ୍ଧା ଏହା ୧୫୪ରେ ଥିଲା। କିନ୍ତୁ ଆଜି ୪ଟା ସୁଦ୍ଧା ୧୫୬ଜଣ ଚିହ୍ନଟ ହୋଇଛନ୍ତି। ପରେ ପୁଣି ଜଣେ ପଜିଟିଭ ଚିହ୍ନଟ ହେବା ପରେ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୫୭ରେ ପହଞ୍ଚିଛି। ସରକାର ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାକୁ ରେଡ ଜୋନ ଚିହ୍ନଟ କରିଛନ୍ତି। ଆମେ ଏହିସବୁ ଜିଲ୍ଲାରେ କଣ୍ଟେନମେଣ୍ଟ ଜୋନ୍ ଚିହ୍ନଟ କରିଛୁ। ସ୍ୱାସ୍ଥ୍ୟ ସଚିବ କହିଛନ୍ତି ଯେ, ପୂର୍ବରୁ ମୁଁ କହିଥିଲି ଭୁବନେଶ୍ୱର ସୁରକ୍ଷିତ ଅଛି। ଏବେ ଦେଖନ୍ତୁ ଭୁବନେଶ୍ୱରରେ ୧୫ଦିନ ମଧ୍ୟରେ ମାତ୍ର ଜଣେ ପଜିଟିଭ ଚିହ୍ନଟ ହୋଇଛନ୍ତି। ତେଣୁ ଆମେ ଯେଉଁଠି ପଜିଟିଭ ପାଉଛୁ ସେଠାରେ ଆମେ କଣ୍ଟେନମେଣ୍ଟ ଜୋନ୍ କରୁଛୁ। ଯେଉଁଠି ପଜିଟିଭ ବ୍ୟକ୍ତି ଚିହ୍ନଟ ହେଉଛନ୍ତି, ସେମାନଙ୍କ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କ ଠାରୁ ନମୁନା ସଂଗ୍ରହ କରାଯାଉଛି। ଏଥିସହିତ ଆମେ ପୁରା ରାଜ୍ୟରେ ପାସିଭ ସର୍ଭେଲାନ୍ସ ମଧ୍ୟ କରୁଛୁ। ଅଧିକାଂଶ ଜିଲ୍ଲାରେ ଅଙ୍ଗନବାଡି ଆଶା କର୍ମୀମାନେ ଘର ଘର ବୁଲି ଜ୍ୱର, ଛିଙ୍କ ଆଦି ଲକ୍ଷଣ ଥିବା ଲୋକଙ୍କ ତଥ୍ୟ ହାସଲ କରୁଛନ୍ତି। କିନ୍ତୁ ଏସବୁ ବ୍ୟବସ୍ଥା ସତ୍ତ୍ୱେ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କ୍ୱାରେଣ୍ଟାଇନ କେମିତି କରାଯିବ ମୁଖ୍ୟ ଶାସନ ସଚିବ ପୂର୍ବରୁ ସୂଚନା ଦେଇଛନ୍ତି। ତେଣୁ କ୍ୱାରେଣ୍ଟାଇନ ନିୟମ ମାନି ଓ ସାମାଜିକ ଦୂରତା ପାଳନ କଲେ ଏହାର ମୁକାବିଲା କରିହେବ। ସବୁବେଳେ ମାସ୍କ ବ୍ୟବହାର କରିବା, ନିଜର କପଡା, ବେଡସିଟ୍, ପ୍ଲେଟ, ଗ୍ଲାସ, ଚା' କପ ଅନ୍ୟ ସହ ସେୟାର କରିବା ନାହିଁ, ଏହାଦ୍ୱାରା ମଧ୍ୟ ସଂକ୍ରମଣ ରୋକାଯାଇପାରିବ।

### କ୍ୱାରେଣ୍ଟାଇନ୍‌ରେ ...

କ୍ୱାରେଣ୍ଟାଇନ କେନ୍ଦ୍ରରେ ରହୁଥିବା ସମୟରେ ରାତି ସମୟରେ ନିଜ ନିଜ ଘରକୁ ପଳେଇ ଆସି ଶୋଉଛନ୍ତି। ଏହାକୁ ରୋକିବା ପାଇଁ କ୍ୱାରେଣ୍ଟାଇନ କେନ୍ଦ୍ରଗୁଡିକରେ ପୋଲିସ ମୃତୟନ କରାଯିବାକୁ ଶ୍ରୀ ନାୟକ କହିଛନ୍ତି। ଏଥି ସହ କ୍ୱାରେଣ୍ଟାଇନ କେନ୍ଦ୍ରଗୁଡିକରେ ଅନ୍ତେବାସିଙ୍କ ସୁବିଧା ପାଇଁ ଆବଶ୍ୟକୀୟ ସଂଖ୍ୟାରେ ଶୌଚାଳୟ, ପାନୀୟ ଜଳ ସମେତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାର ନିହାତି ଆବଶ୍ୟକ ରହିଛି ବୋଲି ଦର୍ଶାଇଥିବା ସହ ଯଥାଶୀଘ୍ର ଏ ସଂପର୍କରେ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ନାଏକ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି କରିଛନ୍ତି। ସେହିପରି ରାଜ୍ୟ ବାହାରେ ଥିବା ଶ୍ରମିକ ଓ ଛାତ୍ରଛାତ୍ରୀଙ୍କ ନିଜ ନିଜ ଘରକୁ ପ୍ରତ୍ୟାବର୍ତ୍ତନ ପାଇଁ ରାଜ୍ୟ ସରକାର ଗାଇଡ୍‌ଲାଇନ୍ ଜାରୀ କରିଛନ୍ତି। ମାତ୍ର ରାଜ୍ୟ ଭିତରେ ବିଭିନ୍ନ ଜିଲ୍ଲାରେ କାର୍ଯ୍ୟରତ ଶ୍ରମିକମାନଙ୍କ ନିଜ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଏହି ଶ୍ରମିକମାନଙ୍କ ନାମ ପଞ୍ଜିକରଣ ହେଉନଥିବା କାରଣରୁ କରୋନା ଭୂତାଣୁ ସଂକ୍ରମଣର ଭୟାଭୟତା ରହିଛି। ସ୍ଥାନୀୟ ବିଡିଓମାନେ ଏଥି ପାଇଁ ଇଚ୍ଛାପ୍ରକାଶ କରୁନଥିବା କାରଣରୁ ସେମାନଙ୍କୁ କ୍ୱାରାଂଟାଇନ କେନ୍ଦ୍ରରେ ରଖିବାରେ ଅସୁବିଧା ହେଉଛି। ଆନ୍ତଃ ଜିଲ୍ଲା ଶ୍ରମିକମାନଙ୍କ ଯାତାୟତ ଓ ଗମନାଗମନର ସୁବିଧା ସହ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରୀ କରି ସେମାନଙ୍କୁ ମଧ୍ୟ କ୍ୱାରାଂଟାଇନ କେନ୍ଦ୍ରରେ ରଖିବାର ସୁବ୍ୟବସ୍ଥା କରିବାକୁ ଶ୍ରୀ ନାଏକ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଦାବୀ ଜଣାଇଛନ୍ତି।

### ଉଜ୍ଜ୍ୱଳା ଯୋଜନାକୁ ...

ସଂସ୍ଥାର ରିପୋର୍ଟ ଅନୁଯାୟୀ, ଗ୍ୟାସ ଚୁଲାରେ ରୋଷେଇ କରିବା ଦ୍ୱାରା ଦେଶର ଗରିବ ମହିଳାମାନେ ପାରମ୍ପରିକ ଜାଳେଣି ଚୁଲିରେ ରୋଷେଇ କରିବାରୁ ମୁକ୍ତି ପାଇଛନ୍ତି। ଧୂଆଁମୁକ୍ତ, ସୁସ୍ଥ ପରିବେଶ ମଧ୍ୟରେ ରୋଷେଇ କରିବା ଫଳରେ ସେମାନଙ୍କ ସ୍ୱାସ୍ଥ୍ୟରେ ଉଲ୍ଲେଖନୀୟ ସୁଧାର ଆସିପାରିଛି। ପ୍ରଧାନମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱ ଓ ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସକ୍ରିୟ ତତ୍ୱାବଧାନରେ ଏହି ଯୋଜନା ଦେଶବ୍ୟାପୀ ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ ହୋଇପାରିଛି। ଖାଲି କାଗଜପତ୍ରରେ ନୁହେଁ ତୃଣମୂଳ ସ୍ତରରେ ଉଜ୍ଜ୍ୱଳା ଯୋଜନାର ସଫଳତା ଅନ୍ୟ ରାଷ୍ଟ୍ରଗୁଡ଼ିକ ପାଇଁ ପ୍ରେରଣା ସାଜିଛି। ସମ୍ପ୍ରତି କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ଲାଗି ସାରା ଦେଶରେ ଲକଡାଉନ ଜାରି କରାଯାଇଛି। ଏଥିଯୋଗୁ ଦେଶର ଗରିବମାନଙ୍କର ଜୀବନଜୀବିକା ପ୍ରଭାବିତ ହୋଇଛି। ଏଭଳି ସ୍ଥିତିରେ ସେମାନଙ୍କୁ ସହାୟତା ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀଙ୍କ ନିଷ୍ପତି କ୍ରମେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅନ୍ତର୍ଗତ ୧.୭୦ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରାଯାଇଛି। ଏହି ପ୍ୟାକେଜରେ ଦେଶର ୮ କୋଟି ଉଜ୍ଜ୍ୱଳା ଯୋଜନା ହିତାଧିକାରୀଙ୍କ ପାଇଁ ମାଗଣାରେ ତିନି ମାସ ପାଇଁ ଗ୍ୟାସ ରିଫିଲ ଦିଆଯିବାକୁ ଘୋଷଣା କରାଯାଇଛି। ଇତିମଧ୍ୟରେ ଅଧିକାଂଶ ହିତାଧିକାରୀଙ୍କୁ ପ୍ରଥମ ମାସ (ଏପ୍ରିଲ) ପାଇଁ ଗ୍ୟାସ ସିଲିଣ୍ଡର ରିଫିଲ ଯୋଗାଇ ଦିଆଯାଇସାରିଛି। ଲକଡାଉନ ସତ୍ତ୍ୱେ ତୈଳ ବିପଣନ କମ୍ପାନୀର ଅଧିକାରୀ, କର୍ମଚାରୀ, ଗ୍ୟାସ ବିତରକ, ବିତରଣ କର୍ମଚାରୀମାନେ ନିରନ୍ତର ଭାବେ ସମସ୍ତ ଉପଭୋକ୍ତାଙ୍କ ସମେତ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀଙ୍କୁ ସେବା ଯୋଗାଣ ଜାରି ରଖିଛନ୍ତି।

## ଦୁର୍ଦ୍ଦିନରେ ବାଉଁଶ କାରିଗର

# କରୋନା ଛଡାଇ ନେଇଛି ରୋଜଗାର



**ସୋନପୁର :** କରୋନା ଉଜାଡି ଦେଇଛି ଅନେକଙ୍କ ଜୀବନ ଜୀବିକା। ଛଡାଇ ନେଇଛି ଜୀବିକା। ଲକଡାଉନ ଯୋଗୁଁ ବଡ ବିପଦର ମୁକାବିଲା କରାଯାଇପାରିଛି ସତ ହେଲେ ବିଭିନ୍ନ କୌଳିକ ବୃତିକରି ଦୈନିକ ରୋଜଗାରରେ ଗୁଜୁରାଣ ମେଣ୍ଟାଉଥିବା ଶହ ଶହ ପରିବାର ଉପରେ ଦୁଃଖ ଭାରି ପଡିଛି ।ଲକ ଡାଉନ ଯୋଗୁଁ ସୋନପୁର ଅଂଚଳର ବହୁ ବାଇଁଶ କାରିଗରଙ୍କ ଦୁର୍ଦ୍ଦଶା ବଢିବାରେ ଲାଗିଛି । ଏହି ଜିଲ୍ଲା ର ବିଭିନ୍ନ ବ୍ଲକର ଅଂଚଳରେ ଶହ ଶହ ପରିବାର ବାଉଁଶରେ ବିଭିନ୍ନ ଗୃହଉପକରଣ ସାମଗ୍ରୀ ତିଆରିକରି ଜିବୀକା ନିର୍ବାହ କରିଆସୁଛନ୍ତି ।ଆଧୁନିକତାର ସ୍ପର୍ଶରେ ବାଉଁଶତିଆରି ସାମଗ୍ରୀର ଚାହିଦା କମିଥିଲେ ମଧ୍ୟ ବିବାହ,ବ୍ରତ ଗୃହ ପ୍ରବେଶ ଇତ୍ୟାଦି ସହ ଅନ୍ୟାନ୍ୟ ସାମାଜିକ ଉତ୍ସବରେ ବାଉଂଶ ତିଆରି ସାମଗ୍ରୀର ଢେର ଚାହିଦା ରହିଛି ।ସେହିପରି ବାଉଁଶରେ ତିଆରି କୁଲା,ଟୋକେଇ ,ଝୁଡି,ଖାଳି ଭଳି ବିଭିନ୍ନ ଘରକରଣା ସାମଗ୍ରୀର ବିକଳ୍ପ ନାହିଁ । ଲକ ଡାଉନ ଯୋଗୁଁ ଚୈତ୍ରମାସର ପାଟପର୍ବ ବନ୍ଦ ହେବା ସହ ବିବାହ ବ୍ରତ ମଧ୍ୟ ହୋଇପାରୁନାହିଁ । ବର୍ଷସାରା ବାଉଁଶ ଝୁଡି ତିଆରିକରି ଅନେକ ପରିବାର ଏହାକୁ ପାନ ବ୍ୟବସାୟିଙ୍କୁ ଯୋଗାଇଥାନ୍ତି । ଏବେ ପାନ ରପ୍ତାନି ବନ୍ଦଥିବାରୁ ଏହି ଝୁଡି ମଧ୍ୟ ତିଆରି ହେଉ ନାହିଁ ।ପୂର୍ବରୁ ତିଆରି ହୋଇଥିବା ସାମଗ୍ରୀ ସବୁ ଏବେ ଘରେ ଗଦା ହୋଇପଡିରହିଛି । ସମାନ ଅବସ୍ଥା ଏଅଂଚଳର କୁମ୍ଭକାର ପରିବାରର ।ସେହିରି ଗତ ଏକ ମାସ ଧରି ହନ୍ତସନ୍ତ ହେଉଛନ୍ତି ଏ ଅଂଚଳର ଜାନ ବହାନ ଚଳାଇଲେ ସେମାନେ ବ୍ୟବସାୟ କରିବା ସହ ସେମାନଙ୍କର ଦୈନନ୍ଦିନ ଗୁଜୁରାଣ ମେଣ୍ଟୁଥିଲା ।କିନ୍ତୁ ଲକଡାଉନ ଯୋଗୁଁ ଅଟୋ ଚଳାଚଳ ଉପରେ କଟକଣା ଲାଗିଛି । ଜୀବନ ମରଣର ଦୋଛକିରେ ଗୋଟିଏ ପଟରେ ମୃତ୍ୟୁର ଭୟ ତଥା ଅନ୍ୟପଟେ ପେଟ ଚିନ୍ତା ଏବଂ ପିଲାଛୁଆଙ୍କ ଶୁଖିଲା ମୁହଁ ଏମାନଙ୍କୁ ଅଥୟ କରୁଛି ।ସରକାର ଗରିବ ଅସହାୟ କଳାକାର ଓନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ଦେଉଥିବା ବେଳେ ଏହିଭଳି ବ୍ୟକ୍ତି ମାନଙ୍କୁ ସହୟତା ଯୋଗଇବା ପାଇଁ ଦାବି ହୋଇଛି।

# ଲୋକଙ୍କ ପସନ୍ଦ ଜନୌଷଧି ସୁଗମ ମୋବାଇଲ ଆପ୍

**ସୋନପୁର :** କରୋନା ମହାମାରୀ ପରିପ୍ରେକ୍ଷୀରେ ଦେଶବ୍ୟାପୀ ଜାରି କରାଯାଇଥିବା ଲକଡାଉନ ସମୟରେ ଜନୌଷଧି ସୁଗମ ମୋବାଇଲ ଆପ ଲୋକଙ୍କୁ ବିଶେଷ ସହାୟକ କରୁଛି। ନିଜ ଘରପାଖରେ ପ୍ରଧାନମନ୍ତ୍ରୀ ଜନୌଷଧି କେନ୍ଦ୍ର କେଉଁଠି ଅଛି ତାହା ଠାବ କରିବାରେ ଏହି ଆପ ସହାୟକ ହେଉଛି। ଏସବୁ ଜନୌଷଧି କେନ୍ଦ୍ରରୁ ଲୋକଙ୍କୁ ସୁଲଭ ମୂଲ୍ୟରେ ଔଷଧ ଯୋଗାଇ ଦିଆଯାଉଛି। ଏବେ ସୋନପୁର ଜିଲ୍ଲା ସହ ବିଭିନ୍ନ ଜିଲ୍ଲା ରେ ମିଶାଇ ୩,୨୫,୦୦୦ରୁ ଅଧିକ ଲୋକଏହି ଜନୌଷଧି ସୁଗମ ମୋବାଇଲ ଆପ ବ୍ୟବହାର କରୁଛନ୍ତି ଓ ଏହା ସେମାନଙ୍କ ଆବଶ୍ୟକତା ପୂରଣ କରୁଛି। ଜୀବନକୁ ସହଜ ଓ ସୁଗମ କରିବାକୁ ସରକାର ନୂଆ ଟେକ୍ନୋଲୋଜିର ବ୍ୟବହାର ଏବଂ ପ୍ରସାର ଉପରେ ଗୁରୁତ୍ ଦେଉଛନ୍ତି। ତଦନୁସାରେ ଏହି ନୂଆ ମୋବାଇଲ ଆପ ଜନୌଷଧି ଉପଭୋକ୍ତାଙ୍କ ପାଇଁ ବିକଶିତ କରାଯାଇଛି। ପ୍ରଧାନମନ୍ତ୍ରୀ ଭାରତୀୟ ଜନୌଷଧି ପରି ଯୋଜନା ରେ ବ୍ୟୁରୋ ଅଫ ଫାର୍ମା ପିଏସୟୁ ଏହାକୁ ତିଆରି କରିଛି। ଏହି ସଂସ୍ଥା ଭାରତ ସରକାରଙ୍କ ରସାୟନ ଓ ସାର ମନ୍ତ୍ରଣାଳୟ ଅଧୀନରେ କାମ କରୁଛି। ଏହି ମୋବାଇଲ ଆପରେ ଉପଭୋକ୍ତାଙ୍କ ପାଇଁ ବିଭିନ୍ନ ପ୍ରକାର ତଥ୍ୟ ପାଇବାର ବ୍ୟବସ୍ଥା କରିଛି। କେଉଁ ସ୍ଥାନରେ ଜନୌଷଧି କେନ୍ଦ୍ର ରହିଛି, ସେଠି ପହଂଚିବାକୁ କେଉଁ ରାସ୍ତାରେ ଯିବାକୁ ହେବ ତାହା ଜାଣିବା ପାଇଁ ଗୁଗୁଲ ମ୍ୟାପ୍ ଦ୍ୱାରା ସୂଚିତ କରାଯାଉଛି। ଜନୌଷଧି କେନ୍ଦ୍ରରେ କେଉଁ କେଉଁ ଜେନେରିକ ଔଷଧ ମିଳୁଛି ତାହାର ତାଲିକା, ବ୍ରାଣ୍ଡେଡ ଔଷଧ ଓ ଜେନେରିକ ଔଷଧ ମଧ୍ୟରେ ତୁଳନାତ୍ମକ ତଥ୍ୟ ଏବଂ ମୂଲ୍ୟ ଆଦି ଏହି ମୋବାଇଲ ଆପରେ ଉପଲବ୍ଧ। ଉଭୟ ଆଣ୍ଡ୍ରଏଡ ଓ ଆଇ - ଫୋନ ପ୍ଲାଟଫର୍ମରେ ଜନୌଷଧି ସୁଗମ ମୋବାଇଲ ଆପ ଉପଲବ୍ଧ। ଏହାଛଡା ପ୍ଲେଷ୍ଟୋର ଓ ଆପଲ ଷ୍ଟୋରରୁ ମଧ୍ୟ ଏହାକୁ ବିନା ମୂଲ୍ୟରେ ଡାଉନଲୋଡ କରିହେବ।

## ପ୍ରବାସୀ ଶ୍ରମିକମାନଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ସ୍ୱତନ୍ତ୍ର ରେଳସେବା ଆରମ୍ଭ

# ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ରାଜ୍ୟ ସଭାପତି

**ଭୁବନେଶ୍ୱର :** ବୈଶ୍ୱିକ ମହାମାରୀ କରୋନାଜନିତ ଲକ୍‌ଡାଉନ୍ କାରଣରୁ ବହୁ ସଂଖ୍ୟାରେ ଶ୍ରମିକ, ଛାତ୍ରମାନେ ବିଭିନ୍ନ ରାଜ୍ୟରେ ଫସି ରହିଛନ୍ତି । ନିଜ ନିଜ ଘରକୁ ଫେରିବା ପାଇଁ ପ୍ରସ୍ତୁତଥିବା ଏହି ଶ୍ରମିକମାନେ ଯାନବାହନ ଚାଲୁନଥିବା କାରଣରୁ ଫେରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତମାନ ରାଜ୍ୟ ସରକାରମାନଙ୍କ ଅନୁରୋଧକୁ ସ୍ୱୀକାର କରି କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ରେଳ ବିଭାଗ ବିଶେଷ ଟ୍ରେନ ଚଳାଚଳ ଆରମ୍ଭ କରିଛି । ପାଇଲଟ୍ ପ୍ରୋଜେକ୍ଟ ଭାବେ ତେଲେଙ୍ଗାନାରୁ ଝାଡଖଣ୍ଡକୁ ଏବଂ ଅନ୍ୟ ଏକ ଟ୍ରେନ ଗୁଜୁରାଟରୁ ବିଶେଷ ଟ୍ରେନ ପ୍ରବାସୀ ଶ୍ରମିକମାନଙ୍କୁ ନେଇ ଯାତ୍ରା ଆରମ୍ଭ କରିଛି । ପ୍ରବାସୀ ଶ୍ରମିକମାନଙ୍କ ସମସ୍ୟାକୁ ଉପଲବ୍ଧ କରି କେନ୍ଦ୍ର ସରକାର ରେଳବାଇକୁ ସର୍ବଭାରତୀୟ ସ୍ତରରେ ପଏଂଟ-ଟୁ-ପଏଂଟ ଟ୍ରେନ ନନ୍ ଷ୍ଟପ୍ ଚଳାଇବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ପଟେ କରୋନାଜନିତ ଲକ୍ ଡାଉନ୍ କାରଣରୁ ଦେଶର ବହୁ ଶିକ୍ଷାନୁଷ୍ଠାନ ବନ୍ଦ ହୋଇ ପଡିଛି। ଏହାର ପ୍ରଭାବରେ ରାଜ୍ୟର ଲକ୍ଷାଧିକ ଶ୍ରମିକ ଭାରତବର୍ଷର ବିଭିନ୍ନ ସ୍ଥାନରେ ବନ୍ଦୀ ଜୀବନଯାପନ ଅତିବାହିତ କରୁଥିବା ଦ୍ୱାରା ନିଜ ଭିଟାମାଟିକୁ ଫେରି ଆସିବା ପାଇଁ ବ୍ୟାକୁଳ ହେଉଛନ୍ତି। ଏହି ବ୍ୟାକୁଳତାକୁ ଅନୁଭବ କରି ଉଭୟ ରାଜ୍ୟ ସରକାରଙ୍କ ସମ୍ମତିକ୍ରମେ ଶ୍ରମିକମାନଙ୍କୁ ଫେରାଇ ଆଣିବାର ବ୍ୟବସ୍ଥା କରାଯାଉଛି । ସମସ୍ତ ଲକ୍‌ଡାଉନ୍ ନୀତି ନିୟମକୁ ପାଳନ ମାଧ୍ୟମରେ ଏହି ପଥକୁ ସୁଗମ କରିବା ପାଇଁ ୨ ଜଣ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଶ୍ରୀ ପ୍ରତାପ ଷଡଙ୍ଗୀଙ୍କ ସହଯୋଗକ୍ରମେ ଓଡିଶା ମୁଖ୍ୟମନ୍ତ୍ରୀ ଅନ୍ୟାନ୍ୟ ରାଜ୍ୟସରକାରଙ୍କ ସହ ଆଲୋଚନା କରିଥିଲେ । ଫଳସ୍ୱରୁପ ଆଜି ପ୍ରଥମ ଚରଣରେ କେରଳରେ ଫସି ରହିଥିବା ଓଡିଆ ଶ୍ରମିକମାନେ ଟ୍ରେନ ଯୋଗେ ନିଜ ନିଜ ଘରକୁ ପ୍ରତ୍ୟାବର୍ତନ କରୁଛନ୍ତି ଏବଂ ଆଗାମୀ ଦିନରେ ଅନ୍ୟ ପ୍ରବାସୀ ଓଡିଆମାନେ ମଧ୍ୟ ଏହି ସୁବିଧା ପାଇବା ସହ ସୁବିଧାରେ ନିଜ ନିଜ ଘରକୁ ପ୍ରତ୍ୟାବର୍ତନ କରିପାରିବେ । ଆଜି ଭଳି ଶ୍ରମିକ ଦିବସ ଅବସରରେ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତିକୁ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ସ୍ୱାଗତ କରିବା ସହ ଉଭୟ କେନ୍ଦ୍ରମନ୍ତ୍ରୀଙ୍କ ପ୍ରଚେଷ୍ଟାକୁ ଧନ୍ୟବାଦ୍ ଜଣାଇବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।



କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ସୁନିଲ କୁମାର ନାୟକ ୧୧ ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଜରିଆରେ ସେ ଏହି ଅର୍ଥ ପ୍ରଦାନ କରିଥିଲେ। ଚେକ୍ ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଛାତ୍ର ନେତା ଦୁର୍ଯ୍ୟୋଧନ ବେହେରା, ଶଙ୍କର୍ଷଣ ପଣ୍ଡା, ଅବିନାଶ ବେହେରା, ପ୍ରତୀକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପୁତ୍ରର ଗୃହରେ ପିତା




ଉତ୍କଳାନନ୍ଦ ଅଜୟ କୁମାର ବେହେରା


ହଁ, ପୁତ୍ରର ଗୃହରେ ପିତା, ଏହା ମଧ୍ୟରେ ଯେ ବ୍ୟତିକ୍ରମ ରହିଛି ଏହା ଲୋକାଚାରରେ ଧରାଯାଏ ନାହିଁ ମାତ୍ର କେତେକ ଆଚାରରେ ଧରାଯାଏ। ଗଣେଶ କାର୍ତ୍ତିକ ମନ୍ଦିରରେ ଶିବଙ୍କ ପ୍ରଧାନ୍ୟ କମ୍ ବୋଧହୁଏ ହେଲେ ଶିବଙ୍କ ମନ୍ଦିରରେ ଶିବଙ୍କ ପ୍ରାଧାନ୍ୟ କମ୍ ବୋଧହୁଏ। ହେଲେ ଶିବଙ୍କ ମନ୍ଦିରରେ ଗଣେଶ କାର୍ତ୍ତିକେୟ ପାର୍ଶ୍ୱଦେବତା ରହିଛନ୍ତି। ଗ୍ରହ ବିଦ୍ୟାରେ ରବି ବାପା, ଶନିପୁଅ, ଚନ୍ଦ୍ର ବାପା ବୁଧ ପୁଅ, ପୃଥିବୀ ମାଆ, ମଙ୍ଗଳ ପୁଅ ରାଶିଚକ୍ରରେ ରବିଙ୍କର ଘର ସିଂହରାଶି ଚନ୍ଦ୍ରଙ୍କ ଘର କର୍କଟ ରାଶି ରବିକୁମାର ଶନିଙ୍କ ଦୁଇଘର ମକର ଓ କୁମ୍ଭ ଚନ୍ଦ୍ରକୁମାର ବୁଧଙ୍କର ଘର ମିଥୁନ ଓ କନ୍ୟା, ରବି ପରମ ଗ୍ରହ, ଶନି ଥଣ୍ଡଗ୍ରହ, ରବି ପୂର୍ବ ଦିଗର ମାଲିକ ଶନି ପଶ୍ଚିମାଦିଗ ମାଲିକ, ରବି ଉଚ୍ଚସ୍ଥାନ ଶେଷରେ ଶନିଙ୍କ ନିଚଗୃହ ରବିଙ୍କ ନିଜ ସ୍ଥାନ ତୁଳାରେ, ଶନିଙ୍କ ଉଚ୍ଚ ସ୍ଥାନ, ବିଂଶୋତ୍ତରୀ ପଦ୍ଧତିରେ ରବିଙ୍କ ନକ୍ଷତ୍ର ୩/ ୧୨/ ୨୧ ମଧ୍ୟରୁ ୨୯ ନକ୍ଷତ୍ର ଶନିଙ୍କର ମକର ରାଶିରେ ହିଁ ୩ପାଦ ଧରି ରହିଛି। ଯାହା ରାଶିର ୧/୩ ଅଂଶ ଦଖଲ। ଶନିଙ୍କର ୮।୧୭।୨୬ ରବିଙ୍କ ଗୃହରେ ନାହିଁ।

ରବି, ସୂର୍ଯ୍ୟ ଦେବତାଙ୍କ ନାମ, ତାଙ୍କର ଆହୁରି ପୁତ୍ର ଗଣ ଅଛନ୍ତି, ତାଙ୍କର ମାଆ ବାପା ଅଛନ୍ତି, ହେଲେ ରାଶିଚକ୍ରରେ ମାଆଙ୍କର ଅଧିକାରରେ ପୁନର୍ବସୁ ରହିଛି ଯାହା ଅଦିତି ମାଲିକାନୀ, ପୁତ୍ର ଯମରାଜ ତାଙ୍କ ନାମରେ ଦ୍ୱିଜା ନକ୍ଷତ୍ର ରହିଛି, ଅନ୍ୟ ଯମଜ ପୁତ୍ର ଅଶ୍ୱିନୀ କୁମାର (ଦସ୍ର-ନମିସ) ତାଙ୍କ ନାମରେ ଅଶ୍ୱିନୀ ନକ୍ଷତ୍ର ହେଲେ ଏମାନଙ୍କର ରାଶି ଅଧିକାର ବୈଦିକ ଜ୍ୟୋତିଷରେ ନାହିଁ। ପୁଣି ନିଜେ ରବି ୧ଘର ଅଧିକାରୀ ହୋଇ ଶନିଙ୍କୁ ଦୁଇଘର ଅଧିକାର କାହିଁକି କରାଇଲେ ଏହା ପରମ ରହସ୍ୟ। ହୁଏତ ଏକ କାର୍ଯ୍ୟାଳୟ କାରଖାନା ଚାଲିବାକୁ ଅଧିକ କର୍ମଚାରୀ ଶ୍ରମିକ ଆବଶ୍ୟକ ବେଳେ ସଞ୍ଚାଳକ ନିର୍ଦ୍ଦେଶକ ନିଶ୍ଚେ ଜଣେ ଦରକାର। ଚନ୍ଦ୍ର ପିତା ତାଙ୍କର ଯୌବନ କାଳ ଆରମ୍ଭରେ ସେ ଗୁରୁ ପତ୍ନୀ ତାରାଙ୍କୁ ପାଠ ପଢ଼ା କାଳରେ ହରଣ କରି ଗର୍ଭବତୀ କରାଇଲେ, ଭୃଣହତ୍ୟା, ଶିଶୁହତ୍ୟା ପରନାରୀ ଅପହରଣ ପରି ପାପ ପୁଣି ଗୁରୁପତ୍ନୀ ଗମନ ଆହୁରି ମାରାତ୍ମକ ପାପ ଏସବୁ ଭିତରେ ଘଟଣାର ପାପର ପ୍ରାୟଶ୍ଚିତ ଆହୁରି ଜଟିଳ, ପ୍ରମାଣ ଉଡାଇବାକୁ ଅନେକ ନାରୀ ସଂଯୋଗ ପରେ ତାଙ୍କୁ ଜୀବନରୁ ମାରି ଦେଇଥାନ୍ତି। ଏହା ବି ଆହୁରି ସାଂଘାତିକ ପାପ ଏସବୁ ପାଇଁ ଅନେକ କୋର୍ଡ ଆଇପିସିରେ ବର୍ତ୍ତମାନ ଅଲଗା ଅଲଗା ବ୍ୟବସ୍ଥା କରାଯାଇଛି। ତେବେ କୋଡ଼ ଲଗାନ୍ତି ପୋଲିସ, ବିଚାର କରନ୍ତି ବିଚାରପତି ତତ୍କାଳ ବିଚାରପତିମାନେ ନାରୀର ସନ୍ତାନ ପ୍ରସବ ପରେ ପୁନଃ ତାଙ୍କ ପୁତ୍ରକୁ ପିତା ଚନ୍ଦ୍ରଙ୍କୁ ଅର୍ପଣ ପରେ ନିଜେ ପୁନଃ ତାଙ୍କ ସ୍ୱାମୀଙ୍କ ପାଖକୁ ଶୁଦ୍ଧ ଶୌଚ ହୋଇ ଫେରିଥିଲେ। ତତ୍କାଳ ବିଚାର ପଦ୍ଧତିରେ ଏହା ମାନ୍ୟତା ମିଳିଥିଲା, ବୁଧ ଚନ୍ଦ୍ରଙ୍କର ପୁତ୍ର ରୂପେ ମାନ୍ୟତା ପାଇଲେ, ଚନ୍ଦ୍ରଙ୍କ ଘର ରାଶିଚକ୍ରରେ କର୍କଟରାଶି ସେଥିରେ ବିଂଶୋତ୍ତରୀ ମତରେ ୩ଟି ନକ୍ଷତ୍ରର ଘୋଷଣା ମିଳୁଛି ୨ଟି ପୂର୍ଣ୍ଣପାଦ ୮/୯ ସ ଏକପାଦର ୭ ନକ୍ଷତ୍ର ଏଥିରେ ୯ ନକ୍ଷତ୍ର (ଅଶ୍ଳେଷା) ହିଁ ବୁଧଙ୍କର ନକ୍ଷତ୍ର ଅଧିକାର ଆଉ ବୁଧଙ୍କର ୨ରାଶି ଅଧିକାର ଦୁଇଟିଯାକ ଦ୍ୱାତ୍ମିକ ରାଶି ୨ଟି ଯାକ ଦ୍ୱିପଦ ମାନବ ରାଶି ମିଥୁନ ଓ କନ୍ୟା ଚନ୍ଦ୍ରଙ୍କର ଅଧିକାର କନ୍ୟା ରାଶିରେ ହସ୍ତା (୧୩) ନକ୍ଷତ୍ରରେ ବିଂଶୋତ୍ତରୀ ପଦ୍ଧତି ଅନୁସାରେ ଅଛି।

ବଡ଼କଥା ହେଲା ରବି ଓ ତାଙ୍କ ପୁତ୍ର ଶନିଙ୍କ ପ୍ରବଳ ଶତ୍ରୁତା ରବି-ପରମ ଗ୍ରହ ଶନି-ପ୍ରବଳ ଥଣ୍ଡା ସହ ରବି ପୂର୍ବଦିଗର ମାଲିକ ଶନି-ପଶ୍ଚିମ ଦିଗର ମାଲିକ। ସାରାଦିନ ପ୍ରବଳ ଗରମରେ ବରଫ ଏସି ଫ୍ରିଜ ଥଣ୍ଡାପାନୀୟ ଖୋଜରେ ମନୁଷ୍ୟ ଆଶ୍ରିତ ବେଳେ ଶୀତଦିନେ ଗରମ ବସ୍ତ୍ର ଖୋଜ, ନିଆଁ ପୋହାଁ ଖରାରେ ବସିବାରେ ମନୁଷ୍ୟ ଚିନ୍ତାକରେ ଅତଏବ ଏବର ଦଣ୍ଡରେ ଅନ୍ୟର ଆଶ୍ରା ଖୋଜ ହେଉଛି। ଚନ୍ଦ୍ର ସୋମ ବୁଧ-ସୌମ୍ୟ ଉଭୟ ବାପପୁଅ ହେତୁ ୧ ଗୋତ୍ର ଅତ୍ରୀଗୋତ୍ର, ରବି-ଶନି ଉଭୟ, କାଶ୍ୟପେୟ। ୧ ଗୋତ୍ରରେ ନିଶ୍ଚେ ବିବାହ ନିଷେଧ ଧରାଯାଏ ଲୋକେ ଭାଇ ଭଉଣୀ ସମ୍ପର୍କ ମନେ କରନ୍ତି ବା ୨ଭାଇ ସମ୍ପର୍କ ଗୋତ୍ର ଦୃଷ୍ଟେ ମନେ କରନ୍ତି। ୩ୟ / ୧୧ଶ ଲଗ୍ନ ପାଇଁ ୨ଭାଇ 'ଭାଇ'ମାନେ ସହାୟକ ବ୍ୟକ୍ତି। ଅଥଚ ଶନି ରବିଘରେ ବା ରବି ଶନି ଘରେ ଦୁଂଖିତ ଭାବରେ ବାସ କରନ୍ତି। ବୁଧ ଘରେ ଚନ୍ଦ୍ର ଦୁଃଖିତ ଲଜ୍ଜିତ ହୁଅନ୍ତି। ଶନିଘରେ ରବି ଲଜ୍ଜିତ ହୁଅନ୍ତି। ବାପର ଧନରେ ପୁଅ ଖର୍ଚ୍ଚ ଚଳେ କିନ୍ତୁ ପୁଅର ଧନରେ ବାପ ଖର୍ଚ୍ଚ ଚଳିବା ହୁଏତ ରାଶି ଚକ୍ର ପାଇଁ ଲଜ୍ଜିତ ଅବତାରଣା। ୧୦ମରେ ରବି ଦିଗବାଳୀ, ୭ମରେ ଶନି ଦିଗବଳୀ ୧୦ମ ରାଶି ମକର ୭ମ ରାଶି ତୁଳା, ୧୦ମ ରାଶି ମକରରେ ରବି ଉତ୍ତରାୟଣ ଆରମ୍ଭ କରନ୍ତି ଏଠାରୁ ଅୟନବଳୀ ରବିଙ୍କର ଆରମ୍ଭ ଅୟନ ୧୮୦ ଦିନ ବା ୬ମାସ ଠିକ୍..... ଏହାର୯୦ ଦିନ ଆସିବ ଶେଷରେ, ଏଠାରେ ରବିବାର ସର୍ବୋଚ୍ଚ ଫଳଦାନ ଉଚ୍ଚସ୍ଥାନ ସ୍ଥିତି। ଦକ୍ଷିଣାୟନରେ ରବି ଦୁର୍ବଳ କର୍କଟ ସଂକ୍ରାନ୍ତିରୁ ଦକ୍ଷିଣାୟନ ଏଠାରୁ ୯୦ ଦିନପରେ ଆସିବ ତୁଳା ମାସ ଏଥିରେ ରବି ତାଙ୍କ ନିଜ ସ୍ଥାନରେ ରହିଥାନ୍ତି। ସେଠାରେ ବଳଶୂନ୍ୟ। ହେଲେ ପରସ୍ପର ବିରୁଦ୍ଧାଚାରୀ ଶନି, ଶେଷରେ ନିଜ ସ୍ଥାନ ଗତ ଓ ତୁଳାରେ ଉଚ୍ଚସ୍ଥାନ ଗତ ହୁଅନ୍ତି। ଲଗ୍ନର ୭ମରେ ଶନି ବ୍ୟକ୍ତିକୁ.... ଦାମ୍ପତ୍ୟ ଜୀବନ ଦେଇନଥାନ୍ତି ଯଦି ଅନ୍ୟ ଗ୍ରହର ସମ୍ବନ୍ଧ ଗ୍ରହ ସହିତ ନଥାନ୍ତି। ସେମିତି ଚନ୍ଦ୍ର ଦି ୨।୧୮ ଦଣ୍ଡ ପ୍ରାୟ (ଦ୧୩୫ଣ୍ଡ) ୧ ରାଶିରେ ରହନ୍ତି, ଏମିତି ୧ମାସରେ ଦ୨୭୦ଣ୍ଡ ତାଙ୍କର ନିଜର ପୁତ୍ର ବୁଧ ଘରେ ବାସ ହୁଏ ଏ ସମୟରେ ଚନ୍ଦ୍ର ଲଜ୍ଜିତ ରହନ୍ତି। ରବି ୧୨ମାସରେ ମକର କୁମ୍ଭ ୨ମାସ ଲଜ୍ଜିତ ରହୁଛନ୍ତି ଏ ସମୟ ଶୀତ ପ୍ରକୋପରେ ଲୋକେ ସୂର୍ଯ୍ୟଙ୍କର ତେଜକୁ ରଙ୍କ ପରି ହୁଅନ୍ତି। ହେଲେ ମକର ସୂର୍ଯ୍ୟ 'ନୀରସ'। ଧୂପ ରୂପେ ପଞ୍ଜାଙ୍ଗରେ ୧ ବାରକୁ ମକର ସଂକ୍ରାନ୍ତି ଦିନର ଧରାଯାଏ। ନୀରସ ମାନେ ଧାତୁକୁ ବୁଝାଏ ଏଥିରେ ସମସ୍ତ ଜଳରସକୁ ନିଃସରଣ କରାଯାଇଥାଏ। ମାଟି ତଳର ଧାତୁ ପଥର ପରିବା ମୂଳ ଶନିଙ୍କ ଅଧିକ ଏହାକୁ ଲୋକେ ଅଗ୍ନୀ ସମ୍ବନ୍ଧ କରି ବ୍ୟବହାରକୁ ଆଣିଥାନ୍ତି। ଗ୍ରହର କାର୍ଯ୍ୟକାରୀ ଶକ୍ତିକୁ ମନୁଷ୍ୟ ନିଜ କାମରେ କେମିତି ଲଗାଉଛି ଏଥିରୁ ଜଣାପଡୁଛି। ବହୁ ବର୍ଷ ପରେ ପ୍ରାୟ ବର୍ଷ ପରେ ଶନି ମକର କୁମ୍ଭକୁ ଆସନ୍ତି ଏଥିରେ ତାଙ୍କର ବାପ ପୁଅ ଏକତ୍ର ଦୁଇ ବା ତିନିଥର ସମ୍ପର୍କ ପ୍ରତ୍ୟକ୍ଷ ୧ରାଶିରେ ହୁଏ ଏହା ସଂସାର ସୁଖକର ହୁଏନାହିଁ। ଜନବିବାଦ ଦୁର୍ଘଟଣା କାନୁନକୁ ଲୋକେ ଅମାନ୍ୟ କରନ୍ତି ବା ରାଜା ନୂଆ କାନୁନ ପରିବର୍ତ୍ତନ କରନ୍ତି। ଯଦିଓ ଅର୍ଥ ବୃତ୍ତିରହେ ନାହିଁ। ରବି ଲଜ୍ଜିତ ଚନ୍ଦ୍ର ଲଜ୍ଜିତ ଅର୍ଥ ପୂର୍ବର ସମ୍ମାନର ସମୟ ପରିବର୍ତ୍ତନ କରାଯାଏ ତାହା ଖାରଜ ହୋଇ ଆଉ ଏକ ଦାଖଲ ସ୍ତରକୁ ଆସେ। ଯେଉଁ ବୈଜ୍ଞାନିକ ତଥ୍ୟ ଖୋଜକୁ ବାରମ୍ବାର ଆସୁଛି ଏହି ଏକ ଗୃହ ଲଜ୍ଜିତ ବେଳରେ ଆସୁଛି। ବିଦ୍ୟାୟତନରେ ଧର୍ମଘଟ ହରତାଳ, ଲୋକଙ୍କ ଅଧିକାର ପୂର୍ବରୁ ଯେମିତି ଥିଲା ତାକୁ ସରକାରୀ କାନୁନ ବଦଳାଇ ପ୍ରତ୍ୟକ୍ଷରେ ଲୋକରେ ଚାପ ଏହା ବାପର ପୁଅ ଘରେ ଥିବା ବଳରେ ହିଁ ହୋଇଥାଏ। ଖୋଜ କରନ୍ତୁ ଗ୍ରହ ଯେମିତି ଲଜ୍ଜିତ ହେବ ସେ ସମୟ ଖୋଜି ଜ୍ୟୋତିଷୀମାନେ ଘଟଣାକୁ କଳ୍ପନା କରି ରୂପ ରେଖ ଦିଅନ୍ତୁ।


*ପି.ସି. ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ*
*ଦୂରଭାଷ : ୯୪୩୭୦୩୧୨୫୩*







# କରୋନା ଯୁଦ୍ଧର ୫ ମହିଳା ଯୋଦ୍ଧା !



ରେବିକା ବିଲୁଙ୍ଗ
ବ୍ଲକ ଉନ୍ନୟନ ଅଧିକାରୀ

ଇନ୍ଦିରା ସାହୁ
ତହସିଲଦାର

ବିନିତା ରାଣୀ କିସ୍କୁ
ଅତିରିକ୍ତ ତହସିଲଦାର

ମିନା ବିନ୍ଧାଣୀ
ବନ୍ତ ଥାନାଧିକାରୀ

ସୁକାନ୍ତି କେରେଇ
ଆଗରପଡା ଥାନାଧିକାରୀ

**ଭଦ୍ରକ :** ରାଜ୍ୟ ସରକାର କୋଭିଡ୍-୧୯ ଭୂତାଣୁ ସଂକ୍ରମଣକୁ ନିୟନ୍ତ୍ରଣ କରିବାରେ ଯେଉଁ ପ୍ରୟାସ ଜାରୀ ରଖିଛନ୍ତି ତାହା ପ୍ରଶଂସନୀୟ ହୋଇ ପାରିଛି । ରାଜ୍ୟରେ ଗୋଷ୍ଠୀ ସଂକ୍ରମଣକୁ ରୋକିବା ପାଇଁ ସରକାର ଲକଡାଉନ,ସଟଡାଉନ ଭଳି ପଦକ୍ଷେପ ନେବା ସହ ସମ୍ବେଦନଶୀଳ ଅଂଚଳ ଗୁଡ଼ିକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରି ନିୟନ୍ତ୍ରଣ କରିବାର ଉଦ୍ୟମ ଜାରୀ ରଖିଛନ୍ତି । ପ୍ରଥମ ପର୍ଯ୍ୟାୟରେ ସରକାର ୨୧ ଦିନର ଲକଡ଼ାଉନ ଘୋଷଣା କରିଥିଲେ । କିନ୍ତୁ ଲୋକଙ୍କ ଜୀବନର ମୂଲ୍ୟକୁ ପ୍ରାଧାନ୍ୟ ଦେଇ ଦ୍ୱିତୀୟ ପର୍ଯ୍ୟାୟରେ ଏହି ଅବଧିକୁ ୧୯ ଦିନ ଅର୍ଥାତ ମେ ମାସ ୩ ପର୍ଯ୍ୟନ୍ତ ବର୍ଦ୍ଧିତ କରିଛନ୍ତି । ନିତ୍ୟାବଶ୍ୟକୀୟ କିମ୍ବା ଅତ୍ୟାବଶ୍ୟକୀୟ ଜିନିଷ ହେଉ ତାକୁ ଆଣିବାକୁ ହେଲେ ମାସ୍କ ବ୍ୟବହାରକୁ ବାଧ୍ୟତା ମୂଳକ,ଅଜଥା ବାଇକ ବ୍ୟବହାର,ସର୍ବସାଧାରଣରେ ଛେପ ପକାଇବାକୁ ବାରଣ କରିବା ସହ ସବୁ କ୍ଷେତ୍ରରେ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଲୋକେ ଯେତେ ସଚେତନ ହେବେ କୋଭିଡ଼-୧୯ର ମୁକାବିଲା ସେତେ ସହଜ ହେବ ତେଣୁ ଲୋକଙ୍କୁ ସଚେତନ କରିବା ସହ ଲକଡ଼ାଉନ ସମୟରେ ସରକାରଙ୍କ ଦ୍ୱାରା ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଘୋଷଣା କରାଯାଇଥିବା ଯୋଜନାକୁ ଠିକ୍ ଭାବେ ସମ୍ପାଦନା କରିବା ଭଳି ଗୁରୁ ଦାଇତ୍ୱ ପ୍ରତ୍ୟେକ ଜିଲ୍ଲାପାଳଙ୍କ ମାଧ୍ୟମରେ ବ୍ଲକ ଓ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସରକାରଙ୍କ ଏହି ନିର୍ଦ୍ଦେଶକୁ ପାଳିବାକୁ ଯାଇ ପୋଲିସ ଓ ପ୍ରଶାସନ ଦିନରାତି ଏକ କରି ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକରେ ୨୫ଟି ପଂଚାୟତବାସୀଙ୍କୁ କୋଭିଡ଼-୧୯ ଭୂତାଣୁ ସଂକ୍ରମଣରୁ ରକ୍ଷା କରିବାକୁ ପୁଲିସ ଓ ପ୍ରଶାସନର ୫ ଜଣ ମହିଳା ଯୋଦ୍ଧା କରୋନା ଯୁଦ୍ଧରେ ଅବର୍ତ୍ତୀର୍ଣ୍ଣ ହୋଇଛନ୍ତି । ଉକ୍ତ ୫ ମହିଳା ଅଧିକାରୀ ନିଜ କାର୍ଯ୍ୟ ଦକ୍ଷତା ଫଳରେ ବ୍ଲକରେ ଏକ ସୁସ୍ଥ ପରିବେଶ ସୃଷ୍ଟି କରିପାରିଥିବାରୁ ସବୁଠି ପ୍ରଶଂସନୀୟ ହୋଇପାରିଛନ୍ତି । ସେମାନେ ହେଲେ:

**ରେବିକା ବିଲୁଙ୍ଗ(ବ୍ଲକ ଉନ୍ନୟନ ଅଧିକାରୀ):** କୋଭିଡ଼-୧୯ର ମୁକାବିଲା ପାଇଁ ପ୍ରତ୍ୟେକ ଗ୍ରାମପଂଚାୟତ ସମେତ ସ୍ୱାସ୍ଥ୍ୟ କେନ୍ଦ୍ରରେ ସାମୟିକ ସ୍ୱାସ୍ଥ୍ୟ ସେବା ଶିବିର ଗଠନ,ଅସହାୟ ଦୁସ୍ଥ ଓ ଗରିବ ଲୋକଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ରନ୍ଧା ଖାଦ୍ୟ ଯୋଗାଣ,ସମସ୍ତ କର୍ମଚାରୀଙ୍କ ସହଯୋଗରେ ରାସନ ସାମଗ୍ରୀ,ଭତ୍ତା,ନିର୍ମାଣ ଶ୍ରମିକ ଅର୍ଥ ପ୍ରଦାନ କରାଇବାସହ ରାଜ୍ୟ ବାହାରୁ ଆସି ବସବାସ କରୁଥିବା ଲୋକଙ୍କ ସମସ୍ୟା ବୁଝିବା ଏବଂ ଲକଡାଉନ ବେଳେ ରାଜ୍ୟବାହାରୁ ନିଜ ଅଂଚଳକୁ ପଳାଇ ଆସିଥିବା ଲୋକଙ୍କୁ ଠାବ କରି ସେମାନଙ୍କୁ ଥଇଥାନ କରିବା କାର୍ଯ୍ୟ ଆଦି ସୂଚରୁ ରୂପେ ସଂପାଦନା କରିପାରିଛନ୍ତି ।

**ଇନ୍ଦିରା ସାହୁ(ତହସିଲଦାର):** ବନ୍ତ ବ୍ଲକର ଆଗରପଡ଼ା ବ୍ୟବସାୟୀକ ଦୃଷ୍ଟି କୋଣରୁ ଭଦ୍ରକ ଜିଲ୍ଲା ସମେତ କେନ୍ଦୁଝର ଓ ବାଲେଶ୍ୱରର ଜିଲ୍ଲାର କିଛି ଅଂଚଳବାସୀଙ୍କ ପାଇଁ ଗୁରୁତ୍ୱ ବହନ କରିଥାଏ । ସେଥିପାଇଁ ଏଠାରେ ସବୁବେଳେ ଜନସମାଗମ ଲାଗିଥାଏ । ସାମାଜିକ ଦୂରତ୍ୱ କୋଭିଡ଼-୧୯ ମୁକାବିଲାର ମୁଖ୍ୟ ଅସ୍ତ୍ର ହୋଇଥିବାରୁ ଏହାକୁ କଡ଼ାକଡ଼ି ଭାବେ ପାଳନ କରାଇବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି । ସାମାଜିକ ଦୂରତ୍ୱକୁ ଦୃଷ୍ଟିରେ ରଖି ସେ ଆଗରପଡ଼ା ହାଟର ସ୍ଥାନ ପରିବର୍ତ୍ତନ କରିବା ସହ ଅମାନିଆ ବାଇକ ଚାଳକଙ୍କ ଠାରୁ ଫାଇନ କାଟିବା ଏବଂ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରାତିରେ ପେଟ୍ରୋଲିଂ କରିବା ତାଙ୍କ କାର୍ଯ୍ୟଦକ୍ଷତାର ପ୍ରମାଣ ଦିଏ । ସେ ଏକ ଦକ୍ଷ ମହିଳା ଅଫିସର ଭାବେ କରୋନା ଯୁଦ୍ଧରେ ଅବର୍ତ୍ତୀର୍ଣ୍ଣ ହୋଇ ସମସ୍ତଙ୍କର ପ୍ରିୟ ଭାଜକ ହୋଇପାରିଛନ୍ତି ।

**ବିନିତା ରାଣୀ କିସ୍କୁ (ଅତିରିକ୍ତ ତହସିଲଦାର):** ବାହାର ରାଜ୍ୟରୁ ଆସି ବନ୍ତ ଅଂଚଳର ବିଭିନ୍ନ ସ୍ଥାନରେ ରହି ରୋଜଗାର କରି ପରିବାର ପ୍ରତିପୋଷଣ କରୁଥିବା ଦିନ ମଜୁରୀଆମାନେ ଲକଡ଼ାଉନ ଯୋଗୁଁ କାର୍ଯ୍ୟ ନପାଇ ଭୋକ ଉପାସରେ କାଳାତିପାତ କରୁଥିବା ଖବର ପାଇଲା କ୍ଷଣି ଉକ୍ତ ବ୍ୟକ୍ତିଙ୍କ ପାଖରେ ପହଂଚି ନିଜ ତରଫରୁ ସାହାର୍ଯ୍ୟ ପ୍ରଦାନ କରିବା ସହ ସରକାରଙ୍କ ଯୋଜନା ପହଂଚାଇବାରେ ସହଯୋଗ କରିବା ଏବଂ ସାମାଜିକ ଦୂରତ୍ୱକୁ ପାଳନ କରିବା ପାଇଁ ଲୋକମାନଙ୍କ ମଧ୍ୟରେ ସଚେତନତାର ବାର୍ତ୍ତା ପ୍ରେରଣ କରିବା ଆଦି କାର୍ଯ୍ୟକୁ ଦକ୍ଷତାର ସହ ପ୍ରତିପାଦନ କରିପାରୁଛନ୍ତି ।

**ମିନା ବିନ୍ଧାଣୀ(ବନ୍ତ ଥାନା ଅଧିକାରୀ):** ତହସିଲଦାରଙ୍କ ସହ ମିଶି ଲୋକଙ୍କୁ ସୁରକ୍ଷା ଦେବାକୁ ଯାଇ ରାତିରେ ପେଟ୍ରୋଲିଂ କରିବା, ଅମାନିଆ ବାଇକ ଚାଳକଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା, ଲକଡ଼ାଉନ ନିୟମ ଉଲଂଘନ କାରିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦେବା, ବିଭିନ୍ନ ସ୍ଥାନରେ ସାମାଜିକ ଦୂରତ୍ୱକୁ ମାନିବା ପାଇଁ ନିଜେ ପଇଁତରା ମାରିବା ଆଦି କାର୍ଯ୍ୟ ତାଙ୍କ ଦକ୍ଷତାର ପ୍ରମାଣ ଦେବା ସହ ସେ ଏହି ଅଂଚଳର ପରିବେଶରେ ଏକ ସୁସ୍ଥ ବାତାବରଣ ସୃଷ୍ଟି କରି ପାରିଛନ୍ତି ।

**ସୁକାନ୍ତି କେରେଇ(ଆଗରପଡ଼ା ଥାନା ଅଧିକାରୀ):** ଆଗରପଡ଼ା କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ପେଣ୍ଠ ସ୍ଥଳି ହୋଇଥିବାରୁ ଲୋକମାନଙ୍କ ଗହଳି ଏଠାରେ ସବୁ ବେଳେ ଦେଖିବାକୁ ମିଳେ । ସାମାଜିକ ଦୂରତ୍ୱ କୋଭିଡ଼-୧୯ ମୁକାବିଲାର ମୁଖ୍ୟ ଅସ୍ତ୍ର ହୋଇଥିବାରୁ ସେ ଏହାକୁ ଗୁରୁତର ସହ ନେଇ ତହସିଲଦାର ଓ ଅତିରିକ୍ତ ତହସିଲଦାରଙ୍କ ସହ ମିଶି ବିଭିନ୍ନ ପ୍ରକାର ଜନହିତକର କାମ କରୁଥିବାରୁ ସ୍ୱଳ୍ପ ସମୟ ମଧ୍ୟରେ ଅଂଚଳବାସୀଙ୍କ ପ୍ରଶଂସା ଭାଜକ ହୋଇପାରିଛନ୍ତି ।

କରୋନା ଯୁଦ୍ଧରେ ଏହି ୫ଜଣ ମହିଳା ଯୋଦ୍ଧାଙ୍କୁ ଅଂଚଳବାସୀ ସହଯୋଗ କଲେ ବନ୍ତ ଅଂଚଳ ଏହି ମହାମାରୀରୁ ରକ୍ଷା ପାଇବା ସହ ଜିଲ୍ଲାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିବ ବୋଲି ବିବେଚନା କରାଯାଉଛିଫ

ଏକମାତ୍ର
ଅନୁସନ୍ଧାନ ପରେ ଖବର
ଭୁବନେଶ୍ୱର, ୦୪ - ୧୦ ମଇ, ୨୦୨୦
ଆଞ୍ଚଳିକ


# ଅନ୍ତ ଆଳାପ



ମହାମାରୀ କରୋନାର ପ୍ରକୋପ କମୁନାହିଁ। ଏଥିପାଇଁ ଦେଶରେ ତୃତୀୟ ପର୍ଯ୍ୟାୟ ଲକଡାଉନ୍ ଘୋଷଣା ହୋଇଛି। ଦେଶର ତଥା ରାଜ୍ୟର ସମସ୍ତ ବଡ, ସାନ ଉଦ୍ୟୋଗ ବନ୍ଦ ରହିଛି। ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ରିଅଲ ଇଷ୍ଟେଟ ବ୍ୟବସାୟ ରଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ବେଳେ ଏହା ଏବେ ସମ୍ପୂର୍ଣ୍ଣ ରୂପେ ବନ୍ଦ ପଡିଛି। ତେଣୁ କରୋନା ପରବର୍ତ୍ତୀ ସମୟରେ ରିଅଲ ଇଷ୍ଟେଟ ବ୍ୟବସାୟର ଭବିଷ୍ୟତକୁ ନେଇ ରାଜଧାନୀରେ ପ୍ରତିଷ୍ଠିତ ରିଅଲ ଇଷ୍ଟେଟ କମ୍ପାନୀ ଓମାକ୍ସ ପ୍ରପର୍ଟିଜ୍ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ **ଇଂ. ମାନସ ରଞ୍ଜନ ମହାନ୍ତି**ଙ୍କ ସହିତ ଏ ସପ୍ତାହର ଅନ୍ତ ଆଳାପ।

**ସାକ୍ଷାତକାର : ତାରକ ମହାନ୍ତି**

**ପ୍ର : ମହାମାରୀ କରୋନା ପରିପ୍ରେକ୍ଷୀରେ ରାଜ୍ୟରେ ରିଅଲ ଇଷ୍ଟେଟ ବ୍ୟବସାୟ କିଭଳି ରହିଛି ଓ ଏହା ଉପରେ କରୋନାର ଅଧିକ କିଛି ପ୍ରଭାବ ରହିଛି ବୋଲି ଆପଣ ଅନୁଭବ କରୁଛନ୍ତି କି?**

ଉ : ବର୍ତ୍ତମାନ ପରିସ୍ଥିତିରେ ରିଅଲ ଇଷ୍ଟେଟ ବ୍ୟବସାୟ ସଙ୍କଟ ମଧ୍ୟ ଦେଇ ଗତି କରୁଛି। ମହାମାରୀ କରୋନା ଅନ୍ୟ ଶିଳ୍ପ ବ୍ୟବସାୟ ପାଇଁ ଯେଭଳି ବିପଦ ନେଇ ଆସିଛି ସେଥିରୁ ଆମ ବ୍ୟବସାୟ ବାଦ ପଡିନାହିଁ। ତେବେ ଗତ ଦୁଇମାସ ମଧ୍ୟରେ ବା ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଲକଡାଉନ୍ ସମୟ ଏଭଳି ପରିସ୍ଥିତି ସୃଷ୍ଟି କରିଛି ଯେ, ଲୋକ ପ୍ରଥମେ ସୁସ୍ଥ ଭାବେ ବଞ୍ଚିବାକୁ ଚିନ୍ତା କରୁଛନ୍ତି। ଯଦିଓ ମଣିଷର ଆବଶ୍ୟକତା ରୁଟି, କପଡା ଓ ଘର ତଥାପି ଏହା ଅପେକ୍ଷା ଜୀବନ ବେଶୀ ଗୁରୁତ୍ୱପୂର୍ଣ୍ଣ। ସମଗ୍ର ବିଶ୍ୱ ଏବେ କରୋନାରୁ ମୁକ୍ତି ପାଇବା ପାଇଁ ସଂଘର୍ଷ କରୁଛି। ଭାରତ ମଧ୍ୟ କରୋନା ପ୍ରଭାବରେ ଆକ୍ରାନ୍ତ ହୋଇଛି। ଓଡ଼ିଶାରେ ଯଦିଓ ମହାରାଷ୍ଟ୍ର ଓ ଗୁଜୁରାଟ ଭଳି ଅବସ୍ଥା ସେତେ ଭୟଙ୍କର ନୁହେଁ ତଥାପି ଏଠାରେ କରୋନା ଭୂତାଣୁ ସଂକ୍ରମଣ ବଢୁଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ନୂଆ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ସରକାର ଏଥିପାଇଁ ବ୍ୟାପକ ପଦକ୍ଷେପ ନେଉଥିଲେ ବି ଲୋକଙ୍କ ମନରେ କରୋନାର ଭୟ ବେଶ ସୁସ୍ପଷ୍ଟ। ଏଭଳି ପରିସ୍ଥିତିରେ ରିଅଲ ଇଷ୍ଟେଟ ବ୍ୟବସାୟ କରିବା ବା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ଆଦୌ ସମ୍ଭବପର ନୁହେଁ। ସମ୍ପୂର୍ଣ୍ଣ ଲକଡାଉନ୍ କେବେ ହଟିବ ଏବଂ ଜନସାଧାରଣ ପୂର୍ବଭଳି ଚଳପ୍ରଚଳ କରିବେ ତାହା ମଧ୍ୟ ଆଶଙ୍କାରେ ରହିଛି। ଯଦିଓ କିଛି କିଛି ଜିଲ୍ଲାରେ କରୋନା ଗାଇଡଲାଇନ ସାମାନ୍ୟ କୋହଳ ଅଛି ତାହା ରିଅଲ ଇଷ୍ଟେଟ୍ ବ୍ୟବସାୟ ପାଇଁ ଆଦୌ ଅନୁକୂଳ ନୁହେଁ। ତେଣୁ ଏବେଠାରୁ ଏ ସମ୍ପର୍କରେ ସଠିକ୍ ଭାବେ କିଛି କହିବା ସମ୍ଭବପର ନୁହେଁ। ତେବେ କରୋନା ଯେ କେବଳ ରିଅଲ ଇଷ୍ଟେଟ୍ କ୍ଷେତ୍ରକୁ ପ୍ରଭାବିତ କରିଛି ତାହା ନୁହେଁ, ବରଂ ଦେଶର ସବୁ ଉଦ୍ୟୋଗ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି।

**ପ୍ର : ଏବେ ରିଅଲ ଇଷ୍ଟେଟ ବ୍ୟବସାୟୀମାନେ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବା ସହିତ ନୂତନ ପ୍ରୋଜେକ୍ଟ ବାବଦରେ ସନ୍ଦିହାନ ରହିଛନ୍ତି ତଥାପି ଲକଡାଉନ୍ ଉଠିଲେ ତୁରନ୍ତ ନୂଆ ହେଉ କି ସ୍ଥଗିତ ଥିବା ପ୍ରୋଜେକ୍ଟର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲେ ଏଥିରେ ଶ୍ରମିକ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି କି?**

ଉ : ମେ' ୪ଠାରୁ ଦେଶରେ ପୁଣି ଦୁଇ ସପ୍ତାହ ପାଇଁ ତୃତୀୟ ପର୍ଯ୍ୟାୟ ଲକଡାଉନ୍ ଘୋଷଣା ହୋଇଛି। ପ୍ରଥମ ପର୍ଯ୍ୟାୟ ଲକଡାଉନ୍ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନତା କର୍ଫ୍ୟୁ ଘୋଷଣା କରି ଆଗାମୀ ଦିନର ସଙ୍କଟ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ସେବେଠାରୁ କରୋନାର ଭୟାବହତା ଅନୁମାନ କରାଯାଉଥିଲା। ହେଲେ ଯେବେଠାରୁ ଲକ୍‌ଡାଉନ୍ ଘୋଷଣା ହେଲା ସେବେଠାରୁ ରିଅଲ ଇଷ୍ଟେଟ୍ କ୍ଷେତ୍ରରେ ଅସୁବିଧା ଆରମ୍ଭ ହୋଇଗଲା। ଶ୍ରମିକମାନେ କାର୍ଯ୍ୟକୁ ନ ଆସିପାରିବା କାରଣରୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଲା। ଏହାର କାରଣ କରୋନା କଟକଣା। ଲୋକଙ୍କ ଜିବା ଆସିବା ଉପରେ ରୋକ ଲାଗିବାରୁ ଶ୍ରମିକ ଏବଂ କ୍ଷେତ୍ର କର୍ମଚାରୀମାନେ ଆଉ ପ୍ରୋଜେକ୍ଟ ସ୍ଥାନରେ ପହଞ୍ଚି ପାରିଲେ ନାହିଁ। ଆମ ରାଜ୍ୟର ଶ୍ରମିକଙ୍କ ଅପେକ୍ଷା ବାହାର ରାଜ୍ୟର ଶ୍ରମିକ ଯେଉଁମାନେ ନିର୍ମାଣ କାର୍ଯ୍ୟ କରୁଥିଲେ ସେମାନେ ମଧ୍ୟ ନିଜ ରାଜ୍ୟକୁ ପ୍ରାୟତଃ ଫେରିଗଲେଣି। ଅବସ୍ଥା କେବେ ସ୍ୱାଭାବିକ ହେବ ଓ ପୁନର୍ବାର ରିଅଲ ଇଷ୍ଟେଟ୍‌ରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ତାହା ସହଜରେ ଆକଳନ କରିହେଉନାହିଁ। ଯଦି କରୋନା ପ୍ରଭାବ କମେ ଓ ଅବସ୍ଥାରେ ପରିବର୍ତ୍ତନ ଆସେ ତଥାପି ଗୃହ ନିର୍ମାଣ କ୍ଷେତ୍ରରେ ମିସ୍ତ୍ରୀ ଓ ଶ୍ରମିକ ସମସ୍ୟାର ତୁରନ୍ତ ସମାଧାନ ହେଲାଭଳି ମନେ ହେଉନାହିଁ। ସମସ୍ୟା ସୁଧୁରିବାକୁ ଆହୁରି କିଛିଦିନ ସମୟ ଲାଗିପାରେ, ଯାହାକି ରିଅଲ ଇଷ୍ଟେଟ ବ୍ୟବସାୟ ପାଇଁ ଘୋର ସଙ୍କଟ ସୃଷ୍ଟି କରିବ।

**ପ୍ର : କରୋନା କଟକଣା ମଧ୍ୟରେ ଆଉ ଜମି ହେଉ କି ଘର କିଣାବିକା ହେଉନାହିଁ। ତେବେ ଆଗାମୀ ଦିନରେ ବିକ୍ରେତା-କ୍ରେତା-ଜମି ମାଲିକ ଏବଂ ମଧ୍ୟସ୍ଥି ମାନଙ୍କ ମଧ୍ୟରେ ଥିବା ସମ୍ପର୍କ ବ୍ୟାହତ ହେବ କି?**

ଉ : ପୂର୍ବରୁ ନୂତନ ପ୍ରୋଜେକ୍ଟ ଆରମ୍ଭ ପୂର୍ବରୁ କମ୍ପାନୀ ଜମି କିଣି ଏହାର ଭିତ୍ତିଭୂମି ବିକାଶ କରିବା ପରେ ସିମ୍ପ୍ଲେକ୍ସ, ଡୁ୍ୟପ୍ଲେକ୍ସ କି ଆପାର୍ଟମେଣ୍ଟ ତିଆରି କରୁଥିଲେ। ପ୍ରଚଳିତ ଧାରା ଅନୁଯାୟୀ ଜମି ପଞ୍ଜିକରଣ, ନକ୍ସା ଅନୁମୋଦନ ଓ ନିର୍ମାଣ ଭଳି ଅନେକ ପର୍ଯ୍ୟାୟ ଦେଇ ଏହି କାର୍ଯ୍ୟ ସମ୍ପାଦିତ ହେଉଥିଲା। ନିର୍ମାଣ ଶେଷ ହେବା ପୂର୍ବରୁ ଗ୍ରାହକ ଘର ନେବା ପାଇଁ ବୁକିଙ୍ଗ କରୁଥିଲେ। ଏସବୁ କାର୍ଯ୍ୟ ବିଭିନ୍ନ ବର୍ଗ ଲୋକଙ୍କ ସମନ୍ୱୟରେ ସମ୍ଭବ ହୋଇଥାଏ। ତେଣୁ ଲକଡାଉନ ଅବସ୍ଥା ଏହାକୁ ସମ୍ପୂର୍ଣ୍ଣ ବ୍ୟାହତ କରିଛି। ଗ୍ରାହକ-ବିଲ୍ଡର-ଜମି ମାଲିକ-ମଧ୍ୟସ୍ଥି ସମ୍ପର୍କ ନିଶ୍ଚୟ ପ୍ରଭାବିତ ହୋଇଛି। ଫଳରେ ଏହି ସମ୍ପର୍କକୁ ପୁନର୍ବାର ପ୍ରତିଷ୍ଠା କରି ରିଅଲ ଇଷ୍ଟେଟ ବ୍ୟବସାୟ ଆଗକୁ ବଢ଼ାଇବା ନିଶ୍ଚିତ କଷ୍ଟସାଧ କାର୍ଯ୍ୟ। ନିଃସନ୍ଦେହରେ କୁହାଯାଇପାରେ ରିଅଲ ଇଷ୍ଟେଟ ଉପରେ କରୋନାର ପ୍ରଭାବ ପଡିଛି। ଏଭଳି ସମସ୍ୟା ନ ହଟିଲେ ଆଗଭଳି ଘର ତିଆରି କରିବା ଓ ବିକିବା ସହଜ ମନେହୁଏନାହିଁ।

**ପ୍ର : ଯାହା ଜଣାଯାଏ ରିଅଲ ଇଷ୍ଟେଟ ବ୍ୟବସାୟ ଚଳାଇବାକୁ କଲେ ପ୍ରଥମେ ପୁଞ୍ଜି, ମାନବ ସମ୍ବଳ ଓ ପରିଚାଳନା ଗୁରୁତ୍ୱପୂର୍ଣ୍ଣ। ତେଣୁ ଆପଣଙ୍କ ପାଇଁ ଏହା କେତେ ସହଜ ବା କେତେ କଷ୍ଟଦାୟକ?**

ଉ : ଆପଣ ଯେଉଁ କେତୋଟି ପ୍ରସଙ୍ଗ ଉତ୍ଥାପନ କଲେ ତାହାହିଁ ରିଅଲ ଇଷ୍ଟେଟ ବ୍ୟବସାୟର ଅସଲ ମଞ୍ଜି। ଟଙ୍କା ନଥିଲେ ବ୍ୟବସାୟ କରିହୁଏନାହିଁ। ଏଥିରେ ରିଅଲ ଇଷ୍ଟେଟ ବ୍ୟବସାୟ ଚଳାଇବା ପାଇଁ ପ୍ରଚୁର ଅର୍ଥର ଆବଶ୍ୟକତା ରହିଥାଏ। ଯାହାକୁ ଭରଣା କରିବା ପାଇଁ ନିଜସ୍ୱ ପୁଞ୍ଜି ସହିତ ବ୍ୟାଙ୍କରୁ ଋଣ ଆଣିବାକୁ ପଡିଥାଏ। ବ୍ୟବସାୟ ଚଳାଇବା ପାଇଁ ଦକ୍ଷ କର୍ମଚାରୀ ନଥିଲେ ପ୍ରୋଜେକ୍ଟ ଶେଷ ହୁଏନାହିଁ ବା ଗ୍ରାହକ ଠିକ୍ ସମୟରେ ଘର ଖଣ୍ଡିଏ ପାଇପାରନ୍ତି ନାହିଁ। ତେଣୁ ଆରମ୍ଭରୁ ଏଥିପ୍ରତି ସତର୍କ ରହିବାକୁ ହୁଏ। ଅନ୍ୟ ଯେଉଁ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ତାହା ହେଉଛି ନିର୍ମାଣ କାର୍ଯ୍ୟରେ ବ୍ୟବହାର ହେଉଥିବା ସମସ୍ତ ସାମଗ୍ରୀ ଉତ୍ତମ ଗୁଣବତ୍ତାର ହେଲେ ନିର୍ମାଣ କାର୍ଯ୍ୟ ମଜବୁତ ହେବା ସହିତ ନିର୍ମିତ ଗୃହ ଅଧିକ ଦିନ ତିଷ୍ଠି ରୁହେ। ତେଣୁ ଗୁଣବତ୍ତା ହେଉଛି ନିର୍ମାଣର ଏକ ମୁଖ୍ୟ ଅଂଶ। ନିର୍ମାଣ ପରେ ନିର୍ମିତ ଗୃହକୁ କିଣିବା ପାଇଁ ଗ୍ରାହକମାନଙ୍କ ଆଗମନ ହେବ। ତେଣୁ ନିର୍ମାଣ ସମୟ ମଧ୍ୟରେ ଗ୍ରାହକମାନଙ୍କ ସହିତ ଘର ବିକ୍ରିର ଚୁକ୍ତି ହୋଇପାରିଲେ କମ୍ପାନୀ ଅଧିକ ଆଶାବାଦୀ ହେବା ସହିତ ଭଲ କାର୍ଯ୍ୟ କରିପାରେ। ଗ୍ରାହକ ସନ୍ତୁଷ୍ଟ ହେଲେ ରିଅଲ ଇଷ୍ଟେଟ ବ୍ୟବସାୟ ସୁଦୂରପ୍ରସାରୀ ହୋଇଥାଏ। ଏହାଦ୍ୱାରା କମ୍ପାନୀର ମର୍ଯ୍ୟାଦା ବଢ଼ିବା ସହିତ ଭବିଷ୍ୟତ ସୁଦୃଢ଼ ହୁଏ।

**ପ୍ର : ଲକ୍‌ଡାଉନ୍ ଉଠିବା ପରେ ଯେବେଠାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ସେଥିରେ ନିର୍ମାଣ ସାମଗ୍ରୀର ଦରକୁ ନେଇ କିଛି ଭୟ ବା ଆଶଙ୍କା ଆପଣଙ୍କ ମନରେ ଅଛି କି?**

ଉ : କରୋନା ପ୍ରଭାବ କେବେ କମିବ ଓ ରିଅଲ ଇଷ୍ଟେଟ ବ୍ୟବସାୟ ଆଗକୁ ବଢ଼ିବ ତାହା ଏବେଠାରୁ ଆକଳନ କରିବା ସହଜ ନୁହେଁ। ତଥାପି ଆମେ ଆଶାବାଦୀ ହେବା ଯେ, ଗୋଟେ ଭୂତାଣୁ ସଂକ୍ରମଣ ଖୁବ୍‌ଶୀଘ୍ର ଶେଷ ହେବ ଏବଂ ଜନଜୀବନ ଚଳଚଞ୍ଚଳ ହୋଇଉଠିବ। ହେଲେ ପୂର୍ବରୁ ଏ କ୍ଷେତ୍ରରେ ଥିବା ମାନ୍ଦାବସ୍ଥା ଜାରି ରହିବ। କାରଣ ସମଗ୍ର ବିଶ୍ୱ ଏବେ ଜୀବିକା ଅପେକ୍ଷା ଜୀବନକୁ ଗୁରୁତ୍ୱ ଦେଉଛନ୍ତି। ଆମ ଦେଶ ଓ ଆମ ରାଜ୍ୟ ଏଥିପାଇଁ ଯଥେଷ୍ଟ ପଦକ୍ଷେପ ନେଇଛନ୍ତି। ତେବେ ଶିଳ୍ପ, ବାଣିଜ୍ୟ ସବୁ ବନ୍ଦ ରହିଛି। ଗୋଟେ ବଡ ବିପଦରୁ ଉଦ୍ଧାର ପାଇ ପୁଣି ଗୋଡ ସଳଖିବା ସମସ୍ତଙ୍କ ପାଇଁ କଷ୍ଟସାଧ। ତଥାପି ତାହାରି ଭିତରେ ନୂତନ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ସହିତ ପୁରୁଣା ପ୍ରୋଜେକ୍ଟକୁ ଶେଷ କରାଯିବ। ହେଲେ ବର୍ତ୍ତମାନ ସମୟରେ ଦେଶର ସମସ୍ତ ବଡବଡ ଉଦ୍ୟୋଗ ବନ୍ଦ ଥିବା ଯୋଗୁ ଆମଦାନୀ ହୋଇପାରୁନାହିଁ। ଗୃହ ନିର୍ମାଣ ସାମଗ୍ରୀ ପ୍ରସ୍ତୁତ କରୁଥିବା ଉଦ୍ୟୋଗ ଗୁଡିକ ମଧ୍ୟ ସମସ୍ୟା ଘେରରେ ରହିଛନ୍ତି। ତେଣୁ ଶିଳ୍ପ କାରଖାନା ଚାଲିଲେ ଉତ୍ପାଦ ବାହାରିବା ପରେ ସେମାନେ ନୂଆ ଦର ଧାର୍ଯ୍ୟ କରିପାରନ୍ତି। ତଥାପି ଅନେକ ଗୃହ ନିର୍ମାଣ ସାମଗ୍ରୀର ଦର ନିଶ୍ଚୟ ବଢ଼ିବାର ଆଶଙ୍କା ରହିଛି। ଦର ବୃଦ୍ଧି ଘଟିଲେ ଏହାର ସିଧାସଳଖ ପ୍ରଭାବ ନିର୍ମାଣ କାର୍ଯ୍ୟ ଉପରେ ପଡିବ। ତେଣୁ ପୂର୍ବରୁ ଆକଳନ କରାଯାଇଥିବା ଖର୍ଚ୍ଚ ଏବଂ ଦର ବୃଦ୍ଧି ପରେ ଖର୍ଚ୍ଚ ମଧ୍ୟରେ ବେଶ୍ ତାରତମ୍ୟ ଦେଖାଯିବ। ଯାହାକି ବିଲ୍ଡର ଓ ଗ୍ରାହକଙ୍କ ମଧ୍ୟରେ ଏକ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ।

**ପ୍ର : କରୋନା ପରିପ୍ରେକ୍ଷୀରେ ରାଜ୍ୟକୁ ପ୍ରବାସୀ ଭାରତୀୟ ଓ ଅନ୍ୟ ରାଜ୍ୟରୁ ଓଡ଼ିଶାକୁ ଫେରୁଥିବା ପୁଞ୍ଜିପତିମାନେ ଏଠାରେ ରିଅଲ ଇଷ୍ଟେଟ କ୍ଷେତ୍ରରେ ପୁଞ୍ଜି ବିନିଯୋଗ କରିବାର ଆଶା ଅଛି କି?**

ଉ : ବିଭିନ୍ନ ରାଷ୍ଟ୍ରରୁ ଭାରତକୁ ଫେରିଥିବା ପ୍ରବାସୀ ଭାରତୀୟମାନେ ରିଅଲ ଇଷ୍ଟେଟ କ୍ଷେତ୍ରରେ ପୁଞ୍ଜି ଲଗାଇବାର ଆଶା ରହିଛି। ଏଥିରେ ଓଡ଼ିଶାରେ ମଧ୍ୟ ଏହାର ବ୍ୟାପକତା ଦେଖାଦେବ। ଅନ୍ୟଏକ କାରଣ ହେଉଛି ଯେଉଁମାନେ ପୁଞ୍ଜି ବିନିଯୋଗ କରିବାକୁ ଚାହାନ୍ତି ଅଥଚ ଉଦ୍ୟୋଗ ପ୍ରତିଷ୍ଠା କରିବାକୁ ଚାହାନ୍ତି ନାହିଁ ସେମାନେ ଏ କ୍ଷେତ୍ରରେ ନିଶ୍ଚିତ ଭାବେ ଅର୍ଥ ଲଗାଇବାକୁ ଉଚିତ୍ ମଣିବେ। କାରଣ ବ୍ୟାଙ୍କ ଅପେକ୍ଷା ଏଥିରେ ଅଧିକ ଅର୍ଥ ଉପାର୍ଜନର ସୁଯୋଗ ରହିଛି। ଅନ୍ୟପକ୍ଷରେ ଆମ ରାଜ୍ୟରେ ଯେଉଁ କେତେକ କ୍ଷୁଦ୍ର ଓ ମଧ୍ୟମ ବର୍ଗର ବିଲ୍ଡର ରହିଛନ୍ତି ସେମାନେ କରୋନା ଦ୍ୱାରା ବ୍ୟବସାୟିକ କ୍ଷତିଗ୍ରସ୍ତ ହେଲେ ବ୍ୟବସାୟ ଚଳାଇବାକୁ ଅସମର୍ଥ ହୋଇପଡିବେ। ତେଣୁ ବାହାର ପୁଞ୍ଜି ନିବେଶକାରୀଙ୍କ ଉପରେ ତାଙ୍କର ଆଖି ରହିବ ଏବଂ ସେମାନେ ପ୍ରବାସୀ ଓଡ଼ିଆଙ୍କ ସହଯୋଗ ଲୋଡିବେ। ବ୍ୟବସାୟ ବନ୍ଦ ଅପେକ୍ଷା ସଂସ୍ଥାକୁ ସୁଦୃଢ଼ କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା। ଏହି ଧାରାରେ ହୁଏତ ଆଗାମୀ ଦିନରେ ଓଡ଼ିଶାରେ ରିଅଲ ଇଷ୍ଟେଟ ବ୍ୟବସାୟ ବୃଦ୍ଧି ପାଇପାରେ।

**ପ୍ର : ମହାମାରୀ କରୋନା ହଟିଯିବା ପରେ ରିଅଲ ଇଷ୍ଟେଟ କମ୍ପାନୀ ଗୁଡିକ ଯେବେଠାରୁ କାର୍ଯ୍ୟ ଆରମ୍ଭ କରିବେ ପୂର୍ବଭଳି ସେମାନେ କର୍ମଚାରୀଙ୍କୁ କାର୍ଯ୍ୟରେ ରଖିବେ ନା କିଛି ଛଟେଇ କରିବେ?**

ଉ : ନିର୍ମାଣ କାର୍ଯ୍ୟରେ ସହଯୋଗ କରୁଥିବା କୌଣସି ଶ୍ରମିକ ଓ କର୍ମଚାରୀ ଛଟେଇ ହେବେନାହିଁ। କାରଣ ଏହି କ୍ଷେତ୍ରରେ ଯେଉଁମାନେ କାର୍ଯ୍ୟ କରନ୍ତି ସେମାନେ କମ୍ପାନୀର ଆବଶ୍ୟକତା ଅନୁସାରେ ନିଯୁକ୍ତି ପାଇଥାନ୍ତି। କୌଣସି ରିଅଲ ଇଷ୍ଟେଟ କମ୍ପାନୀ ଅଧିକ କର୍ମଚାରୀ ରଖି ଭାରାକ୍ରାନ୍ତ ହେବାକୁ ଉଚିତ ମଣନ୍ତିନାହିଁ। ବ୍ୟବସାୟ ସମ୍ପ୍ରସାରଣ ପାଇଁ ଯେତିକି ଲୋକଙ୍କର ଆବଶ୍ୟକତା ରହିଛି ସେମାନଙ୍କୁ ଦକ୍ଷତା ଭିତ୍ତିକ କାର୍ଯ୍ୟ ଯୋଗାଇ କମ୍ପାନୀର ସୁପରିଚାଳନା ପାଇଁ ସର୍ବଦା ଉଦ୍ୟମ ହୋଇଥାଏ। ତେବେ ବର୍ତ୍ତମାନ ଦେଶରେ ରେପୋ ରେଟ୍ ହ୍ରାସ ପାଇଛି। ତଥାପି ଭାରତୀୟ ରିଜର୍ଭ ବ୍ୟାଙ୍କ ଛୋଟ ବଡ ରିଅଲ ଇଷ୍ଟେଟ ବ୍ୟବସାୟୀଙ୍କୁ ସହାୟତା ଯୋଗାଇ ଦେବେ। ସେହି ଅନୁସାରେ ବର୍ତ୍ତମାନ ଋଣ ନେଇଥିବା ଅର୍ଥର ମାସିକ କିସ୍ତିକୁ ମଧ୍ୟ ଘୁଞ୍ଚାଇ ଦିଆଯାଇଛି। ଆମ ରାଜ୍ୟରେ ଶ୍ରମିକମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ବହୁବିଧ ଯୋଜନା କରିଛନ୍ତି। ତେଣୁ ଶ୍ରମିକମାନଙ୍କୁ କ୍ଷତି ପହଞ୍ଚିଲା ଭଳି କୌଣସି କାର୍ଯ୍ୟ ହୋଇପାରିବନାହିଁ। ଶ୍ରମିକମାନଙ୍କ ଉନ୍ନତି ନିମନ୍ତେ ସରକାର ମଧ୍ୟ ଶ୍ରମିକ କଲ୍ୟାଣ ପାଣ୍ଠି ଗଠନ କରିଛନ୍ତି। କରୋନା ଯଦିଓ ସମସ୍ତଙ୍କ ପାଇଁ ଅସୁବିଧା ନେଇଆସିଛି ତଥାପି ତା' ଭିତରେ ରିଅଲ ଇଷ୍ଟେଟ ବ୍ୟବସାୟ ପୁଣିଥରେ ଆରମ୍ଭ ହୋଇଗଲେ ଏହି ସମସ୍ୟା ବହୁମାତ୍ରାରେ ଦୂର ହୋଇପାରିବ। ଏ ଦିଗରେ କମ୍ପାନୀର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମଧ୍ୟ ରହିଛି। ସମସ୍ୟା ଯେତେ ବଡ ହେଲେ ବି ଏହାର ସମାଧାନ ପାଇଁ ରାସ୍ତା ରହିଛି। ଆଗାମୀ ଦିନରେ ସମସ୍ୟା ସରିବ ଓ ରିଅଲ ଇଷ୍ଟେଟ କ୍ଷେତ୍ର ପୁଣି ହସି ଉଠିବ ବୋଲି ମୁଁ ଦୃଢ଼ ଆଶାବାଦୀ।



ଓମାକ୍ସ ପ୍ରପର୍ଟିଜ୍ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଇଂ. ମାନସ ରଞ୍ଜନ ମହାନ୍ତିଙ୍କ ସହ ଏକମାତ୍ର ସମ୍ପାଦକ ତାରକ ମହାନ୍ତି।

---

### ବିଭାଗୀୟ ମୁଖ୍ୟ ସଚିବଙ୍କୁ ଅବକାରୀ କମିଶନରଙ୍କ ଚିଠି

## ବଟ୍‌ଲିଂ ପ୍ଲାଣ୍ଟ ଓ ବିୟର ଫ୍ୟାକ୍ଟ୍ରି ଖୋଲିବାକୁ ପ୍ରସ୍ତାବ

**ଭୁବନେଶ୍ୱର :** ଲକ୍‌ଡାଉନ୍ ଯୋଗୁଁ ବନ୍ଦ ଥିବା ରାଜ୍ୟର ବଟ୍‌ଲିଂ ପ୍ଲାଣ୍ଟ ଏବଂ ବିୟର ଫ୍ୟାକ୍ଟ୍ରି ଖୋଲିବା ପାଇଁ ବିଚାର କରିବାକୁ ରାଜ୍ୟ ଅବକାରୀ କମିଶନର ବିଭାଗୀୟ ମୁଖ୍ୟ ସଚିବଙ୍କୁ ଚିଠି ଲେଖିଛନ୍ତି। ଅବକାରୀ କମିଶନର ଚିଠିରେ ଦର୍ଶାଇଛନ୍ତି ଯେ କୋଭିଡ ଗାଇଡଲାଇନ ଅନୁଯାରେ ଗତ ମାର୍ଚ୍ଚ ମାସ ୨୫ ତାରିଖରୁ ରାଜ୍ୟରେ ଥିବା ୧୨ଟି ବଟ୍‌ଲିଂ ପ୍ଲାଣ୍ଟ, ୫ ବ୍ରିଉରିଜ୍ ଓ ୨ଟି ଡିଷ୍ଟିଲିରିଜ୍ ବନ୍ଦ ରହିଛି। ଲକ୍‌ଡାଉନ୍ ନିୟମ କୋହଳ ହେଲାପରେ ଗ୍ରୀନ୍‌ଜୋନ ଅଞ୍ଚଳରେ ମଦ ଦୋକାନଗୁଡ଼ିକ ଖୋଲିବ। ବର୍ତ୍ତମାନ ମଦ ଦୋକାନରେ ଏବଂ ଗୋଦାମରେ ଯେତିକି ମଦ ଉପଲବ୍ଧ ଅଛି ତାହା ଖୁବ୍‌ଶୀଘ୍ର ସରିଯାଇପାରେ। ତେଣୁ ମଦର ଚାହିଦା ପୂରଣ ପାଇଁ ଫ୍ୟାକ୍ଟ୍ରିଗୁଡ଼ିକୁ ଖୋଲିବାର ଆବଶ୍ୟକତା ଦେଖାଦେଇଛି।

## ପରଲୋକରେ ଫକୀର ଚରଣ



**ପୁରୀ :** ବିଶିଷ୍ଟ ସମାଜସେବୀ ତଥା ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଫକୀର ଚରଣ ମହାନ୍ତିଙ୍କର ପୁରୀ ସରକାରୀ ହସ୍ପିଟାଲରେ ଶନିବାର ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୩ ବର୍ଷ ହୋଇଥିଲା। ଅବିଭକ୍ତ କଟକ ଜିଲ୍ଲା ତଥା ବର୍ତ୍ତମାନର ଜଗତସିଂହପୁର ଜିଲ୍ଲା ନାଉଗାଁ ହାଟ ନିକଟ କୋରଣିଆ ଗ୍ରାମରେ ଜନ୍ମିତ ସ୍ୱର୍ଗତ ମହାନ୍ତି ବ୍ୟାଙ୍କ କର୍ମଚାରୀ ଭାବେ ଯେଭଳି ଲୋକପ୍ରିୟ ଥିଲେ ସମାଜର ସବୁ ବର୍ଗରେ ସେଭଳି ଆଦୃତି ଲାଭ କରିଥିଲେ। ଓଡ଼ିଆ ସାହିତ୍ୟ, ସଂସ୍କୃତି, କଳା ପ୍ରତି ରୁଚି ରଖିଥିବା ଫକୀର ଚରଣ ପୁରୀ ନରେନ୍ଦ୍ରକୋଣର ସ୍ଥାୟୀ ବାସିନ୍ଦା। ତାଙ୍କ କର୍ମ ଭୂମି ବରଗଡ ଷ୍ଟେସନ ବଜାର ଅଞ୍ଚଳରେ ସେ ଖୁବ୍ ଜଣାଶୁଣା। ଶ୍ୱାସ ସମସ୍ୟା ଯୋଗୁ ତାଙ୍କୁ ଗତକାଲି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ତାଙ୍କୁ ବଞ୍ଚାଇ ପାରିନଥିଲେ। ମୃତ୍ୟୁଶଯ୍ୟା ନିକଟରେ ଝିଅ, ଜ୍ୱାଇଁ, ପୁତୁରା, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ ଓ ସମ୍ପର୍କୀୟମାନେ ଉପସ୍ଥିତ ରହିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ବେଳେ ବଡପୁତ୍ର ତାପସ କୁମାର ମହାନ୍ତି ମୁଖାଗ୍ନି ଦେଇଥିଲେ।

PLOT FOR SALE
MOUZA:BHOLA

N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

PLOT FOR SALE

MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455


30ft Internal Road
Mouza : Pandiapada
Contact Immediately :
8658607286 / 8917571455

PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455


Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** — ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର
Managing Editor : **Laxmipriya Dash** — ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty** — ସମ୍ପାଦକ : ତାରକ ମହାନ୍ତି